


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ଯା ଦେବୀ ସର୍ବଭୂତେଷୁ...

ବାଲେଶ୍ୱର ❑ ଶୁକ୍ରବାର ୦୭ ଅଗଷ୍ଟ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 07 August 2026

Vol.No. 36 ■ No.206 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ରଥ ସଂଖ୍ୟା)

ଡିଜିଟାଲ ଫର୍ମାଟରେ

ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net


## ଜେନ୍ ଜି ଦେଶବିରୋଧୀ ନୁହନ୍ତି : ମୋହନ ଭାଗବତ



ନୂଆଦିଲ୍ଲୀ,୬/୮ : ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ମୁଖ୍ୟ ମୋହନ ଭାଗବତ ଆଜି ମୁମ୍ବାଇରେ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବା ସମୟରେ ଜନ୍ତର ମନ୍ତର ଆନ୍ଦୋଳନ ଏବଂ ଜେନ୍ ଜି ମାନଙ୍କ ବିଷୟରେ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇ କହିଛନ୍ତି ଯେ ଯଦି ଜେନ୍ ଜି ଆନ୍ଦୋଳନ କରୁଛନ୍ତି ତେବେ ସେମାନଙ୍କୁ ଦେଶବିରୋଧୀ ବୋଲି କହିବା ଠିକ୍ ନୁହେଁ। ଭାଗବତ କହିଛନ୍ତି, ଏହି ପିଢ଼ି ପୂର୍ବ ପିଢ଼ିଠାରୁ ଭିନ୍ନ ଏବଂ ଏମାନେ ପ୍ରତ୍ୟେକ କଥାର ଯୁକ୍ତିସଙ୍ଗତ ଉତ୍ତର ଚାହାନ୍ତି। ଜେନ୍ ଜିଙ୍କ ଉପରେ ବିଶ୍ୱାସ ପ୍ରକଟ କରି ଭାଗବତ କହିଛନ୍ତି, ଆମେ ଜେନ୍ ଜି ବୟସରେ ଥିବାବେଳେ ବଡ଼ମାନଙ୍କ କଥା ବିନା ପ୍ରଶ୍ନରେ ମାନୁଥିଲୁ। କିନ୍ତୁ ଆଜିର ଜେନ୍ ଜି ପ୍ରତ୍ୟେକ କଥାର ଯୁକ୍ତିସଙ୍ଗତ ଉତ୍ତର ଚାହୁଛନ୍ତି। ଏହାର ପ୍ରତିବାଦ କରିବାର ମାନେ ନୁହେଁ ଯେ ସେମାନେ ଦେଶ ବିରୋଧୀ। ସେମାନେ ଆମର ନିଜ ଲୋକ, ଆମର ପରବର୍ତ୍ତୀ ପିଢ଼ି। ବର୍ତ୍ତମାନ ପିଢ଼ିଠାରୁ ଜେନ୍ ଜି ଏବଂ ଜେନ୍ ଆଲଫାମାନେ ଅଧିକ ସଚ୍ଚୋଟ। ମୁଁ ସେମାନଙ୍କୁ ଅନ୍ଧ ଭାବେ ବିଶ୍ୱାସ କରୁଛନ୍ତି ବୋଲି ଭାଗବତ କହିଛନ୍ତି। ଦେଶପ୍ରେମ ଓ ସମାଜସେବାର ସତ୍ୟନିଷ୍ଠ ବାର୍ତ୍ତା ସେମାନଙ୍କୁ ପ୍ରଭାବିତ କରିପାରେ ବୋଲି ଭାଗବତ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଜନ୍ତର ମନ୍ତର ଆନ୍ଦୋଳନ ଏବଂ ଦିଲ୍ଲୀରେ ଛାତ୍ରଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଏବଂ ପେଲେଟ୍ ଗନ୍ ବ୍ୟବହାର ସଂକ୍ରାନ୍ତରେ ଭାଗବତ କହିଛନ୍ତି, ଲାଠିଚାର୍ଜ କାହିଁକି ହେଲା ଏବଂ ପେଲେଟ୍ ଗନ୍ କାହିଁକି ବ୍ୟବହାର କରାଗଲା, ଏହାର କାରଣ ଅଧ୍ୟୟନ କରିବା ଆବଶ୍ୟକ। ଭାଗବତ କହିଛନ୍ତି, ଶିକ୍ଷା ବ୍ୟବସ୍ଥାରେ କେବଳ ଗୋଟିଏ କିମ୍ବା ଦୁଇଟି ପରିବର୍ତ୍ତନ ପର୍ଯ୍ୟାପ୍ତ ନୁହେଁ। ଏଥିରେ ବ୍ୟାପକ ସଂସ୍କାରର ଆବଶ୍ୟକତା ରହିଛି। ଶିକ୍ଷାକୁ ବ୍ୟବସାୟରେ ପରିଣତ କରାଯିବା ଉଚିତ ନୁହେଁ। ସମସ୍ତଙ୍କୁ ସୁଲଭ ଶିକ୍ଷା ମିଳିବା ଦରକାର। ଭାରତର ବଜେଟରେ ଶିକ୍ଷା ପାଇଁ ବ୍ୟୟ ୬ ପ୍ରତିଶତ ପର୍ଯ୍ୟନ୍ତ ବଢ଼ାଇବା ଉଚିତ। ବିଦ୍ୟାଳୟ ବିକାଶରୁ ଆରମ୍ଭ କରି ଗୁଣାତ୍ମକ ଶିକ୍ଷା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଜନସାଧାରଣଙ୍କ ଅଂଶଗ୍ରହଣ ଆବଶ୍ୟକ। ଶିକ୍ଷକମାନଙ୍କ ପ୍ରଶିକ୍ଷଣ ଉପରେ ଅଧିକ ଗୁରୁତ୍ୱ ଦେବା ଦରକାର। ସୋସିଆଲ ମିଡିଆର ବ୍ୟବହାର ସମ୍ପର୍କରେ ସେ କହିଛନ୍ତି, ସୋସିଆଲ ମିଡିଆ ପ୍ରତି ଆମର ଦୃଷ୍ଟିଭଙ୍ଗୀ ବଦଳାଇବା ଆବଶ୍ୟକ। ଆତ୍ମଶୃଙ୍ଖଳା ଜରୁରୀ। ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ଲଗାଇବାର ଆବଶ୍ୟକତା ନାହିଁ। ସେହିପରି ପାକିସ୍ତାନ ଓ ଚୀନ୍ ପ୍ରସଙ୍ଗରେ ଭାଗବତ କହିଛନ୍ତି, ସଂଘର୍ଷ ସମୟରେ ସରକାର ଯେଉଁ ପଦକ୍ଷେପ ନେଉଛନ୍ତି, ତାହାକୁ ସମର୍ଥନ କରିବା ଉଚିତ।

◆◆ପୃଷ୍ଠା ୭

## ତେଜପାଲଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ: ବମ୍ବେ ହାଇକୋର୍ଟଙ୍କ ବଡ଼ ଶୁଣାଣି

ନୂଆଦିଲ୍ଲୀ,୬/୮ : ବମ୍ବେ ହାଇକୋର୍ଟର ଗୋଆ ପୀଠ ଯୌନ ନିର୍ଯାତନା ମାମଲାରେ ତେହଲକାର ପୂର୍ବତନ ମୁଖ୍ୟ ସମ୍ପାଦକ ତରୁଣ ତେଜପାଲଙ୍କୁ ଦୋଷୀ ଘୋଷଣା କରି ୧୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହି ରାୟ ଜଷ୍ଟିସ୍ ନୀଲା ଗୋଖଲେ ଓ ଜଷ୍ଟିସ୍ ଅମିତ ଜାମସାଣ୍ଡେକରଙ୍କ ଖଣ୍ଡପୀଠ ଗୋଆ ସରକାରଙ୍କ ଆବେଦନ ଉପରେ ଶୁଣାଣି କରି ଦେଇଛନ୍ତି । ହାଇକୋର୍ଟ ମାପୁସା ସେସନ୍ସ କୋର୍ଟର ୨୦୨୧ ମସିହାରେ ତରୁଣ ତେଜପାଲଙ୍କୁ ସମସ୍ତ ଅଭିଯୋଗରୁ ମୁକ୍ତ କରାଯାଇଥିଲା । ବର୍ତ୍ତମାନ ହାଇକୋର୍ଟ ତାଙ୍କ ବିରୋଧରେ ଥିବା ଅଭିଯୋଗଗୁଡ଼ିକୁ ପୁନଃବିଚାର କରି ଦୁଷ୍କର୍ମ ଓ ଅନ୍ୟାନ୍ୟ ସମ୍ପର୍କିତ ଧାରା ଅନୁଯାୟୀ ଦୋଷୀ ମାନିଛନ୍ତି । ଗୋଆ ସରକାର ୨୦୨୧ରେ ସେସନ୍ସ କୋର୍ଟର ରାୟ ବିରୋଧରେ ହାଇକୋର୍ଟରେ ଅପିଲ୍ କରିଥିଲେ । ସରକାରଙ୍କ ଯୁକ୍ତି ଥିଲା ଯେ ନିମ୍ନ ଅଦାଲତ ମାମଲାର ତଥ୍ୟ ଓ ପ୍ରମାଣକୁ ଠିକ୍ ଭାବରେ ମୂଲ୍ୟାୟନ କରିନଥିଲା । ଏହି ମାମଲା ୨୦୧୩ ନଭେମ୍ବର ମାସର । ଅଭିଯୋଗ ଅନୁସାରେ, ଗୋଆରେ ଆୟୋଜିତ ଏକ କାର୍ଯ୍ୟକ୍ରମ ସମୟରେ ଏକ ପଞ୍ଚତାରକା ହୋଟେଲର ଲିଫ୍ଟ ଭିତରେ ତରୁଣ ତେଜପାଲ ତାଙ୍କ ଜଣେ ଜୁନିୟର ମହିଳା ସହକର୍ମୀଙ୍କ ସହ ଯୌନ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା । ମାମଲା ସାମ୍ନାକୁ ଆସିବା ପରେ ତରୁଣ ତେଜପାଲ ତେହଲକାର ସମ୍ପାଦକ ପଦରୁ ଅସ୍ଥାୟୀ ଭାବେ ଦୂରେଇ ଯାଇଥିଲେ। ୨୦୧୩ ମସିହାରେ ଗୋଆ ପୋଲିସ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିଲା । ଏହି ମାମଲା ଦୀର୍ଘ ସମୟ ଧରି ଆଇନଗତ ପ୍ରକ୍ରିୟା ମଧ୍ୟରେ ରହିଥିଲା । ସୂଚନା ଯୋଗ୍ୟଯେ ତରୁଣ ତେଜପାଲ ଜଣେ ପ୍ରସିଦ୍ଧ ସାମ୍ବାଦିକ ଓ ଲେଖକ ଭାବେ ପରିଚିତ । ସେ ୨୦୦୦ ମସିହାରେ ତେହଲକା ପତ୍ରିକାର ସ୍ଥାପନା କରିଥିଲେ । ତାଙ୍କ ବିରୋଧରେ ଆସିଥିବା ଏହି ମାମଲା ଭାରତୀୟ ମିଡିଆ ଜଗତରେ ବ୍ୟାପକ ଚର୍ଚ୍ଚା ସୃଷ୍ଟି କରିଥିଲା ।

## ଓଡ଼ିଶାର ଆଇନଶୃଙ୍ଖଳାକୁ ନେଇ ବଡ଼ ପ୍ରଶ୍ନ: ଟାର୍ଗେଟ୍‌ରେ ନେତା, ବଢୁଛି ହତ୍ୟା

ଭୁବନେଶ୍ୱର, ୦୬/୮ (ନି.ପ୍ର): ଓଡ଼ିଶାରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଏବେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ରାଜ୍ୟରେ ଜନତା ତ ଦୂରର କଥା, ଏବେ ନେତାମାନେ ମଧ୍ୟ ନିଜକୁ ସୁରକ୍ଷିତ ମଣୁନାହାନ୍ତି । ବିଶେଷ କରି ଶାସକ ଦଳର ନେତାମାନଙ୍କୁ ଦିନ ଦ୍ୱିପ୍ରହରରେ କିମ୍ବା ଅନ୍ଧାରୁଆ ରାସ୍ତାରେ ଟାର୍ଗେଟ୍ କରାଯାଇ ହତ୍ୟା କରାଯାଉଥିବା ଅଭିଯୋଗ ହେଉଛି । ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ମଦନପୁର ରାମ୍ପୁର ଥାନା ଅନ୍ତର୍ଗତ ଡମକରଲାଖୁଣ୍ଟା ପଞ୍ଚାୟତରେ। ସେଠାକାର ସରପଞ୍ଚ ସ୍ନିଗ୍ଧା ରଣାଙ୍କ ସ୍ୱାମୀ ତଥା ଅଞ୍ଚଳର ବରିଷ୍ଠ ବିଜେପି ନେତା ଫକୀର ରଣାଙ୍କୁ କିଛି ଦୁର୍ବୃତ୍ତ ନୃଶଂସ ଭାବେ ହତ୍ୟା କରିଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ଗତକାଲି ରାତି ପ୍ରାୟ ୮ଟା ସମୟରେ ଫକୀର ରଣା ଡମକରଲାଖୁଣ୍ଟା ପଞ୍ଚାୟତ କାର୍ଯ୍ୟାଳୟ ପଛପଟେ ଥିବା ଏକ ଅନ୍ଧାରୁଆ ରାସ୍ତା ଦେଇ ନିଜ ବାଇକ୍‌ରେ ଘରକୁ ଫେରୁଥିଲେ। ଏହି ସମୟରେ ପୂର୍ବରୁ ଛକି ବସିଥିବା ଦୁର୍ବୃତ୍ତମାନେ ତାଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ମଦନପୁର ରାମ୍ପୁର ଡାକ୍ତରଖାନାକୁ ନିଆଯାଇଥିଲା, ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ତୀବ୍ର ଉତ୍ତେଜନା ସହ ଶୋକର ଛାୟା ଖେଳିଯାଇଛି। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ଘଟାଯାଇଛି। ବର୍ତ୍ତମାନ କେସିଙ୍ଗା ଏସଡିପିଓ ସନ୍ଦୀପ ମାଝୀଙ୍କ ତତ୍ତ୍ୱାବଧାନରେ ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ସନ୍ଦେହରେ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି ।

◆◆ପୃଷ୍ଠା ୭

## ଜଳବନ୍ଦୀରୁ ମିଳିନି ମୁକ୍ତି: ପୁଣି ବାଲେଶ୍ୱରବାସୀଙ୍କୁ ଡରାଇଲାଣି ବର୍ଷା ଭୟ, ମିଳୁନି ସହାୟତା



ବାଲେଶ୍ୱର, ୬/୮ (ନି.ପ୍ର): ବର୍ଷା କଥା ଶୁଣିଲେ ଡରି ଯାଉଛନ୍ତି ବାଲେଶ୍ୱର ସହର ବାସୀ। ଜଳବନ୍ଦୀ ଅବସ୍ଥାରୁ ମାତ୍ର ଦିନ କେଇଟା ଆଗରୁ ମୁକୁଳିଥିବା ବେଳେ ପୁଣି ବର୍ଷା ସୂଚନା ଲୋକଙ୍କୁ ଭୟଭୀତ କଲାଣି। ବର୍ଷାରେ ଲୋକଙ୍କ ଜିନିଷପତ୍ର ସବୁ ନଷ୍ଟ ହେଇଯାଇଛି। ଦିନ ଦିନ ଧରି ଜଳ ଘେରରେ ଥିବା ବେଳେ ସହାୟତା ଠାରୁ ବହୁ ଦୂରରେ ସହର ବାସୀ। ବଢୁଛି ଅସନ୍ତୋଷ। କେବେ ଜଳବନ୍ଦୀ ଅବସ୍ଥାରୁ ମିଳିବ ମୁକ୍ତି ତାକୁ ଅପେକ୍ଷା। ଗତ ୨୮ ତାରିଖରେ ବୁଡ଼ିଥିଲା ପୂରା ସହର। ଘରେ, ଦୋକାନରେ ଆଉ ହୋଟେଲରେ ପଶିଥିଲା ପାଣି। କୋଟି କୋଟି ଟଙ୍କାର କ୍ଷତି ହେଲା। ପାଣି ଛାଡ଼ିଥିଲେ ବି ଅନେକ ଘରେ ଏବେ ବି ପାଣି ଘେରରେ। ନିଜ ଘର ଛାଡ଼ି ଅନ୍ୟତ୍ର ରହିବାକୁ ଚାଲି ଯାଉଛନ୍ତି ଲୋକେ। ଏଭଳି ଅବସ୍ଥାରୁ ବାହାରିଛନ୍ତି କି ନାହିଁ ପୁଣି ବର୍ଷାର ସତର୍କ ସୂଚନା ଭୟ ବଢ଼ାଇ ଦେଇଛି। ପୁଣି ଛୁଆପିଲା ଧରି ଲୋକେ କୁଆଡ଼େ ଯିବେ। ସେଇ ଚିନ୍ତାରେ। ଲୋକଙ୍କ ଅସନ୍ତୋଷ ଆନ୍ଦୋଳନରେ ପରିଣତ ହେଲାଣି। ଲୋକେ ରାସ୍ତାରୋକ୍ କରି ପ୍ରତିବାଦ ମଧ୍ୟ କଲେଣି। କିନ୍ତୁ ସ୍ଥାୟୀ ସମାଧାନ ହୋଇପାରି ନାହିଁ। ଅଳ୍ପ କିଛି ଘଣ୍ଟା ବର୍ଷା ହେଲେ ଘର ଆଗରେ ପାଣି ସୁଅ ଚାଲୁଛି। ଲୋକେ ଅସୁସ୍ଥ ହେଲେଣି। ଥଣ୍ଡା ଜ୍ୱର ଛାଡୁନି। ଏଭଳି ଯନ୍ତ୍ରଣାରେ ଲୋକେ ହନ୍ତସନ୍ତ ହେଉଛନ୍ତି। ନା ସରକାରୀ ସହାୟତା ନା ଖାଦ୍ୟ ପାଣିର ବ୍ୟବସ୍ଥା। ୧୫ ଦିନ ପରେ ଭାତ ରାନ୍ଧି ଖାଇଛୁ। ପୁଣି କେବେ ରାନ୍ଧି ଖାଇବୁ ବୋଲି ଦୁଃଖର ସହ କହିଛନ୍ତି ସ୍ଥାନୀୟ ବାସିନ୍ଦା। ଅପରପକ୍ଷରେ ସହରର ପ୍ରମୁଖ ଡ୍ରେନର ପୁନରୁଦ୍ଧାର ପାଇଁ କାମ ହାତକୁ ନିଆଯାଇଛି। ୮କୋଟି ୫୦ଲକ୍ଷ ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ ହୋଇଛି। ଏ ସମସ୍ୟା ଦୀର୍ଘଦିନର, ତେଣୁ ସମୟ ଲାଗିବ ବୋଲି ସଦର ବିଧାୟକ କହିଛନ୍ତି।

## ୱାଇ ବି ଖୁରାନିଆଙ୍କ ପରେ କିଏ ହେବେ ରାଜ୍ୟର ପୁଲିସ ମୁଖିଆ: ଆଜି ଦିଲ୍ଲୀରେ ବସିବ ବଡ଼ ବୈଠକ



ଭୁବନେଶ୍ୱର, ୦୬/୮ (ନି.ପ୍ର): କିଏ ହେବେ ରାଜ୍ୟର ନୂଆ ଡିଜିପି ? ଦୀର୍ଘ ଦିନ ଧରି ଲାଗି ରହିଥିବା ଚର୍ଚ୍ଚା ଭିତରେ ଆସନ୍ତାକାଲି ବସିବାକୁ ଯାଉଛି ୟୁପିଏସ୍‌ସିର ଗୁରୁତ୍ୱପୂର୍ଣ୍ଣ ବୈଠକ। ରାଜ୍ୟ ପଠାଇଥିବା ୧୧ ଆଇପିଏସ୍‌ଙ୍କ ନାଁ ଭିତରୁ ତିନି ଜଣଙ୍କ ନାଁ ରାଜ୍ୟ ସରକାରଙ୍କ ପାଖକୁ ପଠାଇବ ୟୁପିଏସ୍‌ସି। ଚର୍ଚ୍ଚା ହେଉଛି ନୂଆ ଡିଜିପି ଭୂମିକାରେ ଜଣେ ଦକ୍ଷ ଓ ଅଭିଜ୍ଞତା ଥିବା ବ୍ୟକ୍ତିଙ୍କୁ ଚାହୁଛନ୍ତି ସରକାର। ଯିଏ ସରକାର ଓ ସାଧାରଣ ଲୋକଙ୍କ ମଧ୍ୟରେ ସମନ୍ୱୟ ରଖିବା ସହ ରାଜ୍ୟ ଆଇନଶୃଙ୍ଖଳା ନିୟନ୍ତ୍ରଣରେ ଗୁରୁଦାୟିତ୍ୱ ତୁଲାଇ ପାରିବ। ଆସନ୍ତା ୧୬ ତାରିଖରେ ଅବସର ନେବେ ବର୍ତ୍ତମାନର ପୁଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆ। ଦୁଇ ବର୍ଷ ଧରି ପୁଲିସ ବିଭାଗର ନେତୃତ୍ୱ ନେବା ପରେ ଏବେ ତାଙ୍କ ସ୍ଥାନ କିଏ ନେବ ? ଏହାକୁ ନେଇ ପାୱାର କରିଡରରେ ଜୋରସୋରରେ ଚର୍ଚ୍ଚା।

◆◆ପୃଷ୍ଠା ୭

## ପ୍ରଥମ ଶ୍ରେଣୀ ବହିରେ ତ୍ରୁଟି ଅଭିଯୋଗକୁ ଗଣଶିକ୍ଷା ମନ୍ତ୍ରୀଙ୍କ ଖଣ୍ଡନ

ଭୁବନେଶ୍ୱର, ୬/୮ (ନି.ପ୍ର): ପ୍ରଥମ ଶ୍ରେଣୀ ବହିରେ ତ୍ରୁଟି ଅଭିଯୋଗକୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ ପ୍ରଥମ ଶ୍ରେଣୀ ବହିରେ ଯେଉଁ ତ୍ରୁଟି କଥା କୁହାଯାଉଛି ସେଭଳି ତ୍ରୁଟି ହୋଇନି। ଖୁବଶୀଘ୍ର ପିଲାଙ୍କୁ ନୂଆ ସଠିକ୍ ବହି ଯୋଗାଇ ଦିଆଯିବ। ଅନ୍ୟପକ୍ଷରେ ନିମୁଡ଼ା ନିମୁଡ଼ା ଗୀତକୁ ଯେଉଁଭଳି ପ୍ରଦର୍ଶନ କରାଯାଉଛି, ତାହା ଭୁଲ। ଜାତୀୟ ଶିକ୍ଷାନୀତି ଅନୁସାରେ ଅନ୍ୟ ରାଜ୍ୟର ଗୀତକୁ ବି ସ୍ଥାନ ଦିଆଯାଇଛି। ସୂଚନାଯୋଗ୍ୟ ଯେ ପ୍ରଥମ ଶ୍ରେଣୀରେ ବହିରେ ତ୍ରୁଟି ଅଭିଯୋଗରେ ଯଥାର୍ଥତା ନାହିଁ ବୋଲି ଗତକାଲି ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଥିଲା।

## ଆଞ୍ଚଳିକ ଦଳ ଚାନ୍ଦା ତାଲିକାରେ ଡିଏମକେ ପ୍ରଥମ, ଟିଏମସି ଦ୍ୱିତୀୟ



ନୂଆଦିଲ୍ଲୀ,୬/୮ : ଆସୋସିଏସନ ଫର ଡେମୋକ୍ରାଟିକ ରିଫର୍ମସ (ଏଡିଆର) ପକ୍ଷରୁ ପ୍ରକାଶିତ ଏକ ନୂତନ ବିଶ୍ଳେଷଣାତ୍ମକ ରିପୋର୍ଟ ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷରେ 'ଅଲ ଇଣ୍ଡିଆ ତୃଣମୂଳ କଂଗ୍ରେସ' (ଏଆଇଟିସି) ଦେଶର ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଦ୍ୱିତୀୟ ସର୍ବାଧିକ ରାଜନୈତିକ ଚାନ୍ଦା ହାସଲ କରିଛି। ଏହି ସମୟ ମଧ୍ୟରେ ଦଳ ମୋଟ ୧୮୪.୯୬ କୋଟି ଟଙ୍କାର ଚାନ୍ଦା ପାଇଥିବା ବେଳେ ଆଂଚଳିକ ଦଳ ତାଲିକାରେ ଡିଏମ୍‌କେ ସବୁଠାରୁ ଆଗରେ ରହିଛି। ଭାରତୀୟ ନିର୍ବାଚନ କମିସନ(ଇସିଆଇ)ଙ୍କ ତଥ୍ୟକୁ ଆଧାର କରି ପ୍ରସ୍ତୁତ ଏହି ରିପୋର୍ଟରେ ଦର୍ଶାଯାଇଛି ଯେ ୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷ ମଧ୍ୟରେ ଆଂଚଳିକ ରାଜନୈତିକ ଦଳଗୁଡ଼ିକ ୨୦,୦୦୦ ଟଙ୍କାରୁ ଅଧିକ ମୂଲ୍ୟର ମୋଟ ୮,୧୫୮ଟି ଚାନ୍ଦା ଘୋଷଣା କରିଛନ୍ତି, ଯାହାର ମୋଟ ପରିମାଣ ୧,୩୯୯.୨୪୯ କୋଟି ଟଙ୍କା ଅଟେ। ରିପୋର୍ଟ ଅନୁଯାୟୀ, ଚାନ୍ଦା ବୃଦ୍ଧି ମୂଲ୍ୟ ଦୃଷ୍ଟିରୁ ଡିଏମ୍‌କେ ୨୦୨୩-୨୪ ଆର୍ଥିକ ବର୍ଷରେ ୨୧.୫୨ କୋଟି ଟଙ୍କା ଥିବା ବେଳେ ୨୦୨୪-୨୫ ବର୍ଷରେ ୩୪୪.୨୨୨ କୋଟି ଟଙ୍କା ବୃଦ୍ଧି ପାଇ ମୋଟ ୩୬୫.୭୮୪ କୋଟି ଟଙ୍କାରେ ପହଞ୍ଚିଛି। ଅପରପକ୍ଷରେ, ତୃଣମୂଳ କଂଗ୍ରେସର ଚାନ୍ଦା ପରିମାଣରେ ଦ୍ୱିତୀୟ ସର୍ବାଧିକ ବୃଦ୍ଧି ଘଟିଛି। ଦଳର ଚାନ୍ଦା ପରିମାଣ ୨୦୨୩-୨୪ ଆର୍ଥିକ ବର୍ଷରେ ମାତ୍ର ୬.୪୨୪ କୋଟି ଟଙ୍କା ଥିବା ବେଳେ ୨୦୨୪-୨୫ ବର୍ଷରେ ଏହା ୧୭୮.୫୩୬ କୋଟି ଟଙ୍କା ବୃଦ୍ଧି ପାଇ ମୋଟ ୧୮୪.୯୬ କୋଟି ଟଙ୍କା ହୋଇଛି। ୨୦୨୪-୨୫ ବର୍ଷରେ ରାଜନୈତିକ ପାଣ୍ଠି ଗ୍ରହଣ କରିବାରେ କେତେକ ନିର୍ଦ୍ଦିଷ୍ଟ ଆଞ୍ଚଳିକ ଦଳ ପ୍ରାଧାନ୍ୟ ବିସ୍ତାର କରିଥିବା ଏହି ରିପୋର୍ଟରୁ ସ୍ପଷ୍ଟ ଜଣାପଡ଼ିଛି। ଶୀର୍ଷ ପାଞ୍ଚଟି ଆଞ୍ଚଳିକ ପାଣ୍ଠି ଗ୍ରହଣକାରୀ ଦଳ ଯଥା ଡିଏମକେ, ଏଆଇଟିସି, ୱାଇଏସ୍‌ଆର କଂଗ୍ରେସ, ଟିଡିପି ଏବଂ ଏଆଇଏଡିଏମ୍‌କେ ମୋଟ ୮୪୦.୧୨୬୪ କୋଟି ଟଙ୍କା ପାଇଛନ୍ତି, ଯାହାକି ସେହି ସମୟ ମଧ୍ୟରେ ସମସ୍ତ ଆଞ୍ଚଳିକ ଦଳ ପାଇଥିବା ମୋଟ ଚାନ୍ଦାର ୭୯.୯ ପ୍ରତିଶତ ଅଟେ।

## ବିପର୍ଯ୍ୟୟରୁ ବର୍ତ୍ତିବାକୁ ଓଡ଼ିଶା ସରକାରଙ୍କ ବଡ଼ ପଦକ୍ଷେପ: ଉପକୂଳରେ ଲାଗିବ ହାଇଟେକ୍ ଟାୱାର



ଭୁବନେଶ୍ୱର, ୦୬/୮ (ନି.ପ୍ର): ଓଡ଼ିଶାର ୫୭୩ କିଲୋମିଟର ଦୀର୍ଘ ଉପକୂଳରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଏବଂ ପୂର୍ବ ସୂଚନା ପ୍ରଦାନ ପାଇଁ ରାଜ୍ୟ ସରକାର ଏକ ବ୍ୟାପକ ଯୋଜନା ପ୍ରସ୍ତୁତ କରିଛନ୍ତି । ବର୍ତ୍ତମାନ ଉପକୂଳବର୍ତ୍ତୀ ଅଞ୍ଚଳରେ ଥିବା ୧୨୨ଟି ଟାୱାରକୁ ଆହୁରି ଅତ୍ୟାଧୁନିକ କରାଯିବ । ସେଥିମଧ୍ୟରୁ ୪୦ଟି ବଡ଼ ଟାୱାରରେ ସାଇରନ୍ ସିଷ୍ଟମ୍ ଲାଗିଥିବା ବେଳେ ଏବେ ସବୁ ଟାୱାରରେ କ୍ୟାମେରା ସହ ଅତ୍ୟାଧୁନିକ ସେନ୍ସର ଖଞ୍ଜାଯିବ । ଗୋଆ ଏବଂ କେରଳରୁ ଅଭିଜ୍ଞ ଅଧିକାରୀମାନେ ଆସି ଏହାର ସମୀକ୍ଷା କରିବା ସହ ଏକ ବିଶେଷ ରିପୋର୍ଟ ପ୍ରଦାନ କରିଛନ୍ତି। ଏହି ବ୍ୟବସ୍ଥା ଦ୍ୱାରା ଡାଟା ଟ୍ରାନ୍ସଫର ଏବଂ ସୂଚନା ପ୍ରସାରଣ କ୍ଷେତ୍ରରେ ବଡ଼ ସଂସ୍କାର ଆସିବା ସହ ସେଟେଲାଇଟ୍ ମାଧ୍ୟମରେ ପବନର ଗତି ଏବଂ ବାତ୍ୟା ସମ୍ପର୍କିତ ଖବର ତୁରନ୍ତ ମିଳିପାରିବ । ଏହି ନୂତନ ସିଷ୍ଟମକୁ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲା ଏବଂ ୩୧୪ଟି ବ୍ଲକରେ କାର୍ଯ୍ୟକାରୀ କରାଯିବ। ଏହା ଦ୍ୱାରା ସହରାଞ୍ଚଳରେ କେଉଁ ଅଞ୍ଚଳରେ କେତେ ପରିମାଣର ବର୍ଷା ହେବ, ତାହାର ସଠିକ୍ ପୂର୍ବାନୁମାନ ମଧ୍ୟ ମିଳିପାରିବ। ବାତ୍ୟା ଓ ବର୍ଷା ସୂଚନା ପହଞ୍ଚାଇବା ପାଇଁ ଏହି ଅତ୍ୟାଧୁନିକ ବ୍ୟବସ୍ଥା ବେଶ୍ ସହାୟକ ହେବ। ଏହାସହ ସହରାଞ୍ଚଳରେ ବଜ୍ରପାତ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ବିକଳ୍ପ ସୁରକ୍ଷା ବ୍ୟବସ୍ଥା ପ୍ରସ୍ତୁତ କରାଯାଉଛି । ଅନ୍ୟପଟେ ବଜ୍ରପାତରୁ ଚାଷୀ ଏବଂ ସାଧାରଣ ଲୋକଙ୍କୁ ରକ୍ଷା କରିବା ପାଇଁ ସରକାର ତାଳ ଗଛ ଲଗାଇବା ଅଭିଯାନକୁ ଗୁରୁତ୍ୱ ଦେଇଛନ୍ତି । ରାଜସ୍ୱ ବିଭାଗ ପକ୍ଷରୁ ଏହି କାର୍ଯ୍ୟ ପାଇଁ ଜଙ୍ଗଲ ବିଭାଗକୁ ୩୫ କୋଟି ଟଙ୍କା ପ୍ରଦାନ କରାଯାଇଛି । ଓଡ଼ିଶାରେ ଥିବା ପ୍ରାୟ ୧ କୋଟି ୭୧ ଲକ୍ଷ ଜମି ପଟାରେ ତାଳ ଗଛ ଲଗାଯିବାର ଲକ୍ଷ୍ୟ ରଖାଯାଇଛି । ଜମି ମାଲିକମାନଙ୍କୁ ତାଳ ଗଛ ଚାରା ଯୋଗାଇ ଦିଆଯିବା ସହ ଏହାକୁ ଲଗାଇବା ପାଇଁ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯିବ। ତାଳ ଗଛଗୁଡ଼ିକ ପ୍ରାକୃତିକ ବଜ୍ରପାତ ନିରୋଧକ ଭାବେ କାମ କରୁଥିବାରୁ ଏହା ଚାଷୀମାନଙ୍କୁ ଜମିରେ ସୁରକ୍ଷା ପ୍ରଦାନ କରିବାରେ ସଫଳ ହେବ ଏବଂ ଜୀବନହାନି ହ୍ରାସ ପାଇବ ।

## ଅଗଷ୍ଟ ୧୯ ଯାଏଁ ସ୍ୱତନ୍ତ୍ର ସଘନ ସଂଶୋଧନ ଦାବି, ଆପତ୍ତି ଓ ଶୁଣାଣି ଆବେଦନ

ଭୁବନେଶ୍ୱର, ୬/୮ (ନି.ପ୍ର): ରାଜ୍ୟରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ପ୍ରକ୍ରିୟା ବର୍ତ୍ତମାନ ଚୂଡ଼ାନ୍ତ ପର୍ଯ୍ୟାୟ ଆଡ଼କୁ ଆଗେଇ ଚାଲିଛି। ଏହି ପରିପ୍ରେକ୍ଷୀରେ ଦାବି, ଆପତି ଓ ଶୁଣାଣି ପ୍ରକ୍ରିୟା ଜୋରଦାର ଜାରି ରହିଥିବା ବେଳେ ଆସନ୍ତା ଅଗଷ୍ଟ ୧୯ ତାରିଖ ମଧ୍ୟରେ ଯୋଗ୍ୟ ନାଗରିକମାନେ ଆବେଦନ କରିପାରିବେ। ଗୁରୁବାର ସୁଦ୍ଧା ମୋଟ ୫୮ ଲକ୍ଷ ୩୬ ହଜାର ୪୩୦ ଜଣ ଭୋଟରଙ୍କ ନାମରେ ନୋଟିସ ଜାରି କରାଯାଇଛି। ସେଥିମଧ୍ୟରୁ ୫୭ ଲକ୍ଷ ୭୭ହଜାର ୫୬୫ଜଣ ଭୋଟରଙ୍କୁ ସଫଳତାର ସହ ନୋଟିସ ପ୍ରଦାନ କରାଯାଇସାରିଛି। ଅନ୍ୟପଟେ ନୋଟିସ ପାଇଥିବା ଭୋଟରଙ୍କ ମଧ୍ୟରୁ ୩୦ଲକ୍ଷ ୧୧ ହଜାର ୫୮୭ ଜଣଙ୍କର ଶୁଣାଣି କାର୍ଯ୍ୟ ଶେଷ ହୋଇଛି। ଏବେ ସୁଦ୍ଧା ନୋଟିସ ପ୍ରଦାନ କରାଯାଇଥିବା ଭୋଟର ମାନଙ୍କ ଆବଶ୍ୟକୀୟ ତଥ୍ୟ ଅଭାବରୁ ୧୨ ହଜାର ୫୭୨ ଜଣ ଭୋଟରଙ୍କୁ ଚୂଡ଼ାନ୍ତ ତାଲିକାରେ ସାମିଲ ପାଇଁ ଅଯୋଗ୍ୟ ଘୋଷଣା କରାଯାଇଛି। ସେହିପରି,ନୂତନ ନାମ ପଞ୍ଜିକରଣ ପାଇଁ ଫର୍ମ-୬ ଜରିଆରେ ୧,୮୧,୭୭୦ ଜଣ ଆବେଦନ କରିଛନ୍ତି।

◆◆ପୃଷ୍ଠା ୭

# ବଲାଙ୍ଗୀରର ଗର୍ବ : 'ବିକ୍ରମ-୧' ମିଶନରେ ଟିଟିଲାଗଡ଼ର ପ୍ରୀତିଶା

ବଲାଙ୍ଗିର,୬/୦୮ (ନି.ପ୍ର): ସଫଳତା କାହାକୁ ସହଜରେ ମିଳେ ନାହିଁ; ଦୃଢ଼ ଇଚ୍ଛାଶକ୍ତି ଏବଂ ନିରନ୍ତର କଠିନ ପରିଶ୍ରମ ହିଁ ଲକ୍ଷ୍ୟ ହାସଲରେ ସହାୟକ ହୋଇଥାଏ। ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ଼ ଅଞ୍ଚଳର ୨୬ ବର୍ଷୀୟା 'ଆଭିଓନିକ୍ସ ସଫ୍ଟୱେର୍ ଇଞ୍ଜିନିୟର' ପ୍ରୀତିଶା ବାନାର୍ଜୀ ଏହାର ଏକ ଉଜ୍ଜ୍ୱଳ ଉଦାହରଣ। ଭାରତର ପ୍ରଥମ ଘରୋଇ ମହାକାଶ ଉଦ୍ୟୋଗ 'ସ୍କାଇରୁଟ୍ ଏରୋସ୍ପେସ୍' ଦ୍ୱାରା ନିର୍ମିତ ଅର୍ବିଟାଲ୍ ରକେଟ୍ 'ବିକ୍ରମ-୧'ର ସଫଳ ଉତକ୍ଷେପଣରେ ପ୍ରୀତିଶା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ସେ 'ମିଶନ୍ କମ୍ପ୍ୟୁଟର ସଫ୍ଟୱେର'—ଯାହାକୁ ପ୍ରାୟତଃ ରକେଟର 'ମସ୍ତିଷ୍କ' ବୋଲି କୁହାଯାଏ—ତାର ସୁରକ୍ଷା ଏବଂ ନିର୍ଭରଯୋଗ୍ୟତା ନିଶ୍ଚିତ କରିବାର ଦାୟିତ୍ୱ ବହନ କରିଥିଲେ। ଭବାନୀପାଟଣା ସ୍ଥିତ ସରକାରୀ ଇଞ୍ଜିନିୟରିଂ କଲେଜ (ଜି ସି ଇ କେ ) ରୁ ବି.ଟେକ୍ (ବି.ଟେକ୍) ଶେଷ କରିବା ପରେ, ପ୍ରୀତିଶା ଭୁବନେଶ୍ୱର ସ୍ଥିତ ସି ଟି ଟି ସି ରେ ଉନ୍ନତ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ନିଜ ସ୍ୱପ୍ନକୁ ସାକାର କରିବା ପାଇଁ 'ସ୍କାଇରୁଟ୍' ରେ ଯୋଗଦେବା ପୂର୍ବରୁ ସେ ପ୍ରଥମେ ଡେରାଡୁନ୍ ସ୍ଥିତ ଡି ଆର ଡି ଓ ରେ କାର୍ଯ୍ୟ କରିଥିଲେ। ସେଠାରେ ତାଙ୍କୁ ଇସ୍ରୋ ର ପୂର୍ବତନ ଅଧ୍ୟକ୍ଷ ଡକ୍ଟର ଏସ୍. ସୋମନାଥଙ୍କ ସମେତ ବିଶିଷ୍ଟ ବୈଜ୍ଞାନିକ ମାନଙ୍କ ସହ କାମ କରିବାର ସୁଯୋଗ ମିଳିଥିଲା। ଇଞ୍ଜିନିୟରିଂ ର ଶେଷ ବର୍ଷରେ ଏକ ସାକ୍ଷାତ କାର ସମୟରେ, ଯେତେବେଳେ କମ୍ପାନୀର ସିଇଓ ତାଙ୍କୁ ପଚାରି ଥିଲେ, 'ଆପଣ ନିଜକୁ ୫ ବର୍ଷ ପରେ କେଉଁ ସ୍ଥିତି ରେ ଦେଖୁଛନ୍ତି ?', ସେତେବେଳେ ପ୍ରୀତିଶା ଉତ୍ତର ଦେଇଥିଲେ, 'ମୁଁ ରକେଟ୍ ନିର୍ମାଣ କରିବାକୁ ଏବଂ ମହାକାଶର ଆବର୍ଜନା ସଫା କରିବା ରେ ସହାୟତା କରିବାକୁ ଚାହେଁ।' ସିଇଓଙ୍କ ପରାମର୍ଶ କ୍ରମେ, ସେ ଆବଶ୍ୟକ ଥିବା ୭୦ଟି ଦକ୍ଷତାର ଏକ ରୋଡ୍ ମ୍ୟାପ୍ (କାର୍ଯ୍ୟଯୋଜନା) ପ୍ରସ୍ତୁତ କରିଥିଲେ ଏବଂ କଠୋର ପ୍ରସ୍ତୁତି ଆରମ୍ଭ କରିଥିଲେ ଏହି ରଣନୀତି।

# ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ନାରୀ ସଶକ୍ତିକରଣ ଓ ନାରୀ ଜାଗରଣ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି ,୬/୦୮ (ନି.ପ୍ର): ମାଲକାନଗିରି ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ର ଶକ୍ତିଶ୍ରୀ ସେଲ୍ର ଆନୁକୂଲ୍ୟରେ 'ନାରୀ ସଶକ୍ତିକରଣ ଓ ନାରୀ ଜାଗରଣ' ଶୀର୍ଷକ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପରିସରରେ ଆଜି ଅନୁଷ୍ଠିତ ହୋଇଯାଇଛି। ସମାଜରେ ନାରୀଙ୍କ ମର୍ଯ୍ୟାଦା, ସମାନ ଅଧିକାର, ସୁରକ୍ଷା, ଆତ୍ମନିର୍ଭରଶୀଳତା ଓ ସାମଗ୍ରିକ ବିକାଶ ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଆଲୋକ କୁମାର ପାତ୍ର ସଭାପତିତ୍ୱ କରି ନିଜ ବକ୍ତବ୍ୟରେ କହିଥିଲେ ଯେ, ନାରୀ ସଶକ୍ତିକରଣ କେବଳ ସରକାରୀ ଯୋଜନା କିମ୍ବା ସ୍ଲୋଗାନରେ ସୀମିତ ନ ରହି ସମାଜର ପ୍ରତ୍ୟେକ ସ୍ତରରେ ବାସ୍ତବ ରୂପ ନେବା ଆବଶ୍ୟକ। ନାରୀମାନେ ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୀତି, ବିଜ୍ଞାନ, ପ୍ରଶାସନ ଓ ସାମାଜିକ କ୍ଷେତ୍ରରେ ସମାନ ସୁଯୋଗ ପାଇଲେ ଦେଶର ସର୍ବାଙ୍ଗୀନ ବିକାଶ ସମ୍ଭବ ବୋଲି ସେ ମତ ପ୍ରକାଶ କରିଥିଲେ। ସେ ଛାତ୍ରଛାତ୍ରୀଙ୍କୁ ନାରୀଙ୍କ ପ୍ରତି ସମ୍ମାନ, ସହଯୋଗ ଓ ସମାନତାର ମନୋଭାବ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ।ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିବା ଲୋକ ସୂଚନା ଓ ସମ୍ପର୍କ ଅଧିକାରୀ ସୁଶ୍ରୀ ପ୍ରମିଳା କୁମାରୀ ମାଝୀ ନାରୀଙ୍କ ସାମ୍ବିଧାନିକ ଅଧିକାର, ବିଭିନ୍ନ କଲ୍ୟାଣକାରୀ ଯୋଜନା, ମହିଳା ସୁରକ୍ଷା ଆଇନ, ସାଇବର ସୁରକ୍ଷା, ଲିଙ୍ଗଗତ ସମାନତା ଓ ସାମାଜିକ ସଚେତନତାର ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେ କହିଥିଲେ ଯେ, ନାରୀଙ୍କ ଆତ୍ମବିଶ୍ୱାସ, ଶିକ୍ଷା ଓ ଆର୍ଥିକ ସ୍ୱାବଲମ୍ବନ ହିଁ ପ୍ରକୃତ ସଶକ୍ତିକରଣର ମୂଳ ଆଧାର। ଆଜିର ଯୁବପିଢ଼ି ଏହି ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇ ସମାଜରେ ସକାରାତ୍ମକ ପରିବର୍ତ୍ତନର ବାହକ ସାଜିବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ଆଇକ୍ୟୁସି ସଂଯୋଜକ ଡ଼. ଦେବାଶିଷ ପାହି ଶିକ୍ଷାନୁଷ୍ଠାନଗୁଡ଼ିକରେ ନାରୀ ସଶକ୍ତିକରଣ ଭଳି ବିଷୟ ଉପରେ ନିୟମିତ ସଚେତନତା କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଶକ୍ତିଶ୍ରୀ ସେଲ୍ର ସଂଯୋଜକ ଡ଼. କଳ୍ପନା ବେହେରା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେବା ସହ ନାରୀଙ୍କ ଆତ୍ମସମ୍ମାନ, ନେତୃତ୍ୱ ବିକାଶ ଓ ସାମାଜିକ ଦାୟିତ୍ୱବୋଧ ବୃଦ୍ଧି ପାଇଁ ଏପରି କାର୍ଯ୍ୟକ୍ରମର ଗୁରୁତ୍ୱ ବର୍ଣ୍ଣନା କରିଥିଲେ। ସହ-ସଂଯୋଜକ ଶ୍ରୀ ପ୍ରୀତମ କୁମାର ମହଲା ନାରୀଙ୍କ ପ୍ରତି ସମ୍ମାନ, ସହଯୋଗ ଓ ସୁରକ୍ଷିତ ସାମାଜିକ ପରିବେଶ ଗଠନରେ ସମସ୍ତଙ୍କ ଭୂମିକା ରହିଥିବା ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ରହି ବିଷୟବସ୍ତୁ ଉପରେ ଆଗ୍ରହର ସହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉପସ୍ଥିତ ଛାତ୍ରଛାତ୍ରୀମାନେ ନାରୀଙ୍କ ପ୍ରତି ସମ୍ମାନ, ସମାନ ଅଧିକାର ଏବଂ ହିଂସାମୁକ୍ତ ସମାଜ ଗଠନ ପାଇଁ ସଚେତନ ରହିବାର ସଂକଳ୍ପ ଗ୍ରହଣ କରିଥିଲେ ।

# ରାଜସ୍ୱ ମନ୍ତ୍ରୀଙ୍କ ପୁରୀ ଜିଲ୍ଲାର ବନ୍ୟା ପରିସ୍ଥିତି ସମୀକ୍ଷା

## କ୍ଷତିଗ୍ରସ୍ତଙ୍କୁ ଯଥାଶୀଘ୍ର କ୍ଷତିପୂରଣ ପ୍ରଦାନ କରାଯିବ: ରାଜସ୍ୱ ମନ୍ତ୍ରୀ

ପୁରୀ ,୬/୦୮ (ନି.ପ୍ର): ଚଳିତ ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତଙ୍କୁ ଯଥାଶୀଘ୍ର କ୍ଷତି ପୂରଣ ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ।ଆଜି ପୁରୀ ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସର୍କିଟ ହାଉସ ଠାରେ ବନ୍ୟା ସମ୍ପର୍କରେ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ପୂଜାରୀ କ୍ଷତିଗ୍ରସ୍ତଙ୍କ ସହ ସରକାର ଦୃଢତା ର ସହ ଛିଡା ହୋଇଛନ୍ତି ବୋଲି କହିଥିଲେ।ସରକାର କ୍ଷୟକ୍ଷତିର ତଥ୍ୟ ଆସିବା ପୂର୍ବରୁ ପ୍ରାଥମିକ ଭାବେ କ୍ଷତିଗ୍ରସ୍ତ ଜିଲ୍ଲା କୁ ୧୧୦ କୋଟି ଟଙ୍କା ପ୍ରଦାନ କରିଛନ୍ତି।ପୂର୍ଣ୍ଣାଙ୍ଗ ରିପୋର୍ଟ ପରେ ଆବଶ୍ୟକ ପଡିଲେ ଆହୁରି ଅଧିକ ଅର୍ଥ ଦିଆଯିବ।ବିପର୍ଯ୍ୟୟ ର ମୁକାବିଲା ଓ ପ୍ରଭାବିତ ଙ୍କୁ ସହାୟତା ପ୍ରଦାନ ରେ ଅର୍ଥ ବାଧକ ନୁହେଁ ବୋଲି ଶ୍ରୀ ପୂଜାରୀ କହିଥିଲେ।ମୁଣ୍ଡୁଳି ପାଖରେ ୧୨ ଲକ୍ଷ କ୍ୟୁସେକ ପାଣି ହେଲେ ମଧ ଯେପରି ନଦୀ ଗୁଡିକ କ୍ଷତିଗ୍ରସ୍ତ ହେବ ନାହିଁ ତାହାର ଯୋଜନା ସରକାର ପ୍ରସ୍ତୁତ କରୁଛନ୍ତି।ଅତିରିକ୍ତ ବର୍ଷା ଯୋଗୁ ହୋଇଥିବା ଚଳିତ ବନ୍ୟା ଦ୍ୱାରା ରାଜ୍ୟର ସମସ୍ତ ନଦୀରେ ବନ୍ୟା ଆସିଛି।ଏହା ଏକ ବିରଳ ଘଟଣା।କ୍ଷୟକ୍ଷତିର ଆକଳନ ପାଇଁ ସମସ୍ତ ବିଭାଗ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଓ ଯୁଗ୍ମ ତଦନ୍ତ ମାଧ୍ୟମରେ ଖୁବ ଶିଘ୍ର ସେହି ରିପୋର୍ଟ ଆଧାର ରେ କ୍ଷତିଗ୍ରସ୍ତ ଙ୍କୁ ସହାୟତା ଯୋଗାଇ ଦିଆଯିବ।ଆମ ରାଜ୍ୟ ଯେ ହେତୁ କୃଷି ଉପରେ ନିର୍ଭରଶୀଳ, କୃଷକ ମାନଙ୍କ କ୍ଷତି କୁ ଭରଣା ପାଇଁ କୃଷି ବିଭାଗର ରିପୋର୍ଟ ଯଥାଶୀଘ୍ର ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ।ସେହିପରି ବନ୍ୟା ପରବର୍ତ୍ତୀ ଚାଷ ପାଇଁ କୃଷି ଓ ଉଦ୍ୟାନ ବିଭାଗ ପ୍ରସ୍ତୁତ ରହିଛନ୍ତି ବୋଲି ମନ୍ତ୍ରୀ କହିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ଓ ପିପିଲି ବିଧାୟକ ଆଶ୍ରୀତ ପଟ୍ଟନାୟକ ଯୋଗ ଦେଇ ସେମାନଙ୍କ ଅଞ୍ଚଳର ବନ୍ୟା ଓ ବନ୍ୟା ପରବର୍ତ୍ତୀ ସମସ୍ୟା, ତାହାର ପ୍ରତିକାର ପାଇଁ ବିବିଧ ପ୍ରସ୍ତାବ ଦେଇଥିଲେ।ପ୍ରାରମ୍ଭରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସମସ୍ତଙ୍କୁ ସ୍ୱାଗତ ସହ ପୁରୀ ଜିଲ୍ଲାରେ ବନ୍ୟା ଦ୍ୱାରା ପ୍ରଭାବିତ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଚଳିତ ବନ୍ୟାରେ ପୁରୀ ଜିଲ୍ଲାର ପୁରୀ ସଦର,ନିମାପଡା, ପିପିଲି,ଡେଲାଙ୍ଗ ଓ କଣାସ ବ୍ଲକର ୧୪ ଟି ପଞ୍ଚାୟତ ର ୧୯ ଟି ଗ୍ରାମ ପ୍ରଭାବିତ ହୋଇଛି।ଏଥିରେ ମୋଟ ୧୭୨୨୧ ଜଣ ବ୍ୟକ୍ତି ପ୍ରଭାବିତ ହୋଇଛନ୍ତି।ନିମାପଡା ବ୍ଲକର ଶଗଡା ପଞ୍ଚାୟତ,ପିପିଲି ବ୍ଲକର ପୁବା ଶାସନ, କଣ୍ଟି, ପୋପରଙ୍ଗା,ଓ ଭାରତୀପୁର ପଞ୍ଚାୟତ, କଣାସ ବ୍ଲକର ବଡାଶ, ଦୋକନ୍ଦା, ପାଣ୍ଡିଆକେରା ଓ ଗଡ ବଳଭଦ୍ରପୁର ପଞ୍ଚାୟତ ଏବଂ ଡେଲାଙ୍ଗ ବ୍ଲକର ସିଂହ ବରହମପୁର ପଞ୍ଚାୟତର ୧୯ଟି ଗ୍ରାମରେ୧୭୨୨୧ ବ୍ୟକ୍ତି ପ୍ରଭାବିତ ହୋଇଛନ୍ତି। ପ୍ରଭାବିତ ମାନଙ୍କ ମଧ୍ୟରେ ୪୬.୦୭ କ୍ୟୁଣ୍ଟାଲ ଚୁଡା ଓ ୫.୩୨୫ କ୍ୟୁଣ୍ଟାଲ ଗୁଡ ବଣ୍ଟନ କରାଯାଇଛି। କୃଷି ବିଭାଗର ପ୍ରାଥମିକ ରିପୋର୍ଟ ଅନୁସାରେ ପ୍ରାୟ ୩୭୭୮.୨୬ ହେକ୍ଟର ଚାଷ ଜମି ପ୍ରଭାବିତ ହୋଇଛି।ଚିକିତ୍ସା ସୁବିଧା ପାଇଁ ୬ ଗୋଟି ମେଡ଼ିକାଲ ଟିମ ମୁତୟନ କରାଯାଇଥିଲା ବେଳେ ୧୨ ଗୋଟି ଅଗ୍ନିଶମ ସେବା ୟୁନିଟ,୧୧ ଗୋଟି ପ୍ରାଣୀ ଚିକିତ୍ସା ୟୁନିଟ କାର୍ଯ୍ୟ କରୁଥିଲା।୨୦ ଜଣ ପ୍ରସୂତି ମହିଳା ଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନିଆଯାଇଥିବା ବେଳେ ୯ ଜଣ ନବଜାତକ ଜନ୍ମ ଲାଭ କରିଛନ୍ତି ବୋଲି ଜିଲ୍ଲା ଜରୁରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା।ଏହି ସମୀକ୍ଷା ରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସ୍ନେହା ଅରୁଗୁଳା, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୁଶାନ୍ତ କୁମାର ପତି,ମନ୍ତ୍ରୀ ଙ୍କ ବ୍ୟକ୍ତିଗତ ସଚିବ ପ୍ରଦୀପ କୁମାର ସାହୁ, ଉପ ଜିଲ୍ଲାପାଳ ରାଜ କିଶୋର ଜେନା,ଜଳ ସଂପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅମୀୟ ସେଠ୍ ,ଜିଲ୍ଲା ଜରୁରୀ ବିଭାଗ ଅଧିକାରୀ ଅନୁଶ୍ରବ ଗନ୍ତାୟତ, ବନ୍ୟା ପ୍ରଭାବିତ ବ୍ଲକ ର ବିଡ଼ିଓ, ତହସିଲଦାର, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ,ଲାଇନ ଡିପାର୍ଟମେଣ୍ଟ ର ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।ପୂର୍ବରୁ ମନ୍ତ୍ରୀ ଶ୍ରୀ ପୂଜାରୀ ପିପିଲି ଓ କଣାସ ର ବନ୍ୟା ପ୍ରଭାବିତ ଅଞ୍ଚଳ ସ୍ଥାନୀୟ ବିଧାୟକ ଓ ପ୍ରଶାସନିକ ଅଧିକାରୀ ଙ୍କ ସହ ପରିଦର୍ଶନ କରିଥିଲେ।

# ଈଶାଣୀ ଉଡ଼ାଯାତ୍ରା ପଡ଼ିଆରେ ବାଲେଶ୍ୱରର ଦ୍ୱିତୀୟଥର ରୁଦ୍ର ମହାଯଜ୍ଞ



ବାଲେଶ୍ୱର,୬/୦୮ (ନି.ପ୍ର): ଅତ୍ୟନ୍ତ ସୌଭାଗ୍ୟ ତଥା ଖୁସିର ବିଷୟ ଯେ ପବିତ୍ର ଶ୍ରାବଣ ମାସରେ ବିଶ୍ୱକଲ୍ୟାଣାର୍ଥେ ୨ୟଥର ପାଇଁ ଗତ ୩୦ ତାରିଖ ଗୁରୁବାର ଠାରୁ ଆରମ୍ଭ ହୋଇ ଅଗଷ୍ଟ ୨୮ ତାରିଖ ଶୁକ୍ରବାର ଶ୍ରାବଣ ପୂର୍ଣ୍ଣିମା ପର୍ଯ୍ୟନ୍ତ ଦୀର୍ଘ ୧ମାସ (୩୦ଦିନ) ବ୍ୟାପୀ ପ୍ରତିଦିନ ଶ୍ରୀଶ୍ରୀ ଈଶାନେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ମହାଯଜ୍ଞ ରୁଦ୍ରାଭିଷେକ, ରୁଦ୍ରପାଠ, ରୁଦ୍ରପୂଜନ, ଶ୍ରୀଶିବମହାପୁରାଣ ପରାୟଣ ଓ ଶ୍ରୀଶିବ କଥା ପ୍ରବଚନ ଶୁଦ୍ଧ-ପବିତ୍ର ପରିବେଶରେ ଆରମ୍ଭ ହୋଇସାରିଛି। ଆନନ୍ଦାନୁରାଗୀ ସୌଭାଗ୍ୟ ସମ୍ବଳିତ ଏହି ପୁଣ୍ୟ ମହତ ଉଦ୍ଦେଶ୍ୟର ସାଧନ ପାଇଁ ଶ୍ରୀଧାମ ବୃନ୍ଦାବନ ଏବଂ ବାରାଣସୀର ସନ୍ଥ ଶ୍ରୀଶ୍ରୀ ରାମାନୁଜାଚାର୍ଯ୍ୟ ସ୍ୱାମୀଜୀ ମହାରାଜ ଓ ତାଙ୍କ ଅନୁରାଗୀ ଶିଷ୍ୟ ଯଜ୍ଞ ପରିଚାଳନା କରିବା ସହ ପବିତ୍ର କଥା-ବଚନ ପ୍ରଦାନ ପୂର୍ବକ ସହସ୍ର ଭକ୍ତିନ୍ୱେଷୀ ଧର୍ମପରାୟଣମାନଙ୍କୁ ମୁଗ୍ଧ ମୋହିତ କରିବାରେ ନିଜକୁ ଉତ୍ସର୍ଗୀକୃତ କରିଛନ୍ତି। ଆୟୋଜିତ ଏହି କାର୍ଯ୍ୟକ୍ରମ 'ମା' ବାସନ୍ତୀ ସଂକୀର୍ତ୍ତନ ମଣ୍ଡଳୀ' ଓ ବୈଶାଖୀ ମହୋତ୍ସବ, ଈଶାଣୀ, ବାଲେଶ୍ୱର କର୍ମକର୍ତ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳନା କରାଯିବା ସହ ଏତାଦୃଶ ଭକ୍ତିପୂତ ଆଧାତ୍ମିକ କାର୍ଯ୍ୟାବଳୀରେ ସତୀର୍ଥ ଅଂଶଗ୍ରହଣ କରି ନିଜନିଜର ମାନସିକତା ପବିତ୍ରାନୁଶୀଳନ କରିବାକୁ ସଶ୍ରଦ୍ଧ ଆହ୍ୱାନ କରୁଅଛୁ।

# ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ : ଅତିରିକ୍ତ ୧୨ ଜଣ ଏ.ଇ.ଆର. ଏବଂ ଓ.ଏଇ.ଆର.ଓ. ନିଯୁକ୍ତ

ବୌଦ୍ଧ ,୬/୦୮ (ନି.ପ୍ର): ଭାରତ ନିର୍ବାଚନ ଆୟୋଗ ୦୧ ଜୁଲାଇ ୨୦୨୬କୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରି ଚାଲିଥିବା ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ - ୨୦୨୬ କାର୍ଯ୍ୟକ୍ରମର ସଂଶୋଧିତ ସମୟସୂଚୀ ପ୍ରକାଶ କରିଛନ୍ତି। ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅନୁରୋଧକ୍ରମେ ଭୋଟରମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ସମୟସୀମା ବୃଦ୍ଧି କରାଯାଇଛି। ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ଭୋଟର ତାଲିକାରେ ନାମ ଯୋଡିବା, କାଟିବା, ସଂଶୋଧନ ଓ ସ୍ଥାନାନ୍ତର ସମ୍ବନ୍ଧୀୟ ଦାବି ଓ ଆପତ୍ତି ଦାଖଲ ୦୫ ଜୁଲାଇରୁ ୧୯ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ କରାଯାଇପାରିବ। ସେହିପରି, ଦାବି ଓ ଆପତ୍ତିର ଶୁଣାଣି ଏବଂ ନିଷ୍ପତ୍ତି ପ୍ରକ୍ରିୟା ୧୭ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଚାଲିବ। ୨୧ ସେପ୍ଟେମ୍ବର ୨୦୨୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ୩ ଅଗଷ୍ଟ ୨୦୨୬ ସକାଳ ୧୦ଟା ସୁଦ୍ଧା ବୌଦ୍ଧ ଜିଲ୍ଲାରେ ନୋଟିସ ବିତରଣ କାର୍ଯ୍ୟ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି। ୮୫-କଂଟାମାଳ ବିଧାନସଭା ନିର୍ବାଚନମଣ୍ଡଳୀରେ ୨୦, ୦୩୨ଟି ନୋଟିସ ମଧ୍ୟରୁ ୧୮, ୭୦୭ଟି ଏବଂ ୮୬-ବୌଦ୍ଧ ବିଧାନସଭା ନିର୍ବାଚନମଣ୍ଡଳୀରେ ୨୦,୪୬୮ଟି ନୋଟିସ ମଧ୍ୟରୁ ୨୦,୧୧୪ଟି ନୋଟିସ ସଫଳତାର ସହ ବିତରଣ କରାଯାଇଛି। ସେହିପରି, ଏପର୍ଯ୍ୟନ୍ତ କଂଟାମାଳ ବିଧାନସଭା ନିର୍ବାଚନମଣ୍ଡଳୀରେ ୪,୭୬୪ଟି ଏବଂ ବୌଦ୍ଧ ବିଧାନସଭା ନିର୍ବାଚନମଣ୍ଡଳୀରେ ୬,୭୧୬ଟି ଦାବି ଓ ଆପତ୍ତିର ଶୁଣାଣି ସମ୍ପନ୍ନ ହୋଇଛି। ଦାବି ଓ ଆପତ୍ତି ଦାଖଲ ସମୟସୀମା ବୃଦ୍ଧି ପାଇଥିବାରୁ ଯେଉଁ ଭୋଟରମାନେ ଏପର୍ଯ୍ୟନ୍ତ ଆବେଦନ କରିପାରି ନାହାନ୍ତି, ସେମାନଙ୍କୁ ଆଉ ଚିନ୍ତିତ ନହୋଇ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଜର ଦାବି ଓ ଆପତ୍ତି ଦାଖଲ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଦାବି ଓ ଆପତ୍ତିର ଶୀଘ୍ର ନିଷ୍ପତ୍ତି ପାଇଁ ବୌଦ୍ଧ ଜିଲ୍ଲାରେ ପୂର୍ବରୁ କାର୍ଯ୍ୟରତ ୧୧ ଜଣ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଙ୍କ ସହ ଅତିରିକ୍ତ ୧୨ ଜଣ ଙ୍କୁ ନିଯୁକ୍ତ କରାଯାଇଛି। ଏହାଦ୍ୱାରା ଯାଂଚ ପ୍ରକ୍ରିୟାର ପ୍ରଭାବଶାଳୀ ତଦାରଖ, ଉତ୍ତମ ସମନ୍ୱୟ ଏବଂ ସମୟବଦ୍ଧ ନିଷ୍ପତ୍ତି ସୁନିଶ୍ଚିତ ହେବ। ଭାରତ ନିର୍ବାଚନ ଆୟୋଗ, ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା ସହିତ ବୌଦ୍ଧ ଜିଲ୍ଲା ପ୍ରଶାସନଙ୍କ ଲକ୍ଷ୍ୟ ହେଉଛି ଏକ ସଠିକ୍, ସ୍ୱଚ୍ଛ, ଅନ୍ତର୍ଭୁକ୍ତିମୂଳକ ଓ ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତ କରିବା। ଏହି ପ୍ରକ୍ରିୟାର ସଫଳ ରୂପାୟନ ପାଇଁ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ସମସ୍ତ ଯୋଗ୍ୟ ଭୋଟରଙ୍କ ସକ୍ରିୟ ସହଯୋଗ ଓ ସହଭାଗିତା କାମନା କରିଛନ୍ତି।

# ବିଶ୍ୱ ଯେତେବେଳେ ବି ଦିଗହରା ହୋଇଛି ବ୍ରାହ୍ମଣ ସମାଜ ହିଁ ମାର୍ଗଦର୍ଶନ କରିଚି

ସୁବର୍ଣ୍ଣପୁର,୬/୦୮ (ନି.ପ୍ର): ବ୍ରାହ୍ମଣ ସମାଜରେ ଏକତା, ସନାତନ ଧର୍ମ ଓ ସଂସ୍କୃତିର ସୁରକ୍ଷା ପାଇଁ ସୁବର୍ଣ୍ଣପୁର ଜିଲ୍ଲାରେ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି। ସମସ୍ତ ୬ଗୋଟି ବ୍ଲକରେ ବ୍ରାହ୍ମଣ ଏକତା ମଂଚର ସଭାପରେ ରବିବାର ସୁବର୍ଣ୍ଣପୁର ସହର ବ୍ରାହ୍ମଣ ଏକତା ମଂଚର ସଭା ମଝିପଡ଼ାସ୍ଥିତ ହନୁମାନ ମନ୍ଦିର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ମଂଚର ନୂତନ କାର୍ଯ୍ୟକର୍ତା ଚୟନ ହୋଇଯାଇଛି। ପ୍ରାରମ୍ଭରେ ପଣ୍ଡିତ ମୈଥାଲି ପଣ୍ଡା ବେଦ ଓ ଉପନିଷଦର ଉଦାହରଣ ଦେଇ ବ୍ରାହ୍ମଣ ସଂସ୍କୃତିର ସୁରକ୍ଷା ପାଇଁ ମାର୍ଗଦର୍ଶନ ଦେଇଥିଲେ। ସୁବର୍ଣ୍ଣପୁର ସହର ବ୍ରାହ୍ମଣ ପଂଚର ସଭା, କାର୍ଯ୍ୟକର୍ତା ଚୟନ ପରେ ସୋମନାଥ ପୁରୋହିତ ଓ ଓମପ୍ରକାଶ ରଥ ପ୍ରମୁଖ ସମାଜରେ ଏକତା ରକ୍ଷା କରିବା ଉପରେ ବକ୍ତବ୍ୟ ରଖିଥିଲେ। ଦେଶର ସୁରକ୍ଷା ସଂସ୍କୃତି ସୁରକ୍ଷା ଉପରେ ବ୍ରାହ୍ମଣ ସମାଜର ଉଲ୍ଲେଖନୀୟ ଭୂମିକା ଥିବାବେଳେ କୌଣସି ବି ଜାଗାରେ ଏ ସମାଜର ମର୍ଯ୍ୟାଦା ହାନି ଯେମିତି ନହେବ ସେଥିପ୍ରତି ରାଜ୍ୟ ସରକାର ଧ୍ୟାନ ଦେବାକୁ ପ୍ରଦୀପ ପୁରୋହିତ ମତ ରଖିଥିଲେ। ଆଉ ଯେତେବେଳେ ବି ବିଶ୍ୱରେ ସଙ୍କଟ ଦେଖାଦିଏ କିମ୍ବା ବିଶ୍ୱ ଦିଗହରା ହୋଇଯାଏ ସେ ସମୟରେ ବ୍ରାହ୍ମଣ ସମାଜର ହିଁ ମାର୍ଗଦର୍ଶନ ଜରୁରୀ ହୋଇପଡ଼େ ବୋଲି ଶ୍ୟାମା ଓମ୍ ପ୍ରସାଦ ମିଶ୍ର ମତ ରଖିଥିଲେ। ଏହି ଅବସରରେ ମଂଚର ନଗର ସଭାପତି ଭାବେ ଜ୍ୟୋତିର୍ବିଦ୍ ମେଡେନ୍ କୁମାର ବିଶି, କାର୍ଯ୍ୟକାରୀ ସଭାପତି ଆର୍ତତ୍ରାଣ ବାବୁ, ଉପସଭାପତି ସୀତାଂଶୁ ଶେଖର ମିଶ୍ର, ସମ୍ପାଦକ ଅଟଳ ବିହାରୀ ପଣ୍ଡା, ସହସମ୍ପାଦକ ନାରାୟଣ ରଥ, ନିମାଇଁ ପାଣିଗ୍ରାହୀ, କୋଷାଧ୍ୟକ୍ଷ ଜଗନ୍ନାଥ ଦାଶ, ସଙ୍ଗଠନ ସମ୍ପାଦକ ସୁଧୀର କୁମାର ପଣ୍ଡା, ମିଳନ ମିଶ୍ର, ଦାମୋଦର ପଣ୍ଡା, ସଂଯୋଜକ ପିୟୁଷ ପଣ୍ଡା, ନୀଳାମ୍ବର ଶତପଥୀ ଓ ରଞ୍ଜନ ପାଣିଗ୍ରାହୀଙ୍କୁ ମନୋନୀତ କରାଯାଇଛି। ସେହିପରି ମୁଖ୍ୟ ପରାମର୍ଶଦାତା ଭାବେ ଜଷ୍ଟିସ ଚିତରଞ୍ଜନ ଦାଶ, ମୈଥୁଳି ପଣ୍ଡା, ବେଦବ୍ୟାସ ମିଶ୍ର, ସନ୍ତୋଷ କୁମାର ପାଢ଼ୀ, ଓମ୍ ପ୍ରକାଶ ରଥ, ସୋମନାଥ ପୁରୋହିତ, ବ୍ରଜ ମୋହନ ଦାନୀ, ବ୍ୟୋମକେଶ ଦାଶ, ବିଧାନଚନ୍ଦ୍ର ପାଣିଗ୍ରାହୀ, ମଧୁସୂଦନ ମିଶ୍ର, ରାମ ଗୋପାଳ ପୂଜାହାରୀ, ରାମସ୍ୱାମୀ ମହାପାତ୍ର, ପର୍ଶୁରାମ ମିଶ୍ର, ଦିଲୀପ କୁମାର ରଥ ଓ ଜ୍ଞାନ କୁମାର ପାଣିଗ୍ରାହୀଙ୍କୁ ନିଆଯାଇଛି ଶ୍ୟାମା ଓଁ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଦୁଇ ବର୍ଷ ଧରି ଭଙ୍ଗା ପୋଲ: ନିରବ ପ୍ରଶାସନ

ମାଲକାନଗିରି ,୬/୦୮ (ନି.ପ୍ର): ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳ ବିକାଶର କଥା ବାରମ୍ବାର ସରକାରୀ ମଞ୍ଚରେ ଉଚ୍ଚାରଣ ହେଉଛି। ସେତୁ, ରାସ୍ତା ଓ ଭିତ୍ତିଭୂମି ବିକାଶ ପାଇଁ କୋଟି କୋଟି ଟଙ୍କା ବ୍ୟୟ ହେଉଥିବା ଦାବି କରାଯାଉଛି। କିନ୍ତୁ ଚିତ୍ରକୋଣ୍ଡା ବ୍ଲକ ଅଣ୍ଡ୍ରାପାଲ୍ଲୀ ପଞ୍ଚାୟତର ରାମଗୁଡ଼ା–ଘୁଷୁମପଦର–ଅଣ୍ଡ୍ରାପାଲ୍ଲୀ–ପଣଷପୁଟକୁ ସଂଯୋଗ କରୁଥିବା ଆର୍.ଡି. ରାସ୍ତାର ପୋଲ ଭାଙ୍ଗିଯିବାର ଦୁଇ ବର୍ଷ ପରେ ମଧ ଏହାର ପୁନର୍ନିର୍ମାଣ ହୋଇନଥିବା ଘଟଣା ଅନେକ ପ୍ରଶ୍ନ ସୃଷ୍ଟି କରିଛି।

୨୦୨୪ ଅଗଷ୍ଟ ୩ ତାରିଖରେ ଲଗାଣ ବର୍ଷାରେ ପୋଲଟି ଭୁଶୁଡ଼ି ପଡ଼ିଥିଲା। ୨୦୨୬ ଅଗଷ୍ଟ ୩ରେ ଦୁଇ ବର୍ଷ ପୂରଣ ହେଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଏହି ସମୟ ମଧ୍ୟରେ ତିନିଜଣ ବିଡିଓ, ଆର୍.ଡି. ବିଭାଗର ଯନ୍ତ୍ରୀ, ସ୍ଥାନୀୟ ବିଧାୟକ ଏବଂ କ୍ରମାଗତ ତିନିଜଣ ଜିଲ୍ଲାପାଳଙ୍କ ଜନଶୁଣାଣୀରେ ଅଭିଯୋଗ ଦାଖଲ କରାଯାଇଥିଲେ ମଧ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ପଦକ୍ଷେପ ଦେଖିବାକୁ ମିଳିନାହିଁ।

ଯାତାୟାତ ବନ୍ଦ ହେବା ପରେ ଗ୍ରାମବାସୀ ନିଜସ୍ୱ ଅର୍ଥ ବ୍ୟୟ କରି ପୋଲ ପାର୍ଶ୍ୱରେ ଅସ୍ଥାୟୀ ରାସ୍ତା ତିଆରି କରିଥିଲେ। ବର୍ତ୍ତମାନ ବର୍ଷାରେ ସେହି ରାସ୍ତା ମଧ କ୍ଷତିଗ୍ରସ୍ତ ହେବାକୁ ଲାଗିଛି। ଫଳରେ ଦୈନନ୍ଦିନ ଯାତାୟାତ, ଛାତ୍ରଛାତ୍ରୀଙ୍କ ପାଠପଢ଼ା, ରୋଗୀଙ୍କ ଚିକିତ୍ସା, ଚାଷୀଙ୍କ କୃଷିଜାତ ଦ୍ରବ୍ୟ ପରିବହନ ସବୁ ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି।

ସବୁଠାରୁ ବଡ଼ ପ୍ରଶ୍ନ ହେଉଛି—ପୋଲ ଭାଙ୍ଗିବା ପରେ ପ୍ରାରମ୍ଭିକ କ୍ଷୟକ୍ଷତି ଆକଳନ ହୋଇଥିଲା କି ? ପୁନର୍ନିର୍ମାଣ ପାଇଁ ପ୍ରସ୍ତାବ ପଠାଯାଇଥିଲା କି ? ଅର୍ଥ ମଞ୍ଜୁର ହୋଇନଥିଲେ ତାହାର କାରଣ କ'ଣ ? ଯଦି ମଞ୍ଜୁର ହୋଇଥାଏ, ତେବେ କାମ ଆରମ୍ଭ କାହିଁକି ହୋଇନାହିଁ ? ଦୁଇ ବର୍ଷ ଧରି କେଉଁ ସ୍ତରରେ ଫାଇଲ୍ ଅଟକି ରହିଛି ଏବଂ ଏହା ପାଇଁ କିଏ ଉତ୍ତରଦାୟୀ ?

ସ୍ଥାନୀୟ ଜନପ୍ରତିନିଧିମାନେ ମଧ ବିଭିନ୍ନ ସ୍ତରରେ ଉଦ୍ୟମ କରିଥିବା କହୁଛନ୍ତି। ଯଦି ସେପରି ହୋଇଥାଏ, ତେବେ ସେହି ଉଦ୍ୟମର ପରିଣାମ କେଉଁଠି ? ସରକାରୀ ଘୋଷଣା ଓ ବାସ୍ତବ ସ୍ଥିତି ମଧ୍ୟରେ ଏତେ ବଡ଼ ବ୍ୟବଧାନ କାହିଁକି ?

ଗ୍ରାମବାସୀଙ୍କ ଦାବି ହେଉଛି, ଏହି ପୋଲର ପୁନର୍ନିର୍ମାଣ କେବଳ ଏକ ବିକାଶମୂଳକ କାମ ନୁହେଁ; ଏହା ହଜାର ହଜାର ଲୋକଙ୍କ ଜୀବନ, ଜୀବିକା ଓ ସୁରକ୍ଷା ସହ ଜଡ଼ିତ। ସେମାନେ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗକୁ ତୁରନ୍ତ ସ୍ଥିତି ସ୍ପଷ୍ଟ କରି ପୋଲ ନିର୍ମାଣ କାମ ଆରମ୍ଭ କରିବାକୁ ଦାବି କରିଛନ୍ତି। କାରଣ ବିକାଶର ପ୍ରକୃତ ପରିଚୟ କେବଳ ଘୋଷଣାରେ ନୁହେଁ, ବରଂ ଲୋକଙ୍କ ପାଇଁ ସମୟରେ ପହଞ୍ଚୁଥିବା ସୁବିଧାରେ ନିହିତ।

# ଜିଲ୍ଲା ଅସିଚାଳନା ପ୍ରତିଯୋଗିତା ଉଦ୍‌ଯାପିତ: ଓମ୍ ଶଙ୍କର ପଟେଲ ଶ୍ରେଷ୍ଠ ଖେଳାଳୀ

ବଲାଙ୍ଗୀର,୬/୦୮ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଅସିଚାଳନା ସଂଘ ଆନୁକୂଲ୍ୟରେ ବଲାଙ୍ଗୀର ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ୫ତମ ଜିଲ୍ଲା ଅସିଚାଳନା ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଉଛି। ବଲାଙ୍ଗୀର ଜିଲ୍ଲାରୁ ଆଠଟି ବ୍ଲକରୁ ୨୫୦ରୁ ଊର୍ଦ୍ଧ୍ୱ ଖେଳାଳୀ ଏହି ପ୍ରତିଯୋଗିତା ଅଂଶଗ୍ରହଣ କରିଥିଲେ। ଚାରୋଟି ବର୍ଗ ଅଣ୍ଡର ୧୦, ଅଣ୍ଡର ୧୨, ଉପ କନିଷ୍ଠ, ଏବଂ କନିଷ୍ଠ ଚାରୋଟି ବର୍ଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଉଥିଲା ଏବଂ ଆସନ୍ତା ୭ଅଗଷ୍ଟରୁ ୯ ଅଗଷ୍ଟ ପର୍ଯ୍ୟନ୍ତ କଟକରେ ପଂଚମତମ ରାଜ୍ୟ ଅସିଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହେବ। ବଲାଙ୍ଗୀରରୁ ୯୬ଜଣ ଖେଳାଳି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଅଣ୍ଡର ୧୨ ଏବଂ ଉପ କନିଷ୍ଠରେ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରି ଓମ ଶଙ୍କର ପଟେଲ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଉଛନ୍ତି। ଅତିଥି ଭାବେ ବଲାଙ୍ଗୀର ଅତିରିକ୍ତ ଜିଲ୍ଲାପାଳ ଡ଼କ୍ଟର ବିଜୟାନନ୍ଦ ସେଠି, ସଦର ଏସ୍‌ଡିପି ଓ ସରୋଜ କୁମାର ଉପାଧ୍ୟାୟ, ବଲାଙ୍ଗୀର ଟାଉନ ଥାନା ଅଧିକାରୀ ଅବନୀ କୁମାର ସାହୁ, ଜିଲ୍ଲା ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ପୁରସ୍କାର ବଂଟନ କରିଥିଲେ ଫେନସିଙ୍ଗ କୋଚ କରିଶ୍ମା ରାଉତ, ଲୁସି ରାଉତ, ରୋଶନ ସାହୁ, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ଜୋତି ଠାକୁର, ପୁରେନ୍ଦର ସେଠ, ସତ୍ୟ ନାରାୟଣ ପଟେଲ, ବୀରେନ୍ଦ୍ର ସୁନା, ବନୀତା ପଟେଲ, ସଂଗୀତା ପଟେଲ, ସସ୍ମିତା ଗଡ଼ତିଆ, ସୋପ୍ନା ସେଠି, ଜିତେନ୍ଦ୍ର ନାଏକ, ସୁଦର୍ଶନ ସେଠ, କ୍ଷିତେଶ୍ୱର ବିଶ୍ୱାସ, ଦନାର୍ଦନ ପାଣ୍ଡେ, ବିଭୁତି ସ୍ୱାଇଁ ହିମାଂଶୁ ବିଶ୍ୱାଳ, ସୌଦାମିନୀ କାଣ୍ଡି, ରୋଜି ମଲ୍ଲିକ, ପାୟଲ ବିଶ୍ୱାଳ, ଗଜାନନ ସାଇ, ଖେଳ ଶିକ୍ଷକ, ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜମି ରେଜିଷ୍ଟ୍ରେସନରେ ଅନିୟମିତତା ଅଭିଯୋଗ: ରାଜସ୍ୱ ବିଭାଗୀୟ ତଦନ୍ତ ଦାବି

ଝାରସୁଗୁଡା,୬/୦୮ (ନି.ପ୍ର): ଝାରସୁଗୁଡା ଜିଲ୍ଲାର ଲଖନପୁର ବ୍ଲକ ଅନ୍ତର୍ଗତ କୁଡ଼ାଲୋଇ ଅଞ୍ଚଳରେ ପ୍ରସ୍ତାବିତ କୋଇଲା ଖଣି ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ନେଇ ଜମି ରେଜିଷ୍ଟ୍ରେସନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଉଠିଛି। ଏହାର ନିରପେକ୍ଷ ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବାକୁ ବୁଧବାର କାପୁମାଲସ୍ଥିତ ଗଣ୍ଡୱାନା ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଭିନ୍ନ ସଙ୍ଗଠନର ପ୍ରତିନିଧିମାନେ ଦାବି କରିଛନ୍ତି। ସମ୍ମିଳନୀରେ କୁହାଯାଇଛି ଯେ, ଅଧିକ କ୍ଷତିପୂରଣ ଓ ବିସ୍ଥାପନ ସୁବିଧା ହାସଲ କରିବା ଉଦ୍ଦେଶ୍ୟରେ ବଞ୍ଜାରୀ, ବର୍ତ୍ତାପ, କୁଡ଼ାଲୋଇ ଓ ପିପିଲିମାଳ ଅଞ୍ଚଳରେ କେତେକ ଜମି ଦଲାଲ ସକ୍ରିୟ ହୋଇପଡ଼ିଛନ୍ତି। ଏହି ଘଟଣାରେ ପ୍ରଶାସନିକ ସ୍ତରରେ ମଧ ସହଯୋଗ ମିଳୁଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, କୁଡ଼ାଲୋଇ ମୌଜା ପରଧିଆପଡ଼ାର ଏକଜିମାଲୀ ଖାତା ନମ୍ବର–୧୭୩ର ପ୍ଲଟ ନମ୍ବର–୭୩୧ର ୧୦ ଡେସିମିଲ ଜମିକୁ ସହ-ଅଂଶୀଦାର ସୁରତ କୁମୁରା ଓ ବାବୁଲାଲ କୁମୁରାଙ୍କ ଅଜାଣତରେ ଅନ୍ୟ ଅଂଶୀଦାର ପ୍ରେମସିଲା ଦେହେରି ବେଲପାହାଡ଼ର ଅଭିନାଶ ଖଡ଼ିଆଙ୍କ ନାମରେ ବିକ୍ରି କରିଦେଇଥିବା ଦାବି କରାଯାଇଛି। ଅଭିଯୋଗକାରୀଙ୍କ କହିବାନୁସାରେ, ବିକ୍ରେତାଙ୍କୁ ମାତ୍ର ୯୦ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ରେଜିଷ୍ଟ୍ରି ଦସ୍ତାବିଜରେ ଜମିର ମୂଲ୍ୟ ୩ ଲକ୍ଷ ଟଙ୍କା ଦର୍ଶାଯାଇଛି। ଏହାଛଡ଼ା ରେଜିଷ୍ଟ୍ରେସନର ମାତ୍ର ପାଞ୍ଚ ଦିନ ପରେ, ଜୁଲାଇ ୨୨ରେ ସମ୍ପୃକ୍ତ ଜମି ପାଇଁ ୧୧(୧) ନୋଟିଫିକେସନ ପ୍ରକାଶ ପାଇଥିବାରୁ ସନ୍ଦେହ ଆହୁରି ଘନୀଭୂତ ହୋଇଛି। ସେହିପରି, ସହ-ଅଂଶୀଦାରମାନଙ୍କୁ କୌଣସି ନୋଟିସ ନଦେଇ ଏବଂ ସେମାନଙ୍କ ସମ୍ମତି ବିନା କ୍ରେତାଙ୍କ ନାମକୁ ଆରଓଆରରେ ଦରଜ କରାଯାଇଥିବା ଅଭିଯୋଗ ମଧ ଉଠିଛି। ଏହା ଫଳରେ ଆଗାମୀ ଦିନରେ ପରିବାର ମଧ୍ୟରେ ବିବାଦ ସୃଷ୍ଟି ହେବାର ଆଶଙ୍କା ଥିବା ବକ୍ତାମାନେ ପ୍ରକାଶ କରିଛନ୍ତି

# ବର୍ଷା ଦିନରେ ଘରେ ବନାନ୍ତୁ ପୁଷ୍ଟିକର ପାସ୍ତା ସୁପ୍



ବର୍ଷା ଓ ଥଣ୍ଡା ଦିନରେ ଚା' ସହିତ ପକୋଡ଼ା ଖାଇବା ଏକ ଚିରାଚରିତ ପ୍ରଥା ଭାବେ ରହିଆସିଛି। ବର୍ତ୍ତମାନ ଲୋକମାନେ ସୁସ୍ଥ ଏବଂ ନୂତନ ଖାଦ୍ୟ ପ୍ରତି ଆକର୍ଷିତ ହେଉଛନ୍ତି। ଏହି ପରିପ୍ରେକ୍ଷିରେ ଏକ ନୂତନ 'ୱାନ୍-ପଟ୍ ପାସ୍ତା ସୁପ୍' ନାମକ ଏକ ସହଜ, ସ୍ୱାଦିଷ୍ଟ ଓ ପୁଷ୍ଟିକର ରେସିପି ପ୍ରସ୍ତୁତି ପ୍ରଣାଳୀ ସାମ୍ନାକୁ ଆସିଛି। ଯାହା କେବଳ ୧୫ ମିନିଟ୍‌ରେ କରାଯାଇପାରିବ।

ସୁପରେ ଏକ ଦୃଢ଼ ସ୍ୱାଦ ଏବଂ ସୁଗନ୍ଧ ଆଣିବା ପାଇଁ ପ୍ରଥମେ ଟେମ୍ପରିଂ ପ୍ରସ୍ତୁତ କରାଯାଏ। ଏକ ବଡ଼ ପାତ୍ରରେ ଅଳ୍ପ ତେଲ ଗରମ କରନ୍ତୁ। ସୂକ୍ଷ୍ମ କଟା ରସୁଣ, ଲଙ୍କା ଫ୍ଲେକ୍ସ ଏବଂ ଓରେଗାନୋ ମିଶାନ୍ତୁ। ଭଲ ବାସ୍ନା ନହେବା ପର୍ଯ୍ୟନ୍ତ ରସୁଣକୁ ହାଲୁକା ଭାଜନ୍ତୁ। ମନେରଖନ୍ତୁ ଯେ ରସୁଣ ଜଳିବା ଉଚିତ୍ ନୁହେଁ। ଭଜା ରସୁଣରେ ସତେଜ ଗ୍ରାଉଣ୍ଡ ଟମାଟୋ ପ୍ୟୁରି ଭଲ ଭାବରେ ମିଶାନ୍ତୁ। ଏହାପରେ ପାସ୍ତା ମସଲା, ସାମାନ୍ୟ ନାଲି ଲଙ୍କା ଗୁଣ୍ଡ ଓ ଲୁଣ ସ୍ୱାଦ ଅନୁସାରେ ମିଶାନ୍ତୁ। ଟମାଟୋ ଏବଂ ମସଲାକୁ କିଛି ମିନିଟ୍ ରାନ୍ଧିବାକୁ ଦିଅନ୍ତୁ।

ସୁପ୍ କୁ ପୁଷ୍ଟିକର ଏବଂ କ୍ରଞ୍ଚି କରିବା ପାଇଁ ପନିପରିବା ମିଶାନ୍ତୁ। ସେହି ମିଶ୍ରଣରେ ସୂକ୍ଷ୍ମ କଟା ଗାଜର ଏବଂ ସିଝା ମିଠା ମକା ମିଶାନ୍ତୁ। ବର୍ତ୍ତମାନ ଏଥିରେ ଆବଶ୍ୟକ ଅନୁଯାୟୀ ପର୍ଯ୍ୟାପ୍ତ ପରିମାଣର ପାଣି ମିଶାନ୍ତୁ ଏବଂ ସୁପ୍ କୁ ଫୁଟିବାକୁ ଛାଡିଦିଅନ୍ତୁ ଯାହା ଦ୍ୱାରା ପନିପରିବା ସ୍ୱାଦ ସୁପ୍ ରେ ଭଲ ଭାବରେ ମିଶିଯିବ। ଯେତେବେଳେ ପାଣି ଭଲଭାବେ ଫୁଟିବାକୁ ଆସେ, ଆପଣଙ୍କ ପସନ୍ଦର କଞ୍ଚା ପାସ୍ତା ଯେପରିକି ମାକାରୋନି, ପେନ୍ କିମ୍ବା ଏଲବୋ ପାସ୍ତା ମିଶାନ୍ତୁ । ପାସ୍ତାକୁ ସୁପ୍ ସହିତ ସମାନ ସମୟରେ ରାନ୍ଧିବାକୁ ଦିଅନ୍ତୁ। ପାସ୍ତାକୁ ପୃଥକ ଭାବରେ ଫୁଟାଇବାର ଆବଶ୍ୟକତା ନାହିଁ, କାରଣ ପାସ୍ତା ସୁପ୍ ପାଣିରେ ରାନ୍ଧିବା ଦ୍ୱାରା ସମସ୍ତ ସ୍ୱାଦକୁ ସହଜରେ ଗ୍ରହଣ କରିଥାଏ। ଯେତେବେଳେ ପାସ୍ତା ଅଧା ରନ୍ଧା ହୋଇଯାଏ, କଟା ଲଙ୍କା, ତାଜା ତୁଳସୀ ପତ୍ର ଏବଂ ଛୋଟ ଖଣ୍ଡରେ କଟା ପନିର ମିଶାନ୍ତୁ। ପାତ୍ରକୁ ଘୋଡାଇ ଦିଅନ୍ତୁ ଏବଂ ପାସ୍ତା ସମ୍ପୂର୍ଣ୍ଣ ନରମ ନହେବା ପର୍ଯ୍ୟନ୍ତ କମ୍ ଆଞ୍ଚରେ ରାନ୍ଧନ୍ତୁ। ଯଦି ଆପଣ ସୁପ୍ ଟିକିଏ ମୋଟା ପସନ୍ଦ କରନ୍ତି, ତେବେ ଆପଣ ଏଥିରେ ଟିକେ ମକା ଅଟା ମିଶାଇ ପାରିବେ। ତିଆରି ହେବା ପରେ ଏହି ସୁପ୍‌କୁ ଧନିଆ ପତ୍ର, ଚିଲି ଫ୍ଲେକ୍ସ କିମ୍ବା ଗ୍ରେଟେଡ୍ ପନିର ସହିତ ଗରମ ଗରମ ଖାଆନ୍ତୁ। ଏହି ପାସ୍ତା ସୁପ୍ ଅଳ୍ପ ସମୟରେ ତିଆରି ହେବା ସହିତ ପିଲା ଓ ବୟସ୍କ ସମସ୍ତଙ୍କ ପାଇଁ ମଧ୍ୟ ଉପଯୁକ୍ତ ଅଟେ।

## ଆପଣ ନକଲି ଔଷଧ ଖାଉନାହାନ୍ତି ତ! ଜାଣନ୍ତୁ କେମିତି ଜାଣିବେ ଅସଲି ଓ ନକଲି ମଧ୍ୟରେ ଫରକ



ପ୍ରାୟତଃ ଯେତେବେଳେ ଆମେ ଔଷଧ କିଣୁ, ଆମେ ଏହାର ଗୁଣବତ୍ତା ଏବଂ ଅନ୍ୟାନ୍ୟ ଦିଗ ବିଷୟରେ ଜାଣିବାକୁ ଆଗ୍ରହୀ ନଥାଉ, କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ଏପରି କରିବା ବହୁତ ବିପଦପୂର୍ଣ୍ଣ ହୋଇପାରେ, କାରଣ ବଜାରରେ ଅନେକ ପ୍ରକାରର ନୂତନ ବ୍ରାଣ୍ଡର ନକଲି ଔଷଧ ବିକ୍ରି ହେଉଛି। ଆଜିର ଡିଜିଟାଲ ଦୁନିଆରେ, ପ୍ରତ୍ୟେକ କ୍ଷେତ୍ରରେ ପ୍ରଯୁକ୍ତିର ପ୍ରଭାବ ବୃଦ୍ଧି ପାଉଛି। ପ୍ରଯୁକ୍ତିବିଦ୍ୟାର ଉନ୍ନତି ସ୍ୱାସ୍ଥ୍ୟ ଏବଂ ଔଷଧ କ୍ଷେତ୍ରରେ ଅନେକ ବଡ଼ ପରିବର୍ତ୍ତନ ଆଣିଛି, କିନ୍ତୁ ଆପଣ କ'ଣ ସେହି ପ୍ରଯୁକ୍ତିବିଦ୍ୟା ବ୍ୟବହାର କରୁଛନ୍ତି ? ଔଷଧ କିଣିବା ସମୟରେ ଆପଣ କ'ଣ ଔଷଧରେ ମୁଦ୍ରିତ କ୍ୟୁଆର କୋଡ୍ ସ୍କାନ କରନ୍ତି ? ବାସ୍ତବରେ ଟେକ୍ନୋଲୋଜି ବିଶେଷଜ୍ଞ ରାଜୀବ ମାଖାନି ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଭିଡିଓ ସେୟାର କରିଛନ୍ତି, ଯେଉଁଥିରେ ସେ ଲୋକମାନଙ୍କୁ ଔଷଧ ପଛରେ ଦିଆଯାଇଥିବା କ୍ୟୁଆର କୋଡ୍ ସ୍କାନ୍ କରିବାକୁ ପରାମର୍ଶ ଦେଇଛନ୍ତି। ତାଙ୍କ ମତରେ, ଏହି କୋଡ୍ ଔଷଧର ପ୍ରାମାଣିକତା ଏବଂ ଗୁଣବତ୍ତା ସୁନିଶ୍ଚିତ କରିବାରେ ସାହାଯ୍ୟ କରିପାରିବ। କ୍ୟୁଆର କୋଡ୍ (କ୍ୱିକ୍ ରେସପନ୍ସ କୋଡ୍) ହେଉଛି ଏକ ପ୍ରକାରର ବାରକୋଡ୍ ଯାହାକୁ ଆପଣଙ୍କ ସ୍ମାର୍ଟଫୋନର କ୍ୟାମେରା ସ୍କାନ କରିପାରିବ। ଏଥିରେ ଔଷଧ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ସୂଚନା ରହିଛି ଯେପରିକି କମ୍ପାନୀର ନାମ, ଔଷଧର ବ୍ୟାଚ୍ ନମ୍ବର, ଉତ୍ପାଦନ ଏବଂ ମିଆଦ ଶେଷ ତାରିଖ । ରାଜୀବ ମାଖାନି ତାଙ୍କ ଭିଡିଓରେ ଲୋକମାନଙ୍କୁ ଔଷଧ କିଣିବା ସମୟରେ ପଛରେ ଦିଆଯାଇଥିବା କ୍ୟୁଆର କୋଡ୍ ସ୍କାନ୍ କରିବାକୁ ଅପିଲ୍ କରିଛନ୍ତି। ସେ କହିଛନ୍ତି ଯେ ଏହା ଏକ ସହଜ ଉପାୟ ଯାହା ଦ୍ୱାରା ଲୋକମାନେ ସେମାନଙ୍କର ସୁରକ୍ଷା ସୁନିଶ୍ଚିତ କରିପାରିବେ। ସେ ପୋଷ୍ଟର କ୍ୟାପସନରେ ଲେଖିଛନ୍ତି, 'ଯେକୌଣସି ଔଷଧ କିଣିବା ପୂର୍ବରୁ କ୍ୟୁଆର କୋଡ୍ ସ୍କାନ କରନ୍ତୁ। ଏହାକୁ ଆପଣଙ୍କର ସମସ୍ତ ବନ୍ଧୁ ଏବଂ ପରିବାର ସହିତ ସେୟାର କରନ୍ତୁ ଯାହା ଦ୍ୱାରା ସେମାନେ ଏହା ବିଷୟରେ ଜାଣିପାରିବେ। ସେ ଆହୁରି ଲେଖିଛନ୍ତି, '୨୦୨୩ ପରେ ଉତ୍ପାଦିତ ସମସ୍ତ ଔଷଧର ଏକ କ୍ୟୁଆର କୋଡ୍ ରହିବା ଆବଶ୍ୟକ। ଏହି କ୍ୟୁଆର କୋଡ୍ ସ୍କାନ କରି, ଆପଣ ଔଷଧ ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପାଇପାରିବେ।

## ଚିଙ୍ଗୁଡ଼ି ବନାମ ମାଛ



ଚିଙ୍ଗୁଡ଼ି ଓ ମାଛ ଉଭୟ ପ୍ରୋଟିନ୍‌ରେ ଭରପୂର। ତେବେ ସେମାନଙ୍କ ପୋଷଣ ଭିନ୍ନ ଭିନ୍ନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଆବଶ୍ୟକତା ପୂରଣ କରିଥାଏ। ଚିଙ୍ଗୁଡ଼ି ଅତ୍ୟନ୍ତ କମ୍ କ୍ୟାଲୋରିଯୁକ୍ତ ପ୍ରୋଟିନ୍‌ର ଉତ୍ସ, ଯେଉଁଥିରେ ସେଲେନିୟମ୍, ଜିଙ୍କ୍ ଓ ଆୟୋଡିନ୍ ପରି ଅତ୍ୟାବଶ୍ୟକ ମିନେରାଲ୍‌ସ ଥାଏ। ଅନ୍ୟପକ୍ଷରେ ମାଛ ହୃତ୍‌ପିଣ୍ଡକୁ ସୁରକ୍ଷା ଦେଉଥିବା ଓମେଗା-୩ ଫ୍ୟାଟି ଏସିଡ୍ ଓ ଭିଟାମିନ୍-ଡି ଯୋଗାଇଥାଏ। ପ୍ରତି ୧୦୦ ଗ୍ରାମ ରନ୍ଧା ଚିଙ୍ଗୁଡ଼ିରେ ୧୦୦ କ୍ୟାଲୋରି, ୨୦ ଗ୍ରାମ୍ ପ୍ରୋଟିନ୍ ଓ ୧ ଗ୍ରାମ୍ ଫ୍ୟାଟ୍ ରହିଥାଏ। ତା ସହ ଭିଟାମିନ୍ ବି-୧୨, ସେଲେନିୟମ୍, ଜିଙ୍କ୍, ଆୟୋଡିନ୍, ଫସଫରସ୍ ଓ ଆଷ୍ଟାକ୍ସାନ୍ଥିନ୍ ବି ଥାଏ। ଯେଉଁମାନେ ଓଜନ କମାଇବାକୁ ଚାହାନ୍ତି ବା ଶରୀରରେ ଖଣିଜ ପଦାର୍ଥର ମାତ୍ରା ବଢ଼ାଇବାକୁ ଚାହାନ୍ତି, ସେମାନଙ୍କ ପାଇଁ ଚିଙ୍ଗୁଡ଼ି ଏକ ଉତ୍ତମ ବିକଳ୍ପ। ସେହିପରି ୧୦୦ ଗ୍ରାମ୍ ମାଛରେ କ୍ୟାଲୋରି ୧୦୦ରୁ ୧୩୦ ରହିଥିବା ବେଳେ ପ୍ରୋଟିନ୍ ୨୦ରୁ ୨୪ ଗ୍ରାମ୍ ଓ ଫ୍ୟାଟ୍ ୧-୩ ଗ୍ରାମ୍ ରହିଥାଏ। ସେହିପରି ଭିଟାମିନ୍-ବି, ଭିଟାମିନ୍-ଡି, ଆୟୋଡିନ୍ ଓ ଓମେଗା-୩ ଫ୍ୟାଟି ଏସିଡ୍ ମଧ୍ୟ ଥାଏ। ଉଭୟ ଚିଙ୍ଗୁଡ଼ି ଓ ମାଛ ପ୍ରୋଟିନ୍‌ର ଭଲ ଉତ୍ସ। ଉଭୟରେ ଶରୀର ପାଇଁ ଆବଶ୍ୟକୀୟ ଆମିନୋ ଏସିଡ୍ ରହିଛି, ଯାହା ମାଂସପେଶୀ ଗଠନ ଓ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରେ। ଉଭୟ ଚିଙ୍ଗୁଡ଼ି ଓ ମାଛ ଓଜନ କମାଇବା ପାଇଁ ଖୁବ୍ ଉପଯୋଗୀ। ଚିଙ୍ଗୁଡ଼ିରେ କ୍ୟାଲୋରି ଓ ଚର୍ବି ବହୁତ କମ୍ ଥାଏ। ଏହା ପେଟକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣ ରଖେ। ମାଛ ଓଜନ ନିୟନ୍ତ୍ରଣ ପାଇଁ ଭଲ ଓ ତେଲିଆ ମାଛରେ ଥିବା ଓମେଗା-୩ ଚର୍ବି ହ୍ରାସ କରିବାରେ ସାହାଯ୍ୟ କରେ। ଅତ୍ୟଧିକ ତେଲ, ମସଲା କିମ୍ବା କ୍ରିମି ସସ୍ ବ୍ୟବହାର କରିବା ପରିବର୍ତ୍ତେ ଗ୍ରିଲ୍ କରି, ବାମ୍ଫରେ ସିଝାଇ ବା ଅଳ୍ପ ତେଲରେ ରାନ୍ଧି ଖାଇଲେ ଏହାର ପ୍ରକୃତ ସ୍ୱାସ୍ଥ୍ୟଗୁଣ ମିଳିଥାଏ। ଚିଙ୍ଗୁଡ଼ି ମେଟାବୋଲିଜିମ୍ ଓ ଥାଇରଏଡ୍ ସ୍ୱାସ୍ଥ୍ୟ ପାଇଁ ଉତ୍ତମ। ଆଖି ଓ ଚର୍ମର ସୁରକ୍ଷା ପାଇଁ ଏହା ଆଣ୍ଟି-ଅକ୍ସିଡାଣ୍ଟ ଯୋଗାଏ। ଶରୀରର ପ୍ରଦାହ କମାଇବାରେ ବି ସାହାଯ୍ୟ କରେ। ସେହିପରି ମାଛ ଓମେଗା-୩ ହୃତ୍‌ପିଣ୍ଡ, ମସ୍ତିଷ୍କ ଏବଂ ଗଣ୍ଠିର ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଜରୁରି। ଏହା ସ୍ମରଣଶକ୍ତି ବୃଦ୍ଧି କରେ ଏବଂ ଭିଟାମିନ୍-ଡି ଯୋଗାଏ। ସାଧା ମାଛ ହଜମ କରିବା ସହଜ, ତେଣୁ ପେଟ ପାଇଁ ଭଲ।



## ଆପଣ କ୍ଷୀର ପିଇବାକୁ ନାପସନ୍ଦ କରନ୍ତି କି ? : ଏହି ୭ ଖାଦ୍ୟରୁ ପାଆନ୍ତୁ କ୍ୟାଲସିୟମ୍



**କିଛି ଲୋକ ଅଛନ୍ତି ଯେଉଁମାନେ କ୍ଷୀର ପିଇବାକୁ ପସନ୍ଦ କରନ୍ତି ନାହିଁ। ଏପରି ପରିସ୍ଥିତିରେ, ଯଦି ଆପଣ ଚାହାଁନ୍ତି, ଆପଣଙ୍କ ନିଜ ଖାଦ୍ୟରେ ଏମିତି କିଛି ଖାଦ୍ୟ ପଦାର୍ଥ (କ୍ୟାଲ୍‌ସିୟମ୍ ରିଚ୍ ଡାଏଟ୍) ଅନ୍ତର୍ଭୁକ୍ତ କରି କ୍ୟାଲ୍‌ସିୟମ୍ ଅଭାବ ପୂରଣ କରିପାରିବେ। ଆସନ୍ତୁ ଏହିସବୁ ଖାଦ୍ୟ ବିଷୟରେ ଜାଣିବା।**

କ୍ଷୀର ପିଇବା ସ୍ୱାସ୍ଥ୍ୟ ପାଇଁ ବହୁ ଲାଭଦାୟକ। କାରଣ କ୍ଷୀରରେ ପ୍ରୋଟିନ୍ ଏବଂ କ୍ୟାଲସିୟମ୍ ସହିତ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ଭରପୂର ପରିମାଣରେ ଥାଏ। ଏହା ଶରୀରକୁ ଶକ୍ତିଶାଳୀ ଏବଂ ଉର୍ଜାବାନ କରିଥାଏ। ସେଥିପାଇଁ ପୋଷକ ବିଜ୍ଞାନୀ ବା ଡାକ୍ତରମାନେ ପିଲାମାନଙ୍କୁ କ୍ଷୀର ପିଇବା ପାଇଁ ପରାମର୍ଶ ଦିଅନ୍ତି।

କିନ୍ତୁ ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ କ୍ଷୀର ପିଇବାକୁ ପସନ୍ଦ କରନ୍ତି ନାହିଁ। ଏପରି ପରିସ୍ଥିତିରେ, ଯଦି ଆପଣ ଚାହାଁନ୍ତି, ଆପଣଙ୍କ ନିଜ ଖାଦ୍ୟରେ ଏମିତି କିଛି ଖାଦ୍ୟ ପଦାର୍ଥ (କ୍ୟାଲ୍‌ସିୟମ୍ ରିଚ୍ ଡାଏଟ୍) ଅନ୍ତର୍ଭୁକ୍ତ କରି କ୍ୟାଲ୍‌ସିୟମ୍ ଅଭାବ ପୂରଣ କରିପାରିବେ। ଆସନ୍ତୁ ଏହିସବୁ ଖାଦ୍ୟ ବିଷୟରେ ଜାଣିବା।

କନ୍ଦମୂଳ: କନ୍ଦମୂଳରେ ପ୍ରଚୁର ପରିମାଣରେ କ୍ୟାଲ୍‌ସିୟମ୍ ଥାଏ। ଗୋଟିଏ ବଡ଼ ଆକାରର କନ୍ଦମୂଳରେ ପ୍ରାୟ ୬୮ ମିଲିଗ୍ରାମ କ୍ୟାଲ୍‌ସିୟମ୍ ଥାଏ। ଏହା ସହିତ ଭିଟାମିନ୍ ଏ, ଭିଟାମିନ୍ ବି ଏବଂ ପୋଟାସିୟମର ପରିମାଣ ମଧ୍ୟ ଯଥେଷ୍ଟ ଥାଏ। ଏପରି ପରିସ୍ଥିତିରେ, ଯଦି ଆପଣ କ୍ଷୀର ପିଇବାକୁ ପସନ୍ଦ କରନ୍ତି ନାହିଁ, ତେବେ ଆପଣ କନ୍ଦମୂଳକୁ ଆପଣଙ୍କ ଖାଦ୍ୟର ଏକ ଅଂଶ କରିପାରିବେ।

ନାଣ୍ଡି ବଗୁଲି: ଦୁଇ ଚାମଚ ନାଣ୍ଡି ବଗୁଲିରେ ପ୍ରାୟ ୧୭୯ ମିଗ୍ରା କ୍ୟାଲସିୟମ୍ ଥାଏ। ଆପଣ କ୍ଷୀର ବଦଳରେ ନାଣ୍ଡି ବଗୁଲି ଖାଇପାରିବେ। ଏହା ସହିତ ନାଣ୍ଡି ବଗୁଲିରେ ବୋରନ୍ ମଧ୍ୟ ରହିଥାଏ, ଯାହା ଶରୀରକୁ କ୍ୟାଲ୍‌ସିୟମ୍ ଯୋଗାଇବା ସହିତ ଫସ୍‌ଫରସ୍ ଏବଂ ମ୍ୟାଗ୍ନେସିୟମ୍ ମେଟାବୋଲିଜିଂ କରି ହାଡ ଏବଂ ମାଂସପେଶୀର ସ୍ୱାସ୍ଥ୍ୟକୁ ମଧ୍ୟ ପ୍ରଭାବିତ କରିଥାଏ।

ସୋୟା କ୍ଷୀର: ଆପଣ କ୍ଷୀର ବଦଳରେ ସୋୟା କ୍ଷୀର ମଧ୍ୟ ପିଇପାରିବେ। ସୋୟା କ୍ଷୀରରୁ ଗାଇ କ୍ଷୀର ପରି କ୍ୟାଲସିୟମ୍ ମିଳିଥାଏ। କେବଳ ଏତିକି ନୁହେଁ, ସୋୟା କ୍ଷୀରରେ ଭଲ ପରିମାଣରେ କ୍ୟାଲ୍‌ସିୟମ୍ କାର୍ବୋନେଟ୍ ଏବଂ ଭିଟାମିନ୍ ଡ ମଧ୍ୟ ଥାଏ। ଏହା ସହିତ ସୋୟା କ୍ଷୀରରେ ସନ୍ତୁଳିତ ଚର୍ବିର ପରିମାଣ କ୍ଷୀର ତୁଳନାରେ ବହୁତ କମ୍ ଥାଏ। ଯେଉଁ କାରଣରୁ ସୋୟା କ୍ଷୀର ଗାଇ କ୍ଷୀର ଅପେକ୍ଷା ସ୍ୱାସ୍ଥ୍ୟକର ବୋଲି ବିବେଚନା କରାଯାଏ।

ସୋୟା ପନିର: ସୋୟା ପନିରକୁ କ୍ୟାଲସିୟମର ଏକ ଉତ୍କୃଷ୍ଟ ଉତ୍ସ ଭାବରେ ବିବେଚନା କରାଯାଏ। କିନ୍ତୁ ଏଥିପାଇଁ ସୋୟା ପନିର୍ ଗୁଣ ପ୍ରତି ଧ୍ୟାନ ଦେବା ଜରୁରୀ କାରଣ ଏଥିରେ ଥିବା କ୍ୟାଲସିୟମର ପରିମାଣ ଏହାର ଗୁଣ ଉପରେ ନିର୍ଭର କରେ। ସାଧାରଣତଃ ଅଧା କପ୍ ସୋୟା ପନିରରେ ୨୭୫ ରୁ ୯୬୧ ମିଗ୍ରା କ୍ୟାଲ୍‌ସିୟମ୍ ରହିପାରେ।

କମଳା: ଆପଣ କ୍ୟାଲସିୟମ ପାଇଁ କମଳା ମଧ୍ୟ ଖାଇପାରିବେ। କମଳା ଭିଟାମିନ୍ ସି ଏବଂ କ୍ୟାଲ୍‌ସିୟମର ଏକ ପ୍ରମୁଖ ଉତ୍ସ। ଆପଣ ଏକ ବଡ଼ ଆକାରର କମଳାରୁ ପ୍ରାୟ ୭୪ ମିଗ୍ରା କ୍ୟାଲ୍‌ସିୟମ୍ ପାଇପାରିବେ। ତେଣୁ ଯଦି ଆମେ ଏକ ଗ୍ଲାସ୍ କମଳା ରସ ବିଷୟରେ କହିବା, ଏଥିରେ ଥିବା କ୍ୟାଲସିୟମ୍ ପରିମାଣ ୩୦୦ ମିଗ୍ରା ପର୍ଯ୍ୟନ୍ତ ହୋଇପାରେ।

ପେଶି: କ୍ୟାଲ୍‌ସିୟମ୍ ପାଇଁ ଆପଣ ନିଜ ଖାଦ୍ୟରେ ପେଶି ମଧ୍ୟ ଅନ୍ତର୍ଭୁକ୍ତ କରିପାରିବେ। ଗୋଟିଏ ଚାମଚ ପେଶିରେ ପ୍ରାୟ ୮୮ ମିଗ୍ରା କ୍ୟାଲସିୟମ ମିଳିଥାଏ। ଏହା ସହିତ ଏହା ଜିଙ୍କ୍ ଏବଂ କପରରେ ମଧ୍ୟ ଭରପୂର। ଏଭଳି ପରିସ୍ଥିତିରେ ଆପଣ ନିଜ ଖାଦ୍ୟରେ ପେଶିକୁ ଯେକୌଣସି ପ୍ରକାରରେ ସାମିଲ କରିପାରିବେ ଏବଂ ଶରୀରରେ କ୍ୟାଲ୍‌ସିୟମ୍‌ର ଅଭାବ ପୂରଣ କରିପାରିବେ।

## ବର୍ଷା ଦିନେ ଖାଉଛନ୍ତି କି ବାସିରୁଟି: ଜାଣି ରଖନ୍ତୁ କ'ଣ କହୁଛନ୍ତି ଡାକ୍ତର



ଦେଶର ପ୍ରାୟ ସମସ୍ତ ସହର ଏବଂ ଗାଁରେ ବାସି ରୁଟି ଖାଇବା ଏକ ପାରମ୍ପରିକ ପ୍ରଥା। ଯେଉଁମାନେ ଖାଦ୍ୟକୁ ପୂଜା କରନ୍ତି, ସେମାନେ ଖାଦ୍ୟକୁ ଫୋପାଡ଼ି ଦେବା ପରିବର୍ତ୍ତେ ବଳକା ଖାଦ୍ୟ ଖାଇବାକୁ ଉଚିତ ବୋଲି ଭାବନ୍ତି। ଲୋକମାନେ ବାସି ରୁଟି ବହୁତ ଖାଆନ୍ତି। ବିଶେଷକରି ଯୁବପିଢ଼ିଙ୍କ ମଧ୍ୟରେ ବାସି ରୁଟିର ଚାହିଦା ବହୁତ ବୃଦ୍ଧି ପାଇଛି। ବିଶେଷ କଥା ହେଉଛି ଏହାର ସକାରାତ୍ମକ ପ୍ରଭାବ ଯୋଗୁ, ଏହାକୁ ଅନ୍ୟାନ୍ୟ ଉପାଦାନ ସହିତ ସେବନ କରାଯାଉଛି, କାରଣ, ବାସି ରୁଟିକୁ ପ୍ରୋଟିନ ଭରପୂର ବୋଲି ବିବେଚନା କରାଯାଏ। ଏହା ଶରୀରର ଓଜନ ମଧ୍ୟ ବୃଦ୍ଧି କରେ। ଏହି କାରଣରୁ ଯୁବପିଢ଼ି ଏହାକୁ ଅଧିକ ଖାଉଛନ୍ତି। ଡାକ୍ତର ଏ ବିଷୟରେ ସମ୍ପୂର୍ଣ୍ଣ ସତ୍ୟ କହିଛନ୍ତି। ଡାକ୍ତର ଆଲୋକ ଚୌରାସିଆଙ୍କ ଅନୁଯାୟୀ, ବାସି ରୁଟିରେ ପ୍ରୋଟିନ ପରିମାଣ ତାଜା ଖାଦ୍ୟ ସାମଗ୍ରୀ ପରି ନୁହେଁ। ରୁଟି ମୁଖ୍ୟତଃ କାର୍ବୋହାଇଡ୍ରେଟର ଏକ ଉତ୍ସ ଏବଂ ଏଥିରେ ପ୍ରୋଟିନର ପରିମାଣ ସୀମିତ। ତଥାପି, ଯଦି ବାସି ରୁଟିକୁ ଦହି କିମ୍ବା ଅନ୍ୟାନ୍ୟ ପ୍ରୋଟିନ ଯୁକ୍ତ ପଦାର୍ଥ ସହିତ ଖିଆଯାଏ, ତେବେ ଏହା ଦ୍ୱାରା ପ୍ରୋଟନର ଅଭାବ ପୂରଣ କରାଯାଇପାରିବ। ଗାଁ ଗହଳିରେ ବାସି ରୁଟି ଖାଇବାର ଏକ ବଡ଼ କାରଣ ହେଉଛି ଏହା ସହଜ ଏବଂ ଶସ୍ତା। ବାସି ରୁଟି ଖାଇବା ପେଟ ପାଇଁ ହାଲୁକା ଏବଂ ଏହା ଶୀଘ୍ର ହଜମ ହୁଏ। ଏହା ବ୍ୟତୀତ, ଡକ୍ଟର କହିଛନ୍ତି ଯେ ଦହି କିମ୍ବା ବଟର ମିଲ୍କ ସହିତ ବାସି ରୁଟି ଖାଇବା ଏହାକୁ ଏକ ପୁଷ୍ଟିକର ଏବଂ ଥଣ୍ଡା ଜଳଖିଆ କରିଥାଏ, ଯାହା ବହୁତ ଲାଭଦାୟକ ପ୍ରମାଣିତ ହୁଏ। ଯଦିଓ ବାସି ରୁଟି ଖାଇବାର କିଛି ଲାଭ ଅଛି, ଏହାର କ୍ଷତି ମଧ୍ୟ ହୋଇପାରେ। ଡକ୍ଟର ଆଲୋକ ସତର୍କ କରାଇ ଦେଇଛନ୍ତି ଯେ ଯଦି ବାସି ରୁଟି ଠିକ ଭାବରେ ନ ରଖାଯାଏ, ତେବେ ଏଥିରେ ଜୀବାଣୁ ବଢ଼ିପାରେ। ଯାହା ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ବିଶେଷକରି ବର୍ଷା ଋତୁରେ, ଯେତେବେଳେ ଅଧିକ ଆର୍ଦ୍ରତା ଥାଏ, ଯଦି ବାସି ରୁଟି ଠିକ ଭାବରେ ସଂରକ୍ଷଣ ନ କରାଯାଏ, ତେବେ ଏହା ପେଟ ରୋଗର କାରଣ ହୋଇପାରେ। ଡକ୍ଟର ଆଲୋକ କୁହନ୍ତି ଯେ ଯଦି ଆପଣ ବାସି ରୁଟି ଖାଇବାକୁ ଚାହାଁନ୍ତି, ତେବେ ଏହାକୁ ଥଣ୍ଡା ଏବଂ ଶୁଖିଲା ସ୍ଥାନରେ ରଖନ୍ତୁ ଏବଂ ପରଦିନ କେବଳ ତାଜା ଦହି କିମ୍ବା ପନିପରିବା ସହିତ ଖାଆନ୍ତୁ, ଯାହା ଦ୍ୱାରା ପୋଷକ ତତ୍ତ୍ୱର ଅଭାବ ପୂରଣ ହୋଇପାରିବ। କିନ୍ତୁ, ନିୟମିତ ଭାବରେ ତାଜା ଖାଦ୍ୟ ଖାଇବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ, କାରଣ ଶରୀରକୁ ସମସ୍ତ ଆବଶ୍ୟକୀୟ ପୋଷକ ତତ୍ତ୍ୱର ଆବଶ୍ୟକତା ଅଛି।

# ୟୁପିଆଇରେ ନୂଆ ଶୁଳ୍କ ବ୍ୟବସ୍ଥା: ଘରୋଇ ଆବଶ୍ୟକତା ନା ଆନ୍ତର୍ଜାତିକ ବାଧ୍ୟବାଧକତା ?

ଭାରତର ଡିଜିଟାଲ୍ ଅର୍ଥନୀତିରେ ୟୁନିଫାଇଡ୍ ପେମେଣ୍ଟସ୍ ଇଣ୍ଟରଫେସ୍ ବା ୟୁପିଆଇ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି । ରାସ୍ତା କଡ଼ର ଛୋଟ ଉଠା ଦୋକାନୀଠାରୁ ଆରମ୍ଭ କରି ବଡ଼ ବଡ଼ ସପିଂ ମଲ୍ ପର୍ଯ୍ୟନ୍ତ ସବୁଠି ଏବେ ୟୁପିଆଇ ମାଧ୍ୟମରେ ମାଗଣାରେ କାରବାର ହେଉଛି । କିନ୍ତୁ ସମ୍ପ୍ରତି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ଟ୍ୟାକ୍ସେସନ୍ ଆଣ୍ଡ୍ ଅଦର୍ ଲଜ୍ (ଆମେଣ୍ଡମେଣ୍ଟ) ବିଲ୍, ୨୦୨୬ ଆଗତ କରିବା ପରେ ଏହି ମାଗଣା ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ହେବାର ଆଶଙ୍କା ଦେଖାଦେଇଛି । ଏହି ବିଲ୍ ମାଧ୍ୟମରେ ପେମେଣ୍ଟ ଆଣ୍ଡ୍ ସେଟଲମେଣ୍ଟ ସିଷ୍ଟମ୍ସ ଆକ୍ଟ, ୨୦୦୭ର ଧାରା ୧୦ଏ କୁ ଉଚ୍ଛେଦ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି । ଏହି ଧାରା ବଳରେ ବ୍ୟାଙ୍କ ଏବଂ ପେମେଣ୍ଟ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ୟୁପିଆଇ କାରବାର ଉପରେ କୌଣସି ପ୍ରକାର ଶୁଳ୍କ ବା ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ୍ (ଏମଡିଆର) ଲାଗୁ କରିପାରୁନଥିଲେ । ନୂତନ ପ୍ରସ୍ତାବ ଅନୁଯାୟୀ, ୨୦୦୦ ଟଙ୍କାରୁ ଅଧିକ ମୂଲ୍ୟର ୟୁପିଆଇ କାରବାର ଉପରେ ୦.୨୫ ପ୍ରତିଶତରୁ ୦.୫ ପ୍ରତିଶତ ପର୍ଯ୍ୟନ୍ତ ଏମଡିଆର ଲାଗୁ କରାଯାଇପାରେ । ତେବେ ଏହା କେବଳ ସେହି ବ୍ୟବସାୟୀମାନଙ୍କ ଉପରେ ଲାଗୁ ହେବ ଯେଉଁମାନଙ୍କର ବାର୍ଷିକ କାରବାର ୧.୫ କୋଟି ଟଙ୍କାରୁ ଅଧିକ ରହିଛି । ସରକାରୀ ତଥ୍ୟ ଅନୁଯାୟୀ, ୨୦୨୬ ମସିହା ଜୁଲାଇ ମାସରେ ୟୁପିଆଇ ମାଧ୍ୟମରେ ୨୩.୬ ବିଲିୟନ୍ କାରବାର ହୋଇଥିଲା, ଯାହାର ମୂଲ୍ୟ ପ୍ରାୟ ୨୯.୯ ଟ୍ରିଲିୟନ୍ ଟଙ୍କା ବା ୩୧୩.୫ ବିଲିୟନ୍ ଆମେରିକୀୟ ଡଲାର ଥିଲା । ଏହି ବିଶାଳ କାରବାରକୁ ଦୃଷ୍ଟିରେ ରଖିଲେ ପ୍ରସ୍ତାବିତ ଶୁଳ୍କ ବ୍ୟବସ୍ଥା ଭାରତୀୟ ଡିଜିଟାଲ୍ ପେମେଣ୍ଟ ବଜାରରେ ଏକ ବ୍ୟାପକ ପ୍ରଭାବ ପକାଇବ ବୋଲି ଆକଳନ କରାଯାଉଛି । ପ୍ରଥମ ଦୃଷ୍ଟିରେ ଏହି ପଦକ୍ଷେପ କେବଳ ଏକ ଘରୋଇ ଅର୍ଥନୈତିକ ନିଷ୍ପତ୍ତି ଭଳି ମନେ ହେଉଥିଲେ ମଧ୍ୟ ଏହା ପଛରେ ଏକ ଗଭୀର ଆନ୍ତର୍ଜାତିକ ଭୂ-ରାଜନୈତିକ ଏବଂ ବାଣିଜ୍ୟିକ କାରଣ ଲୁଚି ରହିଛି ।

ଭାରତର ଏହି ନୂତନ ୟୁପିଆଇ ଶୁଳ୍କ ପ୍ରସ୍ତାବ ପଛରେ ଆମେରିକାର ଟ୍ରମ୍ପ ପ୍ରଶାସନର ଏକ ଅଦୃଶ୍ୟ ପ୍ରଭାବ ରହିଛି । ୨୦୨୬ ମସିହାରେ ୟୁନାଇଟେଡ୍ ଷ୍ଟେଟସ୍ ଟ୍ରେଡ୍ ରିପ୍ରେଜେଣ୍ଟେଟିଭ୍ (ୟୁଏସଟିଆର) ପକ୍ଷରୁ ପ୍ରକାଶିତ ନ୍ୟାସନାଲ୍ ଟ୍ରେଡ୍ ଏଷ୍ଟିମେଟ୍ ରିପୋର୍ଟ ଅନ୍ ଫରେନ୍ ଟ୍ରେଡ୍ ବ୍ୟାରିୟର୍ସରେ ଭାରତର ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥାକୁ ତୀବ୍ର ସମାଲୋଚନା କରାଯାଇଥିଲା । ୟୁଏସଟିଆର ଦର୍ଶାଇଥିଲା ଯେ ଭାରତର ୟୁପିଆଇ ଏବଂ ରୁପେ କାର୍ଡ ବ୍ୟବସ୍ଥା ଆମେରିକୀୟ କମ୍ପାନୀଗୁଡ଼ିକ ପାଇଁ ଏକ ଅସମାନ ପ୍ରତିଯୋଗିତାମୂଳକ ପରିବେଶ ସୃଷ୍ଟି କରୁଛି । ୟୁପିଆଇରେ କୌଣସି ଶୁଳ୍କ ନଥିବାରୁ ଏବଂ ଏହାକୁ ନ୍ୟାସନାଲ୍ ପେମେଣ୍ଟସ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନପିସିଆଇ) ମାଧ୍ୟମରେ ସରକାରୀ ପ୍ରୋତ୍ସାହନ ମିଳୁଥିବାରୁ ମାଷ୍ଟରକାର୍ଡ, ଭିସା, ଗୁଗଲ୍ ପେ ଏବଂ ୱାଲମାର୍ଟର ଫୋନ୍ ପେ ଭଳି ଆମେରିକୀୟ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ଭାରତୀୟ ବଜାରରୁ ଉପଯୁକ୍ତ ଲାଭ ପାଇପାରୁନାହାନ୍ତି । ବର୍ତ୍ତମାନ ଭାରତର ୟୁପିଆଇ ବଜାରର ପ୍ରାୟ ୮୫ ପ୍ରତିଶତ ଫୋନ୍ ପେ ଏବଂ ଗୁଗଲ୍ ପେ ହାତରେ ରହିଛି । କିନ୍ତୁ ଜିରୋ ଏମଡିଆର ନୀତି ଯୋଗୁଁ ସେମାନଙ୍କୁ ନିଜ ପକେଟରୁ ଭିତ୍ତିଭୂମି ପରିଚାଳନା ଖର୍ଚ୍ଚ ବହନ କରିବାକୁ ପଡୁଛି । ଏହା ସହିତ ଏନପିସିଆଇ ଦ୍ୱାରା ଥାର୍ଡ ପାର୍ଟି ଆପ୍ଲିକେସନ୍ ଗୁଡ଼ିକ ଉପରେ ୩୦ ପ୍ରତିଶତ ମାର୍କେଟ୍ ସେୟାର୍ କ୍ୟାପ୍ ଲଗାଇବା ପାଇଁ ଯେଉଁ ନିୟମ ଅଣାଯାଇଥିଲା, ତାହାକୁ ମଧ୍ୟ ଆମେରିକା ନିଜ କମ୍ପାନୀଗୁଡ଼ିକ ବିରୋଧରେ ଏକ ଷଡ଼ଯନ୍ତ୍ର ଭାବରେ ଗ୍ରହଣ କରିଥିଲା । ତେଣୁ ଆମେରିକା ଏହାକୁ ଏକ ପ୍ରକାର ବାଣିଜ୍ୟିକ ପ୍ରତିବନ୍ଧକ ବା ନନ୍ ଟାରିଫ୍ ବ୍ୟାରିୟର୍ ଭାବରେ ଦର୍ଶାଇଥିଲା ।

ଏହି ପ୍ରସଙ୍ଗକୁ ଅଧିକ ବୁଝିବା ପାଇଁ ଆମକୁ ବ୍ରାଜିଲର ସାମ୍ପ୍ରତିକ ଉଦାହରଣକୁ ଦେଖିବାକୁ ପଡ଼ିବ । ବ୍ରାଜିଲରେ ମଧ୍ୟ ଭାରତର ୟୁପିଆଇ ଭଳି ପିକ୍ସ ନାମକ ଏକ ସରକାରୀ ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥା ରହିଛି ଯାହାକି ସାଧାରଣ ନାଗରିକଙ୍କ ପାଇଁ ସମ୍ପୂର୍ଣ୍ଣ ମାଗଣା । ଜୁଲାଇ ୨୦୨୬ରେ ଟ୍ରମ୍ପ ପ୍ରଶାସନ ବ୍ରାଜିଲର ଏହି ପିକ୍ସ ବ୍ୟବସ୍ଥା ବିରୋଧରେ ୧୯୭୪ ଟ୍ରେଡ୍ ଆକ୍ଟର ସେକ୍ସନ୍ ୩୦୧ ଅଧୀନରେ ଏକ ତଦନ୍ତ ଆରମ୍ଭ କରିବା ସହ ବ୍ରାଜିଲରୁ ଆମଦାନୀ ହେଉଥିବା ବିଭିନ୍ନ ସାମଗ୍ରୀ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇଦେଇଥିଲା । ଆମେରିକାର ଯୁକ୍ତି ଥିଲା ଯେ ବ୍ରାଜିଲର ଏହି ମାଗଣା ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥା ଆମେରିକୀୟ କ୍ରେଡିଟ୍ କାର୍ଡ କମ୍ପାନୀଗୁଡ଼ିକର ବ୍ୟବସାୟକୁ କ୍ଷତି ପହଞ୍ଚାଉଛି ଏବଂ ଏହା ଏକ ଅନୁଚିତ ବାଣିଜ୍ୟିକ ଅଭ୍ୟାସ । ବ୍ରାଜିଲର ରାଷ୍ଟ୍ରପତି ଲୁଲା ଦା ସିଲଭା ଏହାକୁ ତୀବ୍ର ବିରୋଧ କରିଥିଲେ । ବ୍ରାଜିଲ ଉପରେ ହୋଇଥିବା ଏହି ଆକ୍ରମଣ ଭାରତ ପାଇଁ ଏକ ସ୍ପଷ୍ଟ ଚେତାବନୀ ଥିଲା । ଯଦି ଭାରତ ତାର ୟୁପିଆଇ ବ୍ୟବସ୍ଥାରେ ବିଦେଶୀ କମ୍ପାନୀଗୁଡ଼ିକୁ ଲାଭ କରିବାର ସୁଯୋଗ ନଦିଏ, ତେବେ ଟ୍ରମ୍ପ ପ୍ରଶାସନ ଭାରତର ରପ୍ତାନି ସାମଗ୍ରୀ ଉପରେ ମଧ୍ୟ ଅନୁରୂପ ଭାବରେ ଭାରି ଶୁଳ୍କ ଲଗାଇବାର ଯଥେଷ୍ଟ ଆଶଙ୍କା ଥିଲା । ତେଣୁ ଆମେରିକା ସହିତ ଏକ ବୃହତ୍ତର ବାଣିଜ୍ୟିକ ଚୁକ୍ତି ବା ବୁଝାମଣାର ଅଂଶସ୍ୱରୂପ ଭାରତ ସରକାର ୟୁପିଆଇ ଉପରେ ଏମଡିଆର ଲାଗୁ କରିବାକୁ ବାଧ୍ୟ ହୋଇଛନ୍ତି ବୋଲି ଅର୍ଥନୈତିକ ବିଶେଷଜ୍ଞମାନେ ମତ ଦେଉଛନ୍ତି ।

ଏହାଦ୍ୱାରା ଆମେରିକୀୟ ଫିନଟେକ୍ କମ୍ପାନୀଗୁଡ଼ିକ ଭାରତର ବିଶାଳ ଡିଜିଟାଲ୍ ବଜାରରୁ ରାଜସ୍ୱ ଆଦାୟ କରିପାରିବେ ଏବଂ ବଦଳରେ ଭାରତ ଆମେରିକାର ଟାରିଫ୍ ବା ଶୁଳ୍କ ଆକ୍ରମଣରୁ ନିଜକୁ ରକ୍ଷା କରିପାରିବ । ଏହି ପଦକ୍ଷେପକୁ ଏକ କୂଟନୈତିକ ଏବଂ ଅର୍ଥନୈତିକ ବିନିମୟ ଭାବରେ ଦେଖାଯାଇପାରେ । ୟୁପିଆଇ କାରବାର ଉପରେ ଶୁଳ୍କ ଲାଗୁ କରିବାର ଘରୋଇ କାରଣଗୁଡ଼ିକୁ ମଧ୍ୟ ଅଣଦେଖା କରାଯାଇନପାରେ । ଭାରତୀୟ ବ୍ୟାଙ୍କ ଏବଂ ପେମେଣ୍ଟ ସେବା ପ୍ରଦାନକାରୀମାନେ ମଧ୍ୟ ଦୀର୍ଘ ଦିନ ଧରି ଏମଡିଆର ଲାଗୁ କରିବାକୁ ଦାବି କରିଆସୁଥିଲେ । କାରଣ କୋଟି କୋଟି ଟଙ୍କାର କାରବାରକୁ ସୁରକ୍ଷିତ ଏବଂ ନିରବଚ୍ଛିନ୍ନ ଭାବରେ ପରିଚାଳନା କରିବା ପାଇଁ ବିପୁଳ ବୈଷୟିକ ଭିତ୍ତିଭୂମିର ଆବଶ୍ୟକତା ରହିଛି । ବିନା ରାଜସ୍ୱରେ ଏହି ଭିତ୍ତିଭୂମିର ରକ୍ଷଣାବେକ୍ଷଣ ଏବଂ ନବୀକରଣ ଅସମ୍ଭବ ହୋଇପଡୁଥିଲା । ତଥ୍ୟ ଅନୁଯାୟୀ, ୨୦୦୦ ଟଙ୍କାରୁ ଅଧିକ ମୂଲ୍ୟର ୟୁପିଆଇ କାରବାର ସମୁଦାୟ କାରବାର ସଂଖ୍ୟାର ମାତ୍ର ୫ ପ୍ରତିଶତ ହୋଇଥିଲେ ମଧ୍ୟ ସମୁଦାୟ କାରବାର ମୂଲ୍ୟର ପ୍ରାୟ ୬୫ ପ୍ରତିଶତ ଅଟେ । ତେଣୁ କେବଳ ବଡ଼ କାରବାର ଉପରେ ଶୁଳ୍କ ଲଗାଇଲେ ମଧ୍ୟ ଏହି କମ୍ପାନୀଗୁଡ଼ିକ ଏବଂ ବ୍ୟାଙ୍କମାନଙ୍କୁ ବିପୁଳ ପରିମାଣର ରାଜସ୍ୱ ମିଳିପାରିବ ଏବଂ ଏଥିସହିତ ଛୋଟ କାରବାରଗୁଡ଼ିକ ପୂର୍ବଭଳି ମାଗଣା ରହିବ । ସରକାରଙ୍କ ଏହି ନୂତନ ନିଷ୍ପତ୍ତି ଉଭୟ ଘରୋଇ ପେମେଣ୍ଟ ଇଣ୍ଡଷ୍ଟ୍ରିର ଦାବି ପୂରଣ କରିବା ସହ ଆମେରିକାର ଚାପକୁ ପ୍ରଶମିତ କରିବାରେ ଏକାସାଙ୍ଗରେ ସହାୟକ ହେବ ।

ତେବେ ଏହି ପଦକ୍ଷେପର ଦୀର୍ଘମିଆଦୀ ପ୍ରଭାବକୁ ନେଇ ଅନେକ ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି । ସରକାର ସ୍ପଷ୍ଟ କରିଛନ୍ତି ଯେ ସାଧାରଣ ଗ୍ରାହକ ଏବଂ ଛୋଟ ବ୍ୟବସାୟୀମାନଙ୍କ ଉପରେ ଏହି ଶୁଳ୍କର କୌଣସି ପ୍ରତ୍ୟକ୍ଷ ପ୍ରଭାବ ପଡ଼ିବ ନାହିଁ । କେବଳ ୧.୫ କୋଟି ଟଙ୍କାରୁ ଅଧିକ ବାର୍ଷିକ କାରବାର କରୁଥିବା ବଡ଼ ବ୍ୟବସାୟୀମାନେ ଏହି ଏମଡିଆର ଦେବେ ଏବଂ ପିଅର୍ ଟୁ ପିଅର୍ ବା ବ୍ୟକ୍ତିଗତ କାରବାର ସମ୍ପୂର୍ଣ୍ଣ ମାଗଣା ରହିବ । କିନ୍ତୁ ଅର୍ଥନୈତିକ ବାସ୍ତବତା ହେଉଛି ଯେତେବେଳେ ବ୍ୟବସାୟୀମାନଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ପଡ଼େ, ସେମାନେ କୌଣସି ନା କୌଣସି ଉପାୟରେ ସେହି ଖର୍ଚ୍ଚକୁ ଗ୍ରାହକମାନଙ୍କଠାରୁ ହିଁ ଆଦାୟ କରିଥାନ୍ତି । ସାମଗ୍ରୀର ମୂଲ୍ୟ ବୃଦ୍ଧି ବା ଅନ୍ୟାନ୍ୟ ଲୁକ୍କାୟିତ ଚାର୍ଜ ମାଧ୍ୟମରେ ଶେଷରେ ସାଧାରଣ ଖାଉଟି ହିଁ ଏହି ଶୁଳ୍କର ଭାର ବହନ କରିବାର ଆଶଙ୍କା ରହିଛି । ଏହାବ୍ୟତୀତ, ୟୁପିଆଇର ମୂଳ ଲକ୍ଷ୍ୟ ଥିଲା ଡିଜିଟାଲ୍ ଅର୍ଥନୀତିକୁ ସର୍ବସାଧାରଣଙ୍କ ପାଇଁ ସହଜ ଏବଂ ମାଗଣା କରିବା । ଏହାକୁ ଏକ ଡିଜିଟାଲ୍ ପବ୍ଲିକ୍ ଇନଫ୍ରାଷ୍ଟ୍ରକ୍ଚର ବା ସାର୍ବଜନୀନ ଭିତ୍ତିଭୂମି ଭାବରେ ବିଶ୍ୱ ଦରବାରରେ ଉପସ୍ଥାପନ କରାଯାଉଥିଲା ଯାହାକି ପାଶ୍ଚାତ୍ୟ ଦେଶଗୁଡ଼ିକର ପୁଞ୍ଜିବାଦୀ ମଡେଲ୍ ଠାରୁ ସମ୍ପୂର୍ଣ୍ଣ ଭିନ୍ନ ଥିଲା । କିନ୍ତୁ ବର୍ତ୍ତମାନ ବିଦେଶୀ ଚାପ ଏବଂ ବାଣିଜ୍ୟିକ ସ୍ୱାର୍ଥ ରକ୍ଷା କରିବାକୁ ଯାଇ ଏହାର ମୂଳ ଢାଞ୍ଚାରେ ପରିବର୍ତ୍ତନ କରାଯିବା ଦ୍ୱାରା ୟୁପିଆଇର ସାର୍ବଜନୀନ ଚରିତ୍ର କ୍ଷୁଣ୍ଣ ହେବାର ସମ୍ଭାବନା ଦେଖାଦେଇଛି ।

ଭାରତ ଏବଂ ଆମେରିକା ମଧ୍ୟରେ ଥିବା ବାଣିଜ୍ୟିକ ସମ୍ପର୍କ ସବୁବେଳେ ଜଟିଳ ରହିଆସିଛି । ଟ୍ରମ୍ପ ପ୍ରଶାସନର ମୂଳ ଲକ୍ଷ୍ୟ ହେଉଛି ଆମେରିକାର ବାଣିଜ୍ୟିକ ନିଅଣ୍ଟକୁ କମାଇବା ଏବଂ ନିଜ ଦେଶର କମ୍ପାନୀଗୁଡ଼ିକ ପାଇଁ ବିଦେଶୀ ବଜାରରେ ଅଧିକ ସୁଯୋଗ ସୃଷ୍ଟି କରିବା । ଭାରତର ଡିଜିଟାଲ୍ ବଜାର ବିଶ୍ୱର ସବୁଠାରୁ ଦ୍ରୁତ ବିକାଶଶୀଳ ବଜାର ହୋଇଥିବାରୁ ଆମେରିକୀୟ ଟେକ୍ କମ୍ପାନୀଗୁଡ଼ିକ ଏଠାରୁ ବିପୁଳ ଲାଭ ଆଶା କରୁଛନ୍ତି । ୟୁଏସଟିଆର ରିପୋର୍ଟରେ କେବଳ ୟୁପିଆଇ ନୁହେଁ, ବରଂ ଭାରତର ଡାଟା ଲୋକାଲାଇଜେସନ୍ ନୀତି ଏବଂ ଆଇଟି ନିୟମଗୁଡ଼ିକୁ ମଧ୍ୟ ସମାଲୋଚନା କରାଯାଇଥିଲା । ତେଣୁ ୟୁପିଆଇ ଉପରେ ଶୁଳ୍କ ଲଗାଇବାକୁ ଅନୁମତି ଦେବା ହେଉଛି ଭାରତ ସରକାରଙ୍କ ପକ୍ଷରୁ ଆମେରିକାକୁ ଶାନ୍ତ କରିବା ପାଇଁ ଏକ କୂଟନୈତିକ ପଦକ୍ଷେପ । ଏହି ପ୍ରସ୍ତାବିତ ବିଲ୍ ଯଦି ଆଇନରେ ପରିଣତ ହୁଏ, ତେବେ ଆଦାୟ ହେବାକୁ ଥିବା ଏମଡିଆର କିପରି ବଣ୍ଟନ ହେବ ତାହା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ସାଧାରଣତଃ ଏକ ଡିଜିଟାଲ୍ କାରବାରରେ ଗ୍ରାହକଙ୍କ ବ୍ୟାଙ୍କ, ବ୍ୟବସାୟୀଙ୍କ ବ୍ୟାଙ୍କ ଏବଂ ପେମେଣ୍ଟ ଆପ୍ ବା ପ୍ଲାଟଫର୍ମ ଜଡ଼ିତ ଥାଆନ୍ତି । ଯେତେବେଳେ ୦.୨୫ ରୁ ୦.୫ ପ୍ରତିଶତ ଶୁଳ୍କ ଆଦାୟ ହେବ, ଏହି ଅର୍ଥକୁ ଉପରୋକ୍ତ ତିନୋଟି ପକ୍ଷ ମଧ୍ୟରେ ବିଭାଜନ କରାଯିବ । ବର୍ତ୍ତମାନ ସୁଦ୍ଧା ଗୁଗଲ୍ ପେ ଏବଂ ଫୋନ୍ ପେ ଭଳି ଆପ୍ ଗୁଡ଼ିକ କେବଳ ଡାଟା ସଂଗ୍ରହ ଏବଂ ଅନ୍ୟାନ୍ୟ ଆର୍ଥିକ ସେବା ବିକ୍ରି କରି ନିଜର ଆୟ କରୁଛନ୍ତି । କିନ୍ତୁ ଏହି ଶୁଳ୍କ ଲାଗୁ ହେବା ପରେ ସେମାନଙ୍କୁ ପ୍ରତ୍ୟେକ ବଡ଼ କାରବାରରୁ ସିଧାସଳଖ କମିଶନ୍ ମିଳିବ ।

ପରିଶେଷରେ ଏହା କୁହାଯାଇପାରେ ଯେ ୟୁପିଆଇ କାରବାର ଉପରେ ପ୍ରସ୍ତାବିତ ଏମଡିଆର ଶୁଳ୍କ କେବଳ ଏକ ଆଭ୍ୟନ୍ତରୀଣ ନୀତିଗତ ପରିବର୍ତ୍ତନ ନୁହେଁ, ବରଂ ଏହା ବିଶ୍ୱ ଅର୍ଥନୀତିର ଏକ ବୃହତ୍ତର ଖେଳର ଅଂଶବିଶେଷ । ଟ୍ରମ୍ପ ପ୍ରଶାସନର ଆକ୍ରମଣାତ୍ମକ ବାଣିଜ୍ୟ ନୀତି ଏବଂ ବ୍ରାଜିଲ ଉପରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ଭାରତକୁ ନିଜର ଡିଜିଟାଲ୍ ପେମେଣ୍ଟ ରଣନୀତିରେ ପରିବର୍ତ୍ତନ ଆଣିବାକୁ ବାଧ୍ୟ କରିଛି । ଗୋଟିଏ ପଟେ ଭାରତୀୟ ବ୍ୟାଙ୍କ ଏବଂ ଆମେରିକୀୟ ଫିନଟେକ୍ କମ୍ପାନୀଗୁଡ଼ିକ ଏହି ନିଷ୍ପତ୍ତିରୁ ଲାଭବାନ ହେବେ, କିନ୍ତୁ ଅନ୍ୟ ପଟେ ୟୁପିଆଇର ମାଗଣା ସେବା ଯୋଗୁଁ ଯେଉଁ ଡିଜିଟାଲ୍ ବିପ୍ଳବ ଆସିଥିଲା, ତାହା କିଛି ମାତ୍ରାରେ ପ୍ରଭାବିତ ହୋଇପାରେ । ସରକାରଙ୍କୁ ଏବେ ଏକ ସନ୍ତୁଳିତ ପନ୍ଥା ଆପଣାଇବାକୁ ପଡ଼ିବ ଯେପରିକି ଆନ୍ତର୍ଜାତିକ ଚାପକୁ ମୁକାବିଲା କରିବା ସହ ଦେଶର କ୍ଷୁଦ୍ର ବ୍ୟବସାୟୀ ଏବଂ ସାଧାରଣ ନାଗରିକମାନଙ୍କ ଉପରେ ଯେପରି କୌଣସି ଅଯଥା ଆର୍ଥିକ ବୋଝ ନପଡ଼େ ତାହା ସୁନିଶ୍ଚିତ କରାଯାଇପାରିବ । ଏହି ନୂତନ ପରିବର୍ତ୍ତନ ଭାରତୀୟ ଡିଜିଟାଲ୍ ଅର୍ଥନୀତିର ଭବିଷ୍ୟତ ଦିଗଦର୍ଶନକୁ କିପରି ନିୟନ୍ତ୍ରଣ କରିବ ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ ।

# ଭାରତୀୟ ଜଳବାୟୁ, ଏଲ୍ ନିନୋ ଓ ଅର୍ଥନୀତି



## ଡା. ରାଜକିଶୋର ପଣ୍ଡା

ମଧ୍ୟପ୍ରାଚ୍ୟ ସଙ୍କଟର ଅନିଶ୍ଚିତତା ମଧ୍ୟରେ ପୃଥିବୀ ପୃଷ୍ଠକୁ ଏବେ ଘେରି ରହିଛି ଏକ ବିଷମ ଜଳବାୟୁ ଜନିତ ସମସ୍ୟା। ଏହା ହେଉଛି ଏଲ୍ ନିନୋ। ଜଳବାୟୁ ବିଜ୍ଞାନୀଙ୍କ ମତାନୁଯାୟୀ ଏହା ମଧ୍ୟରେ ଏଲ୍ ନିନୋ ପ୍ରଶାନ୍ତ ମହାସାଗରରେ ସକ୍ରିୟ ହୋଇଯାଇଛି। ଏହାର ପ୍ରଭାବ ଭାରତବର୍ଷରେ ମୌସୁମୀ ଚକ୍ର ଉପରେ ପଡ଼ିବା ପ୍ରାୟ ନିଶ୍ଚିତ ବୋଲି ସ୍ୱୀକାର କରାଯାଉଛି। କେବଳ ଏତିକି ନୁହେଁ, ଏଲ୍-ନିନୋ ମୌସୁମୀ ଯିବା ପରେ ମଧ୍ୟ ସକ୍ରିୟ ରହିବା ଆଶଙ୍କା ବର୍ତ୍ତମାନ ଜନମାନସର ଚିନ୍ତା ବଢ଼ାଇ ଦେଇଛି। ଯଦି ସେପ୍ଟେମ୍ବର ପର୍ଯ୍ୟନ୍ତ ଏହା ସକ୍ରିୟ ରୁହେ ତା'ହେଲେ କୃଷି ଓ ପେୟ ଜଳର ଉପଲବ୍ଧତା ଉପରକୁ ଗଭୀର ବିପଦ ମାଡ଼ି ଆସିବ। ଆମେରିକାର ଜଳବାୟୁ ଗବେଷଣା ସଂସ୍ଥାନ "ନ୍ୟାସ୍ନାଲ୍ ଓସେନିକ୍ ଆଣ୍ଡ୍ ଏଟ୍‌ମୋସ୍‌ଫିୟରିକ୍ ଆଡ୍‌ମିନିଷ୍ଟ୍ରେସନ୍" ଅନୁସାରେ ଏଲ୍ ନିନୋ ଜୁନ୍‌ରୁ ଜୁଲାଇ ମଧ୍ୟରେ ପ୍ରବେଶ କରିବାର ଅଛି। ଏହାର ପ୍ରବେଶରେ ହିଁ ପ୍ରଶାନ୍ତ ମହାସାଗରର ପୃଷ୍ଠଦେଶରେ ତାପମାତ୍ରା ସାମାନ୍ୟ ଠାରୁ ୦.୭୦ମ ବୃଦ୍ଧି ପାଇଅଛି, ଯାହାକି ଇଙ୍ଗିତ କରୁଛି କି ପରିସ୍ଥିତି ଆଗକୁ ଆହୁରି ବିଗିଡ଼ିପାରେ।

ଭାରତୀୟ ଜଳବାୟୁ ବିଭାଗ ମଧ୍ୟ ମାନୁଛି କି, ଏଲ୍ ନିନୋର ସିଧା ପ୍ରଭାବ ମୌସୁମୀ ଜନିତ ବର୍ଷା ଉପରେ ପଡ଼ିବ, ଅର୍ଥାତ୍ ବର୍ଷା କମ୍ ହେବ। ଏହା ମଧ୍ୟ ପ୍ରତିଫଳିତ ହୋଇଛି ଚଳିତ ବର୍ଷର ଜୁନ୍‌ରେ। ଜୁନ୍ ଚଉଦ ସୁଦ୍ଧା ସ୍ୱାଭାବିକଠାରୁ ଅଠେଇଶି ପ୍ରତିଶତ କମ୍ ବର୍ଷା ରେକର୍ଡ଼ କରାଯାଇଛି। ଯଦି ଜୁଲାଇ ମାସରେ ମଧ୍ୟ ଏହିପରି ଧାରା ଜାରି ରହେ, ତାହା ହେଲେ ଖରିଫ୍ ଫସଲ ପ୍ରଭାବିତ ହେବା ସହ ମରୁଡ଼ି ଓ ଖାଦ୍ୟାଭାବ ମଧ୍ୟ ଦେଖା ଯାଇପାରେ। ସ୍ୱାଭାବିକ ଅବସ୍ଥାରେ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ବହୁଥିବା ତୀବ୍ର ବାୟୁ, ଉତ୍ତପ୍ତ ଜଳକୁ ଏସିଆ ଓ ଅଷ୍ଟ୍ରେଲିଆ ଆଡ଼କୁ ଠେଲିଥାଏ, ଯାହାଦ୍ୱାରା ଭାରତରେ ଭଲ ବର୍ଷା ହୋଇଥାଏ ମାତ୍ର ଏଲ୍ ନିନୋର ପ୍ରଭାବରେ ଉପରୋକ୍ତ ବାୟୁ ଦୁର୍ବଳ ହୋଇ ପଡ଼ିବାରୁ ମଧ୍ୟ ଏବଂ ପୂର୍ବ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ପେରୁର ତଟବର୍ତ୍ତୀ ଜଳ ଅସାମାନ୍ୟ ଭାବରେ ଉତ୍ତପ୍ତ ହୋଇପଡ଼େ। ଏହାଦ୍ୱାରା ବୈଶ୍ୱିକ ବୃଷ୍ଟିଚକ୍ର ବିପର୍ଯ୍ୟସ୍ତ ହୁଏ। ସମୁଦ୍ରର ଏହି ତାପମାତ୍ରାକୁ ବାୟୁମଣ୍ଡଳରେ ପରିବ୍ୟାପ୍ତ ହେବା ପାଇଁ କିଛି ସମୟ ଲାଗିଥାଏ, ଯାହାକି ଆଗାମୀ ବର୍ଷରେ ତାପମାତ୍ରା ବୃଦ୍ଧି ରୂପରେ ସାମ୍‌ନାକୁ ଆସିଥାଏ। ଜଳବାୟୁ ବିଭାଗ ଦର୍ଶାଇଛି କି ଆଗାମୀ ଅଗଷ୍ଟ-ସେପ୍ଟେମ୍ବରରେ ମୌସୁମୀ ବାୟୁ ଆହୁରି ଆଗକୁ ଅଗ୍ରସର ହେବା ସହ ଏଲ୍ ନିନୋ ଆହୁରି ଶକ୍ତିଶାଳୀ ହେବ। ଏଥିମଧ୍ୟରେ ଭାରତୀୟ ପାଣିପାଗ ବିଜ୍ଞାନୀମାନେ ଏକ ସୁଖଦ ସମ୍ଭାବନା ମଧ୍ୟ ଦର୍ଶାଇଛନ୍ତି। ଏହା ହେଉଛି ଭାରତ ମହାସାଗରର ଦ୍ୱିଧ୍ରୁବ ପରିସ୍ଥିତି। ଇଂରାଜୀରେ ଏହାକୁ କୁହାଯାଏ **Indian Ocean Dipole (IOD)**। ଏଥିରେ ଯଦି ପଶ୍ଚିମ ଭାରତ ମହାସାଗରର ତାପମାତ୍ରା ପୂର୍ବ ଅପେକ୍ଷା ଉତ୍ତପ୍ତ ରହେ, ତାହା ହେଲେ ଏଲ୍‌ନିନୋର ପ୍ରଭାବ କିଛି ମାତ୍ରାରେ ହ୍ରାସ ପାଇପାରିବ।

ଏଲ୍ ନିନୋ ଏକ ପ୍ରାକୃତିକ ଜଳବାୟୁ ଚକ୍ର ଅଟେ। ଏଥିରେ ମଧ୍ୟ ଓ ପୂର୍ବ ପ୍ରଶାନ୍ତ ମହାସାଗରର ପୃଷ୍ଠଦେଶର ତାପମାତ୍ରା ସାମାନ୍ୟଠାରୁ ବହୁତ ଅଧିକ ହୋଇଯାଇଥାଏ। ପ୍ରାୟତଃ ଏହି ଘଟଣା ପ୍ରତି ଦୁଇ ବର୍ଷରେ ସଂଘଟିତ ହୋଇଥାଏ ଓ ଏହାର ପ୍ରଭାବ ସମ୍ପୂର୍ଣ୍ଣ ବିଶ୍ୱର ଜଳବାୟୁ, ତାପମାତ୍ରା ଓ ବୃଷ୍ଟିପାତ ଉପରେ ପଡ଼ିଥାଏ। ଚଳିତ ବର୍ଷ ଏହାକୁ ସୁପର ଏଲ୍ ନିନୋ ବୋଲି କୁହାଯାଉଛି। ଏହାର ପ୍ରଭାବ ବର୍ଷର ଶେଷ ପର୍ଯ୍ୟନ୍ତ ରହିବ। ବୈଜ୍ଞାନିକ ମାନଙ୍କର କହିବା ଅନୁଯାୟୀ ଜୁଲାଇ, ଅଗଷ୍ଟ, ସେପ୍ଟେମ୍ବରରେ ଯଦିବା ଏଲ୍ ନିନୋର ପ୍ରଭାବ କମ୍ ରହିବ, ସେପ୍ଟେମ୍ବର ଶେଷ ସୁଦ୍ଧା ଏହା ବେଶୀ ଶକ୍ତିଶାଳୀ ହେବାର ସମ୍ଭାବନା ରହିଛି। ଏଲ୍ ନିନୋ ଶବ୍ଦଟି ସ୍ପେନୀୟ ଭାଷାରୁ ଆସିଅଛି। ଦକ୍ଷିଣ ଆମେରିକାର ମାଛଧରାଳି ମାନଙ୍କର ଧ୍ୟାନ ୧୬୦୦ ମସିହାରେ ଗୋଟିଏ ଘଟଣା ଉପରକୁ ଯାଇଥିଲା, ଯେଉଁଥିରେ ସେମାନେ ଲକ୍ଷ୍ୟ କରିଥିଲେ କି, ପ୍ରଶାନ୍ତ ମହାସାଗରର ପେରୁ ତଟବର୍ତ୍ତୀ ଅଞ୍ଚଳରେ ଜଳର ତାପମାତ୍ରା ଡିସେମ୍ବର ମାସରେ କିଛି ଥର ବୃଦ୍ଧି ପାଉଛି। ଏହା ସାଧାରଣତଃ ବଡ଼ଦିନ ସମୟରେ ହେଉଥିଲା ଓ ସେମାନେ ଏହାକୁ "ଅଲ୍ ନିନୋ ଡି ନାବିଦାଦ୍" ବୋଲି ନାମିତ କଲେ। ଏହାକୁ ପରେ ଏଲ୍ ନିନୋ ବୋଲି କୁହାଗଲା। ସେହିପରି ଆଉ ଏକ ଜଳବାୟୁ ପରିସ୍ଥିତି ମଧ୍ୟ ଅଛି ଯାହାକୁ କୁହାଯାଏ "ଲା ନିନୋ"।

ଏହା ଏଲ୍ ନିନୋର ବିପରୀତ ପ୍ରକ୍ରିୟା। ଏଥିରେ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଜଳୀୟ ତାପମାତ୍ରା ଅହେତୁକ ଭାବରେ ଶୀତଳ ହୋଇଯାଇଥାଏ। ତେବେ ଏଲ୍ ନିନୋକୁ ନେଇ ବର୍ତ୍ତମାନ ସମୟରେ ଜଳବାୟୁ ବିଜ୍ଞାନୀ, ପରିବେଶବିତ୍, କୃଷି ବିଜ୍ଞାନୀ ଓ ଅର୍ଥନୈତିଜ୍ଞ ମାନଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ପର୍ଯ୍ୟନ୍ତ ଚିନ୍ତାଗ୍ରସ୍ତ ଅଛନ୍ତି। ଏବେ ଦୃଷ୍ଟି ଦେବା ଏହାର ଆର୍ଥିକ ପ୍ରଭାବ ଉପରେ।

**ବୃଷ୍ଟିପାତରେ ହ୍ରାସ:-**

ଏଲ୍ ନିନୋ ଦକ୍ଷିଣ-ପଶ୍ଚିମ ମୌସୁମୀକୁ ବାଧା ଦେଇଥାଏ। ଭାରତର ବାର୍ଷିକ ବୃଷ୍ଟିପାତର ସତୁରୀ ପ୍ରତିଶତ ମୌସୁମୀ ଯୋଗୁଁ ହିଁ ହୋଇଥାଏ ଓ ଏହି ଜଳ ହିଁ ଜଳଭଣ୍ଡାର, ଭୂତଳ ଜଳର ପ୍ରାଥମିକ ଆଧାର। ସେହିପରି ଦେଶର ସମୁଦାୟ କୃଷିକ୍ଷେତ୍ରର ପାଖାପାଖି ଅଧା ଜଳସେଚନ ନିମନ୍ତେ ବର୍ଷାଜଳ ଉପରେ ନିର୍ଭରଶୀଳ। ଏଲ୍ ନିନୋ ହେତୁ ମୌସୁମୀ ବାଧାପ୍ରାପ୍ତ ହେବା ଦ୍ୱାରା ବୃଷ୍ଟିପାତ ହାରରେ ହ୍ରାସ ଆସିବ ଓ ଏହା ଫଳରେ ଗୁରୁତ୍ୱପୂର୍ଣ୍ଣ ଖରିଫ୍ ଫସଲ ଯେପରିକି ଧାନ, କପା, ଡାଲି ଓ ସୋୟାବିନ ଚାଷରେ ସମସ୍ୟା ଦେଖାଯିବ। ବର୍ଷାର ଅଭାବକୁ ଭରଣ କରିବା ପାଇଁ ଚାଷୀମାନେ ଭୂତଳଜଳକୁ ବ୍ୟବହାର କରିବା ପାଇଁ ବାଧ୍ୟ ହେବେ। ଏଥିପାଇଁ ଆବଶ୍ୟକ ହୋଇଥାଏ ମୋଟର ପମ୍ପ ଯାହାକି ଚାଳିତ ହୋଇଥାଏ ବିଦ୍ୟୁତ୍ ବା ଡିଜେଲ୍ ଦ୍ୱାରା। ଏହା ଫଳରେ ଚାଷୀମାନଙ୍କର ନିବେଶ ଜନିତ ଖର୍ଚ୍ଚ **(Input Cost)** ର ବୃଦ୍ଧି ଘଟିବ। ଏକରେ ଫସଲ ଅମଳରେ ହ୍ରାସ ଓ ଦୁଇରେ ନିବେଶ ଖର୍ଚ୍ଚରେ ବୃଦ୍ଧି ହେତୁ କୃଷକମାନଙ୍କର ଲାଭାଂଶରେ ହ୍ରାସ ଘଟିବ ଓ ପରିଶେଷରେ ଏହା ଦ୍ୱାରା ଗ୍ରାମ୍ୟ ଅର୍ଥନୀତି କ୍ଷତିଗ୍ରସ୍ତ ହେବ।

**ଖାଦ୍ୟଶସ୍ୟର ମୂଲ୍ୟବୃଦ୍ଧି:-**

ଶସ୍ୟ ଅମଳରେ ହ୍ରାସ ହେତୁ ଏହାର ମୂଲ୍ୟବୃଦ୍ଧି ଘଟିବ, ଯାହା ଫଳରେ ସାଧାରଣ ଲୋକମାନେ ଚାଉଳ, ଡାଲି ଓ ପନିପରିବା ଆଦି ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟଦ୍ରବ୍ୟ ସକାଶେ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ।

**କାର୍ଯ୍ୟକ୍ଷମତାରେ ହ୍ରାସ:-**

ଭାରତର ଶ୍ରମ ଶକ୍ତିର ସିଂହଭାଗ ଅଣକୁଶଳୀ, ଅଣସଂଗଠିତ ଓ ସେମାନେ ପ୍ରାୟତଃ ବାହାରେ **(Outdoor)** କାର୍ଯ୍ୟ କରିଥାନ୍ତି। ଉଦାହରଣ ସ୍ୱରୂପ ନିର୍ମାଣ ଶ୍ରମିକ, ବୁଲାବିକାଳି, ଡେଲିଭରୀ କର୍ମଚାରୀ ଇତ୍ୟାଦି। ତାପମାତ୍ରାରେ ବୃଦ୍ଧି ଘଟିଲେ ସେମାନଙ୍କର କାର୍ଯ୍ୟ କରିବାର କ୍ଷମତା ଓ ସମୟରେ ହ୍ରାସ ଘଟିବ। ଆନ୍ତର୍ଜାତିକ ଶ୍ରମ ସଂଗଠନ **(International Labour Organization)** ଅନୁସାରେ ବୈଶ୍ୱିକ ତାପମାତ୍ରାରେ ୧.୫୦ ମ ବୃଦ୍ଧି ଘଟିଲେ, ୨୦୩୦ ସୁଦ୍ଧା ବିଶ୍ୱରେ ସମଗ୍ର କାର୍ଯ୍ୟନିର୍ଘଣ୍ଟର ୨.୨% ହ୍ରାସ ଘଟିବ, ଯାହାକି ଅଶୀ ମିଲିଅନ୍ ପୂର୍ଣ୍ଣକାଳୀନ ନିଯୁକ୍ତିର ଅନୁରୂପ।

**ଅର୍ବାନ୍ ହିଟ୍ ଆଇଲ୍ୟାଣ୍ଡ:-**

ସହରାଞ୍ଚଳରେ ଅନିୟନ୍ତ୍ରିତ ଭାବରେ କଂକ୍ରିଟ ଜଙ୍ଗଲର ସୃଷ୍ଟି ଓ ସବୁଜିମାର କ୍ଷୟ, ଏଲ ନିନୋର ପ୍ରଭାବକୁ ଆହୁରି ବ୍ୟାପକ ଓ ଘାତକ କରିବ। ପାର୍ଶ୍ୱବର୍ତ୍ତୀ ସବୁଜିମା ଭରା ଅଞ୍ଚଳଠାରୁ ଉପରୋକ୍ତ ସହରାଞ୍ଚଳ ଗୁଡ଼ିକର ତାପମାତ୍ରା ୩ ରୁ ୧୦୦ ମ ବୃଦ୍ଧି ପାଇବା ଘଟଣାକୁ ଅର୍ବାନ୍ ହିଟ୍ ଆଇଲ୍ୟାଣ୍ଡ **(Urban Heat Island)** ବୋଲି କୁହାଯାଇଥାଏ। ସହରରେ ଗୋଟିଏ ପଟେ ଧନୀ ଶ୍ରେଣୀର ଲୋକମାନେ ଏ.ସି, କୁଲର ଆଦିର ବହୁଳ ବ୍ୟବହାର କରୁଥିବା ବେଳେ, ବସ୍ତିମାନଙ୍କରେ ରହୁଥିବା ଗରିବ ଲୋକମାନେ ଗରମ ଜନିତ ଅସୁସ୍ଥତା **(Heat related Illness)** ର ଶିକାର ହୋଇଥାନ୍ତି। ଧନୀ ଓ ଗରିବଙ୍କ ମଧ୍ୟରେ ଦେଖାଯାଉଥିବା ଏହି ଅର୍ଥନୈତିକ ଫରକ ଏକ ସାମାଜିକ ତାରତମ୍ୟ ମଧ୍ୟ ସୃଷ୍ଟି କରିଥାଏ।

ଇତିହାସ ଉପରେ ନଜର ପକାଇଲେ ଦେଢ଼ଶହ ବର୍ଷ ତଳେ ଗୋଟିଏ ଶକ୍ତିଶାଳୀ ଏଲ୍ ନିନୋ ଭାରତବର୍ଷକୁ ପ୍ରଭାବିତ କରିଥିଲା। ସମୟ ଥିଲା ୧୮୭୬-୭୮। ଦେଶ ଥିଲା ବ୍ରିଟିଶ୍ ଶାସନାଧୀନ। ଏହି ଏଲ ନିନୋ ଯୋଗୁଁ ସୃଷ୍ଟି ହୋଇଥିବା ମରୁଡ଼ି ଜନିତ ଖାଦ୍ୟାଭାବରେ ପ୍ରାୟ ପଞ୍ଚାବନ ଲକ୍ଷରୁ ଅଶୀ ଲକ୍ଷ ଲୋକ ମୃତ୍ୟୁବରଣ କରିବା ଜଣାଯାଏ ଓ ଏପର୍ଯ୍ୟନ୍ତ ଏହା ଦେଶର ଆଧୁନିକ ଇତିହାସରେ ଦେଖାଦେଇଥିବା ମରଣାନ୍ତକ ମରୁଡ଼ି ମାନଙ୍କ ମଧ୍ୟରୁ ଅନ୍ୟତମ।

ବୈଜ୍ଞାନିକମାନେ କହିଛନ୍ତି କି, ନଭେମ୍ବର ୨୦୨୬ରୁ ଜାନୁୟାରୀ ୨୦୨୭ ମଧ୍ୟରେ ଏଲ୍ ନିନୋର ପ୍ରଭାବ ସବୁଠାରୁ ବେଶୀ ରହିବ। ୨୦୩୨ ସୁଦ୍ଧା ଭାରତ ପାଖାପାଖି ଏକ ଟ୍ରିଲିଅନ୍ ଡଲାରର କ୍ଷତି, ଏଲ ନିନୋ ଯୋଗୁଁ ସହିବ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଯେବେକି ସମଗ୍ର ବିଶ୍ୱ ପାଇଁ ଏହା ଦଶ ଟ୍ରିଲିଅନ୍। ଏହି କ୍ଷତି କୃଷି, ରୋଜଗାର, ଶକ୍ତି ଓ ମାନବ ସମ୍ବଳ ସହିତ ଜଡ଼ିତ।

ଆଶା କରାଯାଉଛି କି, ୨୦୨୬ ରେ ଇଣ୍ଡିଆନ୍ ଓସେନ୍ ଡାଇପୋଲ **(IOD)**ର ସ୍ତର ୧.୩୦ ମ ଉପରେ ବୃଦ୍ଧି ପାଇବ ଯାହାକି ମୌସୁମୀ ବର୍ଷା ଉପରେ ଏଲ ନିନୋର ପ୍ରଭାବକୁ ପ୍ରତିହତ କରିବ। ଏହା ଘଟିତ ହେବା ପାଇଁ କିନ୍ତୁ ସେପ୍ଟେମ୍ବର ଯାଏଁ ସମୟ ଲାଗିଯିବ।

+ମେଡିକାଲ ଅଫିସର
ଓଡ଼ିଶା ସ୍ୱାସ୍ଥ୍ୟ
ସେବା,ଭୁବନେଶ୍ୱର
ମୋ: ୮୧୪୪୦୪୨୯୯୭

# ନାରୀ ନିର୍ଯାତନା



## ବିଷ୍ଣୁ ପ୍ରସାଦ ଦାସ

ପ୍ରତିଦିନ ଖବରକାଗଜ ଓ ଗଣମାଧ୍ୟମରେ ନାରୀ ନିର୍ଯାତନାର ଖବର ଦେଖିବାକୁ ମିଳୁଛି । ଦୁଃଖର ବିଷୟ, ସମାଜ ଏବଂ ବିଜ୍ଞାନର ଅଗ୍ରଗତି ସତ୍ତ୍ୱେ ଏହି ଅପରାଧ କମିବା ପରିବର୍ତ୍ତେ ବୃଦ୍ଧି ପାଉଛି । ଏହା କେବଳ ଜଣେ ନାରୀଙ୍କ ସମସ୍ୟା ନୁହେଁ, ବରଂ ସମଗ୍ର ସମାଜର ନୈତିକ ଅବକ୍ଷୟର ପ୍ରତିଫଳନ। ମନୁଷ୍ୟ ନିଜକୁ ସଭ୍ୟ ତଥା ଶ୍ରେଷ୍ଠ ପ୍ରାଣୀ ବୋଲି ଦାବି କରେ । କିନ୍ତୁ ଯେପର୍ଯ୍ୟନ୍ତ ନାରୀ ପୁରୁଷଙ୍କ ମଧ୍ୟରେ ସମାନତା ପ୍ରତିଷ୍ଠିତ ହେବ ନାହିଁ, ସେପର୍ଯ୍ୟନ୍ତ ସେହି ସଭ୍ୟତାର ଦାବି ଅପୂର୍ଣ୍ଣ ରହିବ। ଆଜି ମଧ୍ୟ ଅନେକ ନାରୀ ଘର, କର୍ମକ୍ଷେତ୍ର ଏବଂ ସମାଜରେ ଅବହେଳା, ଶୋଷଣ, ନିର୍ଯାତନାର ଶିକାର ହେଉଛନ୍ତି । କ୍ଷମତା, ଅର୍ଥ ପଦମର୍ଯ୍ୟାଦାର ଅପବ୍ୟବହାର କରି କେତେକ ବ୍ୟକ୍ତି ନାରୀଙ୍କ ସମ୍ମାନକୁ ପଦଦଳିତ କରୁଛନ୍ତି, ଯାହା ଅତ୍ୟନ୍ତ ନିନ୍ଦନୀୟ ।

ନାରୀ ନିର୍ଯାତନାର ଏକ ପ୍ରମୁଖ କାରଣ ହେଉଛି ଯୌତୁକ ପ୍ରଥା । ପ୍ରାଚୀନ କାଳରେ କନ୍ୟାଙ୍କୁ ସ୍ନେହବଶତଃ ଦିଆଯାଉଥିବା ଉପହାର କାଳକ୍ରମେ ବାଧ୍ୟତାମୂଳକ ଯୌତୁକରେ ପରିଣତ ହୋଇଛି । ଆଜି ମଧ୍ୟ ଅନେକ ପରିବାରରେ ବରଙ୍କ ଶିକ୍ଷା, ଚାକିରି କିମ୍ବା ସାମାଜିକ ପ୍ରତିଷ୍ଠା ଆଧାରରେ ଯୌତୁକ ଦାବି କରା ଯାଉଛି । ଏହାର ପରିଣାମ ସ୍ୱରୂପ ଅନେକ ନବବିବାହିତା ମାନସିକ ଏବଂ ଶାରୀରିକ ନିର୍ଯାତନାର ଶିକାର ହେଉଛନ୍ତି । କେହି ଆତ୍ମହତ୍ୟା କରୁଛନ୍ତି, ଆଉ କେହି ହତ୍ୟାର ଶିକାର ହେଉଛନ୍ତି। ଏହା ଆମ ସମାଜ ପାଇଁ ଅତ୍ୟନ୍ତ ଲଜ୍ଜାଜନକ ବିଷୟ ଛଡା ଆଉ କିଛି ନୁହେଁ। ଏହି ସମସ୍ୟାର ସମାଧାନ କେବଳ କଠୋର ଆଇନ ଦ୍ୱାରା ସମ୍ଭବ ନୁହେଁ । ଆଇନ ସହିତ ଜନସଚେତନତା, ନୈତିକ ଶିକ୍ଷା ପାରିବାରିକ ମୂଲ୍ୟବୋଧର ବିକାଶ ଅତ୍ୟାବଶ୍ୟକ । ପିତାମାତା ପୁଅ ଝିଅଙ୍କୁ ସମାନ ସୁଯୋଗ ଏବଂ ସମ୍ମାନ ଦେବା ଉଚିତ। ବୋହୂକୁ ଘରର ଜଣେ ସଦସ୍ୟ ତଥା ଝିଅ ପରି ଆପଣାଇ ନେବା ପ୍ରତ୍ୟେକ ପରିବାରର ନୈତିକ ଦାୟିତ୍ୱ । ଘରେ ପାରସ୍ପରିକ ସମ୍ମାନ, ସ୍ନେହ ଓ ସହଯୋଗ ରହିଲେ ଅନେକ ସମସ୍ୟା ଆପେଆପେ ଦୂର ହୋଇଯିବ ବୋଲି ଆଶା କରାଯାଏ ।

ଯେଉଁ ସମାଜରେ ନାରୀଙ୍କୁ ଶକ୍ତିର ସ୍ୱରୂପ, ଜନନୀ, ସୃଷ୍ଟିର ଆଧାର ବୋଲି ସମ୍ମାନ ଦିଆଯାଏ, ସେହି ସମାଜରେ ଆଜି ନାରୀ ସବୁଠାରୁ ଅଧିକ ଅସୁରକ୍ଷିତ। ସମୟ ବଦଳୁଛି, ବିଜ୍ଞାନ ଆଗକୁ ବଢ଼ୁଛି, ମଣିଷ ଚନ୍ଦ୍ରରେ ପହଞ୍ଚୁଛି; କିନ୍ତୁ ନାରୀଙ୍କ ପ୍ରତି ହିଂସା, ଓ ନିର୍ଯାତନା ଆଜି ମଧ୍ୟ ସମାଜର ଏକ କଠୋର ବାସ୍ତବତା । ଦୁଃଖର ବିଷୟ ହେଉଛି, ଏହି ନିର୍ଯାତନା କେବଳ ସାଧାରଣ ପରିବାରର ମହିଳା ମାନଙ୍କ ମଧ୍ୟରେ ସୀମିତ ନୁହେଁ। ଉଚ୍ଚ ପଦ ପଦବୀରେ ଅଧିଷ୍ଠିତ, ଶିକ୍ଷିତ ତଥା ସ୍ୱାବଲମ୍ବୀ ମହିଳାମାନେ ମଧ୍ୟ ମାନସିକ ଚାପ, ଅପମାନ, ନିର୍ଯାତନାର ଶିକାର ହେଉଛନ୍ତି । ଅନେକଙ୍କ ପାଇଁ ସେହି ଯନ୍ତ୍ରଣା ଏତେ ଅସହ୍ୟ ହୋଇଯାଏ ଯେ, ସେମାନେ ଆତ୍ମହତ୍ୟା ପରି ଚରମ ପଦକ୍ଷେପ ନେବାକୁ ବାଧ୍ୟ ହୁଅନ୍ତି । ପ୍ରତ୍ୟେକ ଦୁର୍ଘଟଣା ପରେ କିଛିଦିନ ପାଇଁ ସମବେଦନାର ସ୍ରୋତ ବହେ, ବିବୃତ୍ତି ଆସେ, ପ୍ରତିଶ୍ରୁତି ଦିଆଯାଏ; କିନ୍ତୁ ସମୟ ଗଡ଼ିବା ସହିତ ସବୁକିଛି ନିରବ ହୋଇଯାଏ। ରହିଯାଏ କେବଳ କୁମ୍ଭୀର କାନ୍ଦଣା, ଆଉ ଗୋଟିଏ ଜୀବନର କାହାଣୀ ।

ନାରୀ ଅନେକ ସମୟରେ ନିଜ ଘରେ, ନିଜ ଲୋକଙ୍କ ମଧ୍ୟରେ ମଧ୍ୟ ନିର୍ଯାତନାର ଶିକାର ହୁଅନ୍ତି । ତେଣୁ ଏହା କେବଳ ଆଇନର ପ୍ରଶ୍ନ ନୁହେଁ; ଏହା ଆମର ମାନସିକତା, ଆମର ସଂସ୍କାରର ପ୍ରଶ୍ନ । ଏହି ସମସ୍ୟା କେବଳ ଭାରତର ନୁହେଁ, ସମଗ୍ର ବିଶ୍ୱ ପାଇଁ ଏକ ଗଭୀର ଚିନ୍ତାର ବିଷୟ । ପ୍ରଶ୍ନ ଉଠେ—ନାରୀଙ୍କ ପ୍ରତି ଏହି କ୍ରୁରତାର ଅନ୍ତ କେବେ ହେବ? ସମାଜରେ ପ୍ରକୃତ ପରିବର୍ତ୍ତନ କେବେ ଆସିବ? ନୀତି, ନ୍ୟାୟ, ସମାନତାର କଥା କହୁଥିବା ବ୍ୟକ୍ତି ବିଶେଷ ମାନେ କିନ୍ତୁ କାର୍ଯ୍ୟରେ ତାହାର ବିପରୀତ ଆଚରଣ କରୁଥିବାର ଅନେକ ଉଦାହରଣ ରହିଛି । ଯେପର୍ଯ୍ୟନ୍ତ ପ୍ରତ୍ୟେକ ନାରୀ ସମ୍ମାନ, ସୁରକ୍ଷା, ସ୍ୱାଧୀନତା ସହ ବଞ୍ଚିବାର ଅଧିକାର ପାଇବେ ନାହିଁ, ସେପର୍ଯ୍ୟନ୍ତ ଆମେ ନିଜକୁ ସଭ୍ୟ ସମାଜ ବୋଲି ଗର୍ବର ସହ କହିପାରିବୁ ନାହିଁ । ଏହା କେବଳ ନାରୀଙ୍କର ଲଢ଼େଇ ନୁହେଁ; ଏହା ମାନବିକତା, ନ୍ୟାୟ, ସଭ୍ୟତାକୁ ବଞ୍ଚାଇ ରଖିବାର ସଂଗ୍ରାମ ବୋଲି ଧରିନେବାକୁ ହେବ । ସରକାର, ଗଣମାଧ୍ୟମ, ଶିକ୍ଷାନୁଷ୍ଠାନ, ସାମାଜିକ ସଂଗଠନ, ସଚେତନ ନାଗରିକ—ସମସ୍ତଙ୍କର ମିଳିତ ପ୍ରୟାସରେ ନାରୀ ନିର୍ଯାତନା, ଯୌତୁକ ପ୍ରଥା ବିରୋଧରେ ଏକ ଶକ୍ତିଶାଳୀ ସାମାଜିକ ଆନ୍ଦୋଳନ ଯଦି ଆରମ୍ଭ ହେବ, ତେବେ ଏହାକୁ ଆମେ ଅନେକାଂଶରେ ରୋକିବାକୁ ସକ୍ଷମ ହେବା।

+ ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା
କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭

କବିତା କୋଣାର୍କ

## ଆସ ବର୍ଷାରାଣୀ

### ତୃପ୍ତିରାଣୀ ପାତ୍ର

ତୁମେ କବିତାର ଛନ୍ଦ ତାଳ ଲୟ
ତୁମେ ମନୋରମ ପ୍ରୀତିମୟ
ତୁମ ପରଶେ ଧରା ଶସ୍ୟ ଶ୍ୟାମଳା
ବିଶ୍ୱଦେଖ ହୁଏ ମଧୁମୟ ।

ତୁମେ ସଖୀ ସହୋଦର ମାନନୀୟା
ଜଗତଜନ ଆନନ୍ଦମୟ
ସବୁଜ ବନାନୀ ଶସ୍ୟେ ସୋହାଗିନୀ
ପ୍ରକୃତି ହୁଏ ମହା ସଦୟ ।

ଝରକା ଫାଙ୍କରେ ସବୁଜ ସୁଷମା
ସ୍ୱର୍ଣ୍ଣାଭ ଜହ୍ନିଫୁଲର ଶୋଭା
ସଞ୍ଜ ନଇଁଗଲେ ବିଚ୍ଛୁରିତ ଜ୍ୟୋତ୍ସ୍ନା
ଦିଶେ କି ସୁନ୍ଦର ଆଭା ବିଭା ।

କଳାମେଘୀପାଟ ପିନ୍ଧିଆସ ଯେବେ
ଦୂରୁଦେଖି ପିକ କରେ ରାବ
କରମ କମଳେ କୁଜନେ ସୌରଭେ
ଗୀତିମୟ ହୁଏ ଅନୁଭବ ।

ମାନ ଅଭିମାନ ନଥାଏ ମନରେ
ଭାସିଆସେ ମାଟିମାଆ ବାସ୍ନା
ଇନ୍ଦ୍ରଧନୁ ରଙ୍ଗ ଉଙ୍କି ମାରୁଥାଏ
ନୀଳ ଆକାଶରେ ସପ୍ତବାନା ।

ଆସ ପ୍ରିୟତମା ବର୍ଷାରାଣୀ ଆସ
ଦିଅନାହିଁ କାହା ମନେ ଦୁଃଖ
ତୁମ ଆଗମନେ ଏ ମଧୁ ଭୁବନେ
ଲଭନ୍ତୁ ପ୍ରାଣୀଏ ସଦା ସୁଖ ।



ଜଳ ବିହୁନେ ସୃଷ୍ଟି ନାଶ ଅଚିରେ
ଜଳବିନା ନାହିଁ ପ୍ରାଣୀ ପ୍ରାଣ
ଜଳ ସ୍ଥଳ ନଭେ ସଜୀବ ଅଧରେ
ସପନ ଯେତେ ଲଭେ ଚିତ୍ରଣ ।

ଜଳ ବହୁଳେ ପ୍ରାଣୀ ପ୍ରାଣେ କଷଣ
ନ ଆସୁ କାହାରି ନିକଟରେ
ତୁମରି ପ୍ରେୟସୀ କରେ ନିବେଦନ
ଅନୁରୋଧଟି ରଖିବ ବାରେ ।

+ସହଦେବଖୁଣ୍ଟା,ବାଲେଶ୍ୱର

## ଶ୍ମଶାନ

### ବଂଶୀଧର ମାଝୀ

ତୁମେ ଯାହାକୁ ଶ୍ମଶାନ ଭାବୁଛ
ତାହା ତୁମ ଅସଫଳ ଅତୀତର
ଏକ ଶେଷ ସଂସ୍କାର !
ଜଳିଯାଉ ସେଠି ତୁମର
ସବୁ ଗର୍ବ ଓ ଅଭିମାନ
ଛାରଖାର ହେଇଯାଉ
ନିରର୍ଥକ ଭୟ ।
ପୋଡିଦିଅ ଅବସାଦର ପାଉଁଶ
ତେଜୀୟାନ ହେଉ
ଅସୀମ ସମ୍ଭାବନାର ଉଜ୍ଜ୍ୱଳ ଶିଖା ।
ଜଳୁଥିବା ନିଆଁକୁ ଦେଖି
ଡରନାହିଁ
ତୁମ ଭିତରର ସବୁ ଦୁରାଗ୍ରହ
ଝାସଦିଅ ସେ ନିଆଁରେ ।
ସେ ତୁମ ପୁରୁଣା ଜରାଜୀର୍ଣ୍ଣ
ସ୍ୱପ୍ନକୁ ପୋଡ଼ି
ନୂଆ ସୂର୍ଯ୍ୟୋଦୟ ପାଇଁ
ରାସ୍ତା ବନାଇବ ।
ଯେଉଁଠି ମରିଯାଏ
ପ୍ରତିଦିନର ଦ୍ୱିଧା
ସେଠି ଜନ୍ମ ନିଏ
ଏକ ଅପରାଜେୟ ସ୍ଥିତି ।
ଭାଙ୍ଗିଯିବାର ନାଁ ହିଁ ଶ୍ମଶାନ
ଯେଉଁଠି ଶେଷ ହୁଏ ଇତିହାସ
ଆଉ, ସେଇଠୁ...
ଆରମ୍ଭ ହୁଏ ନୂଆଁ ଭବିଷ୍ୟତ ।
ଉଠ, ଜାଗିଉଠ !
ଅବସାଦର ପାଉଁଶ ଗଦାରୁ
ଅଗ୍ନିପକ୍ଷୀ ଭଳି ଡେଣା ମେଲାଅ ।
ଗ୍ଲାନିର ଚିତାଗ୍ନିରେ
ଲେଖ ତୁମ ବିଜୟର ନୂଆ ପୃଷ୍ଠା ।

+ଫଟାମୁଣ୍ଡା, ଘଣ୍ଟାପଡା,
ବୌଦ୍ଧ-୭୬୨୦୧୮
ମୋ: ୯୧୭୮୮୦୩୩୮୮

# ଭାରତରେ ଯାଦୁ ଦେଖାଇପାରିଲାନି ଆଲିଆଙ୍କ 'ଆଲଫା'



ବହୁ ପ୍ରତିକ୍ଷିତ ଫିଲ୍ମ 'ଆଲଫା'ର ମୁକ୍ତିଲାଭକୁ ନେଇ ସିନେପ୍ରେମୀ ବହୁତ ଆଶା କରିଥିଲେ। ତଥାପି, ଶିବ ରାୱେଲଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରଟି ସେତିକି ସଫଳ ହୋଇପାରିନାହିଁ । ଏହି ଚଳଚ୍ଚିତ୍ରକୁ ନେଇ ଯେତିକି ଆଶା କରାଯାଉଥିଲା, ସେଭଳି ପରିଣାମ ଆସିନାହିଁ । କୋଇମୋଇର ରିପୋର୍ଟ ଅନୁଯାୟୀ, 'ଆଲଫା' ଭାରତୀୟ ବକ୍ସ ଅଫିସରେ ୫୯.୨୯ କୋଟି ରୋଜଗାର କରିଥିଲା। ଫିଲ୍ମଟି ପୂରା ଏକ ମାସ ପାଇଁ ଥିଏଟରରେ ଚାଲିଥିଲା। ଏହି ସ୍ପାଏ ଆକ୍ସନ୍ ଥ୍ରୀଲର 'ପତି, ପତ୍ନୀ ଔର ୱୋ ୨' ର ରେକର୍ଡ ଭାଙ୍ଗିବାକୁ ଲକ୍ଷ୍ୟ ରଖିଥିଲା । ଯାହା ଏହାର ସମ୍ପୂର୍ଣ୍ଣ ପ୍ରଦର୍ଶନ ସମୟରେ ୫୯.୨୯ କୋଟି ରୋଜଗାର କରିଥିଲା। 'ଆଲଫା' ଶେଷରେ ଏହି ମାଇଲଖୁଣ୍ଟ ହାସଲ କରିଛି, ୨୦୨୬ର ୧୦ମ ସର୍ବାଧିକ ଆୟକାରୀ ବଲିଉଡ୍ ଫିଲ୍ମ ହୋଇପାରିଛି । ଏସବୁ ସତ୍ତ୍ୱେ ବି ଏହି ଫିଲ୍ମ କ୍ଷତି ସହିଛି । କାରଣ 'ଆଲଫା' ୧୦୦ କୋଟି ଖର୍ଚ୍ଚରେ ନିର୍ମିତ ହୋଇଥିଲା। ତେବେ ମୁକ୍ତିଲାଭ ପରେ ଆଲିଆ ଭଟ୍ଟଙ୍କ ଅଭିନୀତ ଏହି ଚଳଚ୍ଚିତ୍ରଟି ଏହାର ଆନୁମାନିକ ବଜେଟର କେବଳ ୫୯% ଆଦାୟ କରିପାରିଥିଲା। ଦୁର୍ଭାଗ୍ୟବଶତଃ, ଘରୋଇ ବକ୍ସ ଅଫିସରେ ଫିଲ୍ମଟି କ୍ଷତି ସହିଥିଲା। 'ଆଲଫା' ବିଦେଶୀ ବକ୍ସ ଅଫିସରେ ୨୯.୦୯ କୋଟି ରୋଜଗାର କରିଥିଲା। ଉଲ୍ଲେଖ ଥାଉ କି ଫିଲ୍ମରେ ଦୁଇଜଣ ପ୍ରଶିକ୍ଷିତ ମହିଳା ଗୁପ୍ତଚର ଦେଶ ଓ ବିଶ୍ୱ ସୁରକ୍ଷା ସହିତ ଜଡିତ ଏକ ବଡ଼ ଷଡଯନ୍ତ୍ର ଓ ବିପଦର ସାମ୍ନା କରୁଛନ୍ତି । ଏଥିରେ ଆଲିଆଙ୍କ ସମେତ ବବି ଦେଓଲ ଓ ଅନୀଲ କାପୁର ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଥିଲେ ।

# 'ରାମାୟଣ'ରେ ଶୂର୍ପଣଖା ଭୂମିକାରେ କାହିଁକି ଅଭିନୟ କରିବାକୁ ରାଜି ହେଲେ ରକୁଲ ପ୍ରୀତ ସିଂହ

ନିତେଶ ତିୱାରୀଙ୍କ ବିଗ୍ ବଜେଟ୍ 'ରାମାୟଣ'ର ଟ୍ରେଲର ରିଲିଜ୍ ହେବା ପରଠାରୁ, ଦର୍ଶକ ଏହି ସିନେମାକୁ ବ୍ୟଗ୍ରତାର ସହ ଅପେକ୍ଷା କରିଛନ୍ତି। ଆଉ ଏଥିରେ ରକୁଲ ପ୍ରୀତ ସିଂହ ଶୂର୍ପଣଖା ଭୂମିକାରେ ଅଭିନୟ କରୁଥିବାରୁ ବି ବେଶ୍ ଚର୍ଚ୍ଚାରେ ଅଛନ୍ତି।

ରଣବୀର କପୁରଙ୍କ ଅଭିନୀତ 'ରାମାୟଣ'ରେ ଶୂର୍ପଣଖା ଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି ରକୁଲ ପ୍ରୀତ ସିଂହ। ରାବଣଙ୍କ ଭଉଣୀ ଶୂର୍ପଣଖା ପୌରାଣିକ ମହାକାବ୍ୟରେ ଏକ ନକାରାତ୍ମକ ଚରିତ୍ର। କାହିଁକି ରାକୁଲ ପ୍ରୀତ ସିଂହ ଏହି ଭୂମିକା ପାଇଁ ହଁ କହିଥିଲେ? ଜଣେ ପ୍ରଶଂସକଙ୍କ ଏକ ହୃଦୟସ୍ପର୍ଶୀ ଚିଠିର ଉତ୍ତର ଦେବା ସମୟରେ ଅଭିନେତ୍ରୀ ତାଙ୍କର କାରଣ ବ୍ୟାଖ୍ୟା କରିଥିଲେ।

ରାକୁଲ ପ୍ରୀତ ସିଂହ, 'ଢ' ରେ ଜଣେ ପ୍ରଶଂସକଙ୍କ ଏକ ବିଶେଷ ଚିଠିର ଉତ୍ତର ଦେଇ ଲେଖିଛନ୍ତି, 'ଏହି ସୁନ୍ଦର ଚିଠି ପାଇଁ ଧନ୍ୟବାଦ। ମୁଁ ଶୂର୍ପଣଖା ଭୂମିକାରେ ଅଭିନୟ କରିବାକୁ ହଁ କହିଲି, କାରଣ ତୁମେ ଯାହା କହିଥିଲ ତାହା ମୋତେ ଭଲ ଲାଗିଲା - ତାଙ୍କର ଜଟିଳ ସ୍ୱଭାବ। ଇତିହାସ ପ୍ରାୟତଃ ତାଙ୍କୁ କେବଳ ଗୋଟିଏ ମୁହୂର୍ତ୍ତ ପାଇଁ ମନେ ରଖେ, କିନ୍ତୁ ତାଙ୍କ କାହାଣୀରେ ଆହୁରି ବହୁତ କିଛି ଅଛି। ଜଣେ



ଅଭିନେତା ଭାବରେ, ସବୁଠାରୁ ରୋମାଞ୍ଚକର ଭୂମିକା ହେଉଛି ଯାହା ଲୋକଙ୍କ ଧାରଣାକୁ ଚ୍ୟାଲେଞ୍ଜ କରେ। ମୁଁ ଆଶା କରୁଛି ଯେ ଯେତେବେଳେ 'ରାମାୟଣ' ଆସିବ, ଦର୍ଶକମାନେ ତାଙ୍କ ଚରିତ୍ରକୁ ଖୋଲା ମନରେ ଗ୍ରହଣ କରିବେ।' ଏହି ଫିଲ୍ମରେ ରଣବୀର କପୁର ଅଯୋଧ୍ୟାର ରାଜକୁମାର ପ୍ରଭୁ ଶ୍ରୀରାମ ଭୂମିକାରେ ଅଭିନୟ କରୁଥିବା ବେଳେ ସାଇ ପଲ୍ଲବୀ ସୀତା ଭୂମିକାରେ ଅଭିନୟ କରୁଛନ୍ତି। ରବି ଦୁବେ ଲକ୍ଷ୍ମଣ ଭୂମିକାରେ ଅଭିନୟ କରୁଛନ୍ତି। ସନି ଦେଓଲ ହନୁମାନ ଭୂମିକାରେ ନଜର ଆସିବେ ଏବଂ ସାଉଥ୍ ଷ୍ଟାର୍ ଯଶଙ୍କୁ ରାବଣ ଭୂମିକାରେ ଦେଖିବାକୁ ମିଳିବ।

# ତିନିଟି ହଲିଉଡ୍ ଚଳଚ୍ଚିତ୍ର ସହ ଲଢ଼ିବ 'କିଙ୍ଗ୍'



ଶାହରୁଖ ଖାଁଙ୍କ ବହୁପ୍ରତୀକ୍ଷିତ ଆକ୍ସନ୍ ଚଳଚ୍ଚିତ୍ର 'କିଙ୍ଗ୍' ଡିସେମ୍ବର ୨୪ରେ ମୁକ୍ତିଲାଭ କରିବ ବୋଲି ଜାନୁଆରି ମାସରେ ଉନ୍ମୋଚିତ ପ୍ରୋମୋରୁ ଜଣାପଡ଼ିଥିଲା। ତେବେ ସେହି ସମୟରେ ଏକାଧିକ ହଲିଉଡ୍ ଚଳଚ୍ଚିତ୍ର ମୁକ୍ତିଲାଭ କରିବାର ଅଛି। ତେଣୁ ବ୍ୟାବସାୟିକ କ୍ଷତି ଆଶଙ୍କାରେ 'କିଙ୍ଗ୍'ର ମୁକ୍ତିଲାଭକୁ ଆସନ୍ତା ବର୍ଷକୁ ଘୁଞ୍ଚାଇ ଦିଆଯିବ ବୋଲି ଅନୁମାନ କରାଯାଉଥିଲା। କିନ୍ତୁ ବିଶ୍ୱସନୀୟ ସୂତ୍ରରୁ ଏବେ ଜାଣିବାକୁ ମିଳିଛି ଯେ ପୂର୍ବ ନିର୍ଦ୍ଧାରିତ ତାରିଖରେ ହିଁ 'କିଙ୍ଗ୍' ମୁକ୍ତିଲାଭ କରିବ। ତେଣୁ ଶାହରୁଖଙ୍କ ଏହି ଚଳଚ୍ଚିତ୍ର ଏକାବେଳେ ତିନି ତିନିଟି ବଡ଼ ହଲିଉଡ୍ ଚଳଚ୍ଚିତ୍ର ସହିତ ପ୍ରତିଯୋଗିତା କରିବ। ଡିସେମ୍ବର ୧୮ ତାରିଖରେ 'ମାର୍ଭେଲ୍ ସିନେମାଟିକ୍ ୟୁନିଭର୍ସ'ର 'ଆଭେଞ୍ଜର୍ସ: ଡୁମ୍ସଡେ' ଓ 'ଡ୍ୟୁନ୍: ପାର୍ଟ ଥ୍ରି' ମୁକ୍ତିଲାଭ କରିବାର ଅଛି। ସାରା ପୃଥିବୀରେ ଏ ଦୁଇଟିଯାକ ଚଳଚ୍ଚିତ୍ରର ଉତ୍ସର୍ଗୀକୃତ ପ୍ରଶଂସକ ଅଛନ୍ତି। ପୁଣି ଡିସେମ୍ବର ୨୫ରେ 'ଜୁମାଞ୍ଜି: ଓପନ୍ ୱାର୍ଲଡ୍' ମୁକ୍ତିଲାଭ କରିବ। ପ୍ରେକ୍ଷାଳୟରେ ଏ ତିନିଟି ଯାକ ଚଳଚ୍ଚିତ୍ରର ଉପସ୍ଥିତି ସତ୍ତ୍ୱେ 'କିଙ୍ଗ୍' ଭଲ ବ୍ୟବସାୟ କରିବ ବୋଲି ବକ୍ସ ଅଫିସ୍ ବିଶେଷଜ୍ଞମାନେ କହୁଛନ୍ତି। ଏହାର କାରଣ ହେଲା ଷ୍ଟାର ପାୱାର ଓ ଘରୋଇ ବଜାରରେ ଏହାକୁ ନେଇ ଉତ୍କଣ୍ଠା। ବଲିଉଡ୍‌ର ସବୁଠାରୁ ବଡ଼ ତାରକା ଭାବେ ପରିଗଣିତ ଶାହରୁଖ ତିନି ବର୍ଷର ବ୍ୟବଧାନ ପରେ 'କିଙ୍ଗ୍' ଚଳଚ୍ଚିତ୍ରରେ ଦେଖା ଦେଉଥିବାରୁ ଏହା ଭାରତୀୟ ଦର୍ଶକଙ୍କ ପାଇଁ ସବୁଠାରୁ ଅଧିକ ଆକର୍ଷଣୀୟ ମନେ ହୋଇପାରେ। ତେବେ ପ୍ରେକ୍ଷାଳୟ ମାଲିକଙ୍କ ପାଇଁ ଏହି ସମୟ ଆହ୍ୱାନପୂର୍ଣ୍ଣ ହେବ ନିଶ୍ଚୟ, କାରଣ ପ୍ରତ୍ୟେକ ଡିଷ୍ଟ୍ରିବ୍ୟୁଟର ଓ ଷ୍ଟୁଡିଓ ସେମାନଙ୍କ ଚଳଚ୍ଚିତ୍ରକୁ ସର୍ବାଧିକ ପରଦାରେ ପ୍ରଦର୍ଶିତ କରିବା ଲାଗି ପ୍ରତିଯୋଗିତା କରିବେ।

# ବକ୍ସ ଅଫିସରେ 'ସ୍ପାଇଡର-ମ୍ୟାନ୍'ର ଦବଦବା, ୨୦୦ କୋଟି ପାର୍

ଏହି ସପ୍ତାହରେ ଭାରତୀୟ ବକ୍ସ ଅଫିସରେ ହଲିଉଡ୍ ଫିଲ୍ମ 'ସ୍ପାଇଡର-ମ୍ୟାନ୍: ବ୍ରାଣ୍ଡ ନ୍ୟୁ ଡେ' ଧମାକାଦାର ପ୍ରଦର୍ଶନ କରୁଛି। ରବିବାର ସନ୍ଧ୍ୟା ୫.୩୦ଟା ପର୍ଯ୍ୟନ୍ତ ମିଳିଥିବା ଆକଳନ ଅନୁଯାୟୀ, ଫିଲ୍ମଟି ଚତୁର୍ଥ ଦିନରେ ୪୮.୭୮ କୋଟି ଟଙ୍କାର ବ୍ୟବସାୟ କରିଛି। ଏହା ସହିତ ଫିଲ୍ମର ମୋଟ ଇଣ୍ଡିଆ ନେଟ୍ କଲେକ୍ସନ ୨୨୮.୯୮ କୋଟି ଟଙ୍କାରେ ପହଞ୍ଚିଛି। ସାକନିଲ୍କ ତଥ୍ୟ ଅନୁସାରେ, ଫିଲ୍ମଟି ପ୍ରଥମ ଦିନରେ ୬୦.୬୦ କୋଟି, ଦ୍ୱିତୀୟ ଦିନରେ ୪୯.୩୫ କୋଟି ଏବଂ ତୃତୀୟ ଦିନ ଶନିବାର ୭୦.୨୫ କୋଟି ଟଙ୍କା ଆଦାୟ କରିଥିଲା। ରବିବାରରେ ମଧ ଫିଲ୍ମଟି ୮୦.୪% ଅକ୍ୟୁପେନ୍ସି ସହ ଦର୍ଶକଙ୍କ ଭଲ ସମର୍ଥନ ପାଇଛି। ଅନ୍ୟପଟେ, ଥଲାପତି ବିଜୟଙ୍କ ତାମିଲ୍ ଫିଲ୍ମ 'ଜନ ନାୟକନ' ମଧ ବକ୍ସ ଅଫିସରେ ଭଲ ପ୍ରଦର୍ଶନ କରିଛି । ଫିଲ୍ମଟି ୧୧ତମ ଦିନରେ ରବିବାର ସନ୍ଧ୍ୟା ପର୍ଯ୍ୟନ୍ତ ୫.୮୯ କୋଟି ଟଙ୍କା ଆଦାୟ କରିଛି। ଏହାର ମୋଟ ଇଣ୍ଡିଆ ନେଟ୍ କଲେକ୍ସନ ବଢ଼ି ୧୭୦.୭୯ କୋଟି ଟଙ୍କାରେ ପହଞ୍ଚିଛି। ଫିଲ୍ମଟିର ୪୩.୨% ଅକ୍ୟୁପେନ୍ସି ରେକର୍ଡ ହୋଇଛି। ଏହି ଦୁଇଟି ବଡ଼ ଫିଲ୍ମ ମଧ୍ୟରେ 'ଧମାଲ୍ ୪' ଏବଂ 'ଦ ଓଡିସି' ମଧ ଥିଏଟରରେ ଚାଲୁଥିଲେ ମଧ, ଏବେ ସମସ୍ତଙ୍କ ନଜର 'ସ୍ପାଇଡର-ମ୍ୟାନ୍: ବ୍ରାଣ୍ଡ ନ୍ୟୁ ଡେ' ଉପରେ ରହିଛି। ଭାରତରେ ଫିଲ୍ମଟି ତିନି ଦିନ ମଧ୍ୟରେ ୨୦୦ କୋଟି କ୍ଲବ୍‌ରେ ପ୍ରବେଶ କରି ନୂଆ ରେକର୍ଡ ଗଢ଼ିଥିବା କୁହାଯାଉଛି। ବକ୍ସ ଅଫିସ ବିଶେଷଜ୍ଞମାନଙ୍କ ମତରେ, ରବିବାରର ଅନ୍ତିମ ଆକଳନ ଆସିବା ପରେ 'ସ୍ପାଇଡର-ମ୍ୟାନ୍: ବ୍ରାଣ୍ଡ ନ୍ୟୁ ଡେ'ର ମୋଟ ଆଦାୟ ଆହୁରି ବଢ଼ିପାରେ ଏବଂ ଏହା ଶୀଘ୍ର ୨୫୦ କୋଟି ଟଙ୍କା ଦିଗକୁ ଅଗ୍ରସର ହେବାର ସମ୍ଭାବନା ରହିଛି।

# ଶାହରୁଖ ଖାନଙ୍କ ଭୂମିକା ପ୍ରଥମେ ସୁଦେଶ ବେରୀଙ୍କୁ ଅଫର୍ ହୋଇଥିଲା



ବଲିଉଡ ସୁପରଷ୍ଟାର୍ ଶାହରୁଖ ଖାନ ୧୯୯୨ ମସିହାରେ ନିର୍ଦ୍ଦେଶକ ରାଜ କଓ୍ୱଁରଙ୍କ ସୁପରହିଟ୍ 'ଦିୱାନା' ଜରିଆରେ ପ୍ରଥମେ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କିନ୍ତୁ ତାଙ୍କୁ ବଲିଉଡରେ ଷ୍ଟାରଡମ୍ ଦେଇଥିଲା ଅବ୍ବାସ-ମସ୍ତାନଙ୍କ 'ବାଜିଗର' ଏବଂ ଯଶ ଚୋପ୍ରାଙ୍କ 'ଡର' । ତେବେ ଶାହରୁଖ ଖାନ ଏହି ଦୁଇଟି ଫିଲ୍ମରେ ନକାରାତ୍ମକ ଭୂମିକାରେ ଅଭିନୟ କରିଥିଲେ। କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ଅଭିନେତା ସୁଦେଶ ବେରୀଙ୍କୁ ପ୍ରଥମେ ଶାହରୁଖ ଖାନଙ୍କ ବଦଳରେ ଡର୍ ଫିଲ୍ମରେ କାଷ୍ଟ କରାଯିବା କଥା ଥିଲା? ଏକ ସାକ୍ଷାତକାରରେ ସୁଦେଶ କହିଛନ୍ତି ଯେ ତାଙ୍କୁ ଯଶ ଚୋପ୍ରାଙ୍କ ଫିଲ୍ମ 'ଡର' ପାଇଁ ଅଫର୍ ଦିଆଯାଇଥିଲା। ଫିଲ୍ମ ପାଇଁ ତାଙ୍କ ପୋଷାକ ପ୍ରସ୍ତୁତ ମଧ ହୋଇଥିଲା, କିନ୍ତୁ ପରେ ତାଙ୍କୁ ବଦଳାଯାଇଥିଲା ଏବଂ ଶାହରୁଖ ଖାନଙ୍କୁ କାଷ୍ଟ କରାଯାଇଥିଲା। ସୁଦେଶ କହିଛନ୍ତି ଯେ ତାଙ୍କୁ କୁହାଯାଇଥିଲା ଯେ ଏହି ପରିବର୍ତ୍ତନ କରାଯାଇଥିଲା କାରଣ ଫିଲ୍ମର ଶେଷ ଭାଗରେ ତାଙ୍କ ଚରିତ୍ରକୁ ଅନ୍ୟ ପୁରୁଷ ମୁଖ୍ୟ ଅଭିନେତାଙ୍କୁ ମାଡ଼ ମାରିବାକୁ ପଡ଼ିଥିଲା ଏବଂ ସନ୍ନି ଦେଓଲ ଭଳି ଜଣେ ବଡ଼ ଷ୍ଟାରଙ୍କ ଆଗରେ ଏହା ବିଶ୍ୱାସଯୋଗ୍ୟ ମନେ ହେଉନଥିଲା। ଏହି କାରଣରୁ ତାଙ୍କୁ 'ଡର'ରୁ ବାଦ୍ ଦିଆଯାଇଥିଲା। ସୂଚନାଯୋଗ୍ୟ, ସୁଦେଶ ବେରୀଙ୍କୁ ଶେଷ ଥର ଲାଗି 'ବର୍ଡର୍ ୨'ରେ ଅତିଥି କଳାକାର ଭୂମିକାରେ ଦେଖିବାକୁ ମିଳିଥିଲା।

# ମ୍ୟୁଜିକ୍ ଭିଡିଓରେ ପୁଣି ଚମକିଲେ ଶୁଭୋଜିତ୍



ସ୍ନେହଲତା ପ୍ରଡକ୍ସନସ୍ ବ୍ୟାନରରେ ନିର୍ମିତ ନୂଆ ମ୍ୟୁଜିକ୍ ଭିଡିଓ 'ଜୀବନ ଏମିତି ଚାଲିଥାଉ' ରିଲିଜ୍ ହୋଇଯାଇଛି। ଏଥିରେ ମୁଖ୍ୟ ଚରିତ୍ରରେ ନଜର ଆସିଛନ୍ତି ଜଣାଶୁଣା ଟିଭି ଉପସ୍ଥାପକ ଶୁଭୋଜିତ୍ ପଣ୍ଡା। ଶିଶୁ କଳାକାର ଭାବରେ ଅଭିନୟ କରିଛନ୍ତି ଅନନ୍ୟା, ଆସ୍ଥା, ପ୍ରାଚୀରାଣୀ, ସ୍ମିତିପ୍ରଜ୍ଞା, ଆୟୁଷ୍ମାନ, ସାଇ ସୌମ୍ୟକାନ୍ତ, ପ୍ରୟାଂଶ ଏବଂ ଇତିଶ୍ରୀ । ସହ କଳାକାର ରୂପେ ଅଛନ୍ତି, ଅନିନ୍ଦିତା, ଅନୁଭବ, ସଚେତ, ଗୁଡୁ ଏବଂ ଦୀପକ୍ । ଜଣେ ବ୍ୟକ୍ତି କିପରି ୮ଜଣ ଅନାଥ ଶିଶୁଙ୍କ ସଂଘର୍ଷମୟ ଜୀବନରେ ହସ, ଖୁସି ଓ ପ୍ରେମ ଭରିଦିଏ, ତାହା ହିଁ ଏହି ମ୍ୟୁଜିକ୍ ଭିଡିଓର ବିଷୟବସ୍ତୁ । ଏହି ଭଳି ବିଷୟବସ୍ତୁ ଓଡ଼ିଆ ମ୍ୟୁଜିକ୍ ଭିଡିଓ ଦୁନିଆରେ ପ୍ରଥମ ଥର ପାଇଁ ଦେଖିବାକୁ ମିଳିବ। ସମ୍ବିତ ଦାସଙ୍କ ମନଛୁଆଁ କଣ୍ଠସ୍ୱର ଏବଂ ସୁବ୍ରତ ଜେନାଙ୍କ ଲେଖାରେ ଆୟୁଷ୍ମାନ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଯୋଗୀ ଉକ୍ତ ମ୍ୟୁଜିକ୍ ଭିଡିଓର ନିର୍ଦ୍ଦେଶନା ଓ ନୃତ୍ୟ ସଂଯୋଜନା କରିଥିବା ବେଳେ କ୍ରିଷ୍ଣା ଡି.ଓ.ପି ଭାବରେ ଜଡ଼ିତ। ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି ସ୍ନେହଲତା ପଣ୍ଡା, ପ୍ରଫୁଲ୍ଲ ପଣ୍ଡା ଏବଂ ଶୁଭଶ୍ରୀ ପଣ୍ଡା। ଭୁବନେଶ୍ୱର ଉପକଣ୍ଠ ଫୁଲନଖରାର ଅମାଣ ଗାଁରେ ଏହି ମ୍ୟୁଜିକ୍ ଭିଡିଓର ସୁଟିଂ ହୋଇଛି। ସୂଚନାଯୋଗ୍ୟ, ଟିଭି ଜଗତରେ ଜଣେ ପ୍ରତିଷ୍ଠିତ ଉପସ୍ଥାପକ ଭାବରେ ପରିଚିତ ଶୁଭୋଜିତ୍ ପଣ୍ଡା ପୂର୍ବରୁ ୮ରୁ ଉର୍ଦ୍ଧ୍ୱ ଟିଭି କାର୍ଯ୍ୟକ୍ରମ ଏବଂ ୨,୫୦୦ରୁ ଅଧିକ ଷ୍ଟେଜ୍ ପ୍ରୋଗ୍ରାମରେ ଉପସ୍ଥାପନା କରିସାରିଛନ୍ତି। 'କୁଆଁରୀ ଲାଜ' ପରେ ଏହା ତାଙ୍କର ଦ୍ୱିତୀୟ ମ୍ୟୁଜିକ୍ ଭିଡିଓ ଯାହା ସ୍ନେହଲତା ପ୍ରଡକ୍ସନସ୍ ର ୟୁଟ୍ୟୁବ ଚ୍ୟାନେଲରେ ଉପଲବ୍ଧ ।

# ଲେଉଟିଲା 'ମେଁ ୱାପସ ଆଉଙ୍ଗା' ଯୋଡ଼ି !



ପରଦାରେ ପୁଣି ଦର୍ଶକଙ୍କ ମନୋରଞ୍ଜନ କରାଇବ 'ମେଁ ୱାପସ ଆଉଙ୍ଗା' ଯୋଡ଼ି ! ଏହି ଫିଲ୍ମରେ ବେଦାଙ୍ଗ ରୈନା ଓ ଶର୍ବରୀଙ୍କ ଅନ୍‌ସ୍କ୍ରିନ କେମିଷ୍ଟ୍ରି ଦର୍ଶକଙ୍କ ମନ ଜିତିଥିଲା। ଏହି ଯୋଡ଼ିକୁ ପୁଣିଥରେ ବଡ଼ ପରଦାରେ ଦେଖିବାକୁ ପ୍ରଶଂସକମାନେ ଅପେକ୍ଷା କରୁଥିବା ବେଳେ ସେମାନଙ୍କ ପାଇଁ ଏକ ଖୁସି ଖବର ସାମ୍ନାକୁ ଆସିଛି। ଖବର ଅନୁସାରେ, ପ୍ରଖ୍ୟାତ ନିର୍ଦ୍ଦେଶକ ଇମତିଆଜ୍ ଅଲୀଙ୍କ ନିର୍ଦ୍ଦେଶିତ ଏକ ରୋମାଣ୍ଟିକ୍ ଡ୍ରାମାରେ ଏହି ଦୁଇ ଅଭିନେତା-ଅଭିନେତ୍ରୀ ପୁଣିଥରେ ଏକତ୍ର ନଜର ଆସିପାରନ୍ତି। ଫିଲ୍ମ ସହ ଜଡ଼ିତ ସୂତ୍ର ଅନୁଯାୟୀ, ଇମତିଆଜ୍ ଅଲୀ ପ୍ରାୟ ସ୍କ୍ରିପ୍ଟ ଲେଖା ଶେଷ କରିସାରିଛନ୍ତି ଏବଂ ବର୍ତ୍ତମାନ କାଷ୍ଟିଂ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଆସନ୍ତା କିଛି ମାସ ମଧ୍ୟରେ ଫିଲ୍ମର ଆନୁଷ୍ଠାନିକ ଘୋଷଣା ହୋଇପାରେ। ଚଳିତବର୍ଷ ଡିସେମ୍ବରରୁ ଏହାର ସୁଟିଂ ଆରମ୍ଭ ହେବାର ସମ୍ଭାବନା ରହିଛି। ବର୍ତ୍ତମାନ ଫିଲ୍ମଟି ପ୍ରି-ପ୍ରଡକ୍ସନ୍? ପର୍ଯ୍ୟାୟରେ ଥିବା ବେଳେ, ଖୁବ୍‌ଶୀଘ୍ର ଲୋକେସନ୍ ଚୟନ ଓ ଅନ୍ୟାନ୍ୟ ପ୍ରସ୍ତୁତି ଆରମ୍ଭ ହେବ। 'ମେଁ ୱାପସ୍ ଆଉଙ୍ଗା'ରେ ବେଦାଙ୍ଗ ଜଣେ ସରଳ ତଥା ନିଷ୍କପଟ ପ୍ରେମିକ ଭୂମିକାରେ ନଜର ଆସିଥିଲେ। ଅନ୍ୟପଟେ ଶର୍ବରୀ 'ଜିୟା' ଚରିତ୍ରରେ ଅଭିନୟ କରି ଦର୍ଶକଙ୍କ ପ୍ରଶଂସା ସାଉଁଟିଥିଲେ। ବେଦାଙ୍ଗ ଓ ଶର୍ବରୀଙ୍କ ଯୋଡ଼ି ଭଲ ମେଳ ଖାଉଥିବାରୁ ଦର୍ଶକ ପୁଣିଥରେ ଏହି ଯୋଡ଼ିକୁ ନେଇ ଆଗ୍ରହ ପ୍ରକାଶ କରିଛନ୍ତି। ବ୍ୟାବସାୟିକ ଦୃଷ୍ଟିକୋଣରୁ ମଧ ଯୋଡ଼ି ଉପଯୁକ୍ତ ବୋଲି ବିଚାର କରାଯାଉଛି।

# ମ୍ୟୁନିସ୍ପାଲ୍ ହାଇସ୍କୁଲ୍‌ରେ ଶିକ୍ଷକ ନିଯୁକ୍ତି ଦାବିରେ ସ୍ଥାନୀୟ କାଉନସିଲରଙ୍କ ଧାରଣା



ବାଲେଶ୍ୱର,୬/୦୮ (ନି.ପ୍ର): ବାଳାଶ୍ରମସ୍ଥିତ ମ୍ୟୁନିସିପାଲ୍ ହାଇସ୍କୁଲ୍‌ରେ ଆବଶ୍ୟକୀୟ ଶିକ୍ଷକ ଅଭାବରୁ ଗୋଟିଏ ଗୋଟିଏ ଶ୍ରେଣୀରେ ଶତାଧିକ ଛାତ୍ରଛାତ୍ରୀ ପାଠ ପଢ଼ିବାକୁ ବାଧ ହେଉଛନ୍ତି। ସାହିତ୍ୟ, ସାମାଜିକ ଓ ଇଂରାଜୀ ପ୍ରଭୃତି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଶିକ୍ଷକ ନଥିବାରୁ ଛାତ୍ରଛାତ୍ରୀମାନଙ୍କ ଅଭିଭାବକମାନେ ଜିଲ୍ଲା ଜନଶୁଣାଣିରେ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଆବେଦନ କରି ଆସୁଥିଲେବି ସମସ୍ୟାର ସମାଧାନ ହୋଇପାରୁନଥିଲା। ବୁଧବାର ଦିନ ୧୦ଟାରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ଅଫିସ୍ ସମ୍ମୁଖରେ ସ୍ଥାନୀୟ କାଉନସିଲର ତଥା ଉକ୍ତ ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ଦେବାଶିଷ ସିଂହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଫଟୋଚିତ୍ର ରଖି ଧାରଣାରେ ବସିଥିଲେ। ତାଙ୍କୁ ସମର୍ଥନ ଜଣାଇ ସ୍କୁଲ୍ ପରିଚାଳନା କମିଟିର ସଭ୍ୟ, ସଭ୍ୟା ଓ ଅଭିଭାବକ ତଥା ବାଲେଶ୍ୱରର କେତେକ ସାମାଜିକ ସଂଗଠନର କର୍ମକର୍ତ୍ତା ଧାରଣାସ୍ଥଳରେ ପହଞ୍ଚି ଶ୍ରୀ ସିଂହଙ୍କୁ ଦୃଢ଼ ସମର୍ଥନ ଜଣାଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଡ. ବସନ୍ତ କୁମାର ନାୟକଙ୍କୁ ବିଦ୍ୟାଳୟର ପରିଚାଳନା କମିଟି ଓ ଅଭିଭାବକ କମିଟିରୁ ମାମା ଧଳ, ସୁରେଖା ବେହେରା, ଶୁଭେନ୍ଦ୍ର ପାତ୍ର, ଧନେଶ୍ୱର ବାରିକ, ସେବତୀ ମାରାଣ୍ଡି, ମିନାକ୍ଷୀ ପଣ୍ଡା, ତାପସ ଆଚାର୍ଯ୍ୟ, ଡମ୍ବରୁ ବେହେରାଙ୍କ ସମେତ ବାଲେଶ୍ୱର ଶିକ୍ଷା ସୁରକ୍ଷା ମଞ୍ଚର ଆବାହକ ରଘୁନାଥ ଲେଙ୍କା, ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସନ୍ତୋଷ ସାହୁ, ସେଖ୍, ଇକ୍‌ବାଲ୍, ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ ଓ ରାଜକିଶୋର ଲେଙ୍କା, ସାମାଜିକକର୍ମୀ ଶିଶିର ହୁଇ, ଅରୁଣ ଜେନା ଓ ସୀତାଂଶୁ ସେନାପତି ପ୍ରମୁଖ ସାକ୍ଷାତ କରି ଦୀର୍ଘ ଆଲୋଚନା ପରେ ଆସନ୍ତା ଦୁଇଦିନ ମଧ୍ୟରେ ଜଣେ ଶିକ୍ଷକ ଓ ଆସନ୍ତା ମାସରେ ଅନ୍ୟଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଡ. ନାୟକ ଧାରଣାସ୍ଥଳରେ ଶ୍ରୀ ସିଂହଙ୍କୁ ସାକ୍ଷାତ କରି ପ୍ରତିଶ୍ରୁତି ଜଣାଇବା ସହ ଧାରଣାରୁ ନିବୃତ୍ତ ହେବାକୁ ଅନୁରୋଧ କରିଥିଲେ। ଶ୍ରୀ ଦେବାଶିଷ ସିଂହ ଧାରଣାସ୍ଥଳରେ ଉପସ୍ଥିତ ଥିବା ସମସ୍ତ ଶିକ୍ଷାପ୍ରେମୀମାନଙ୍କୁ କୃତଜ୍ଞତା ଜଣାଇ ଧାରଣା ପ୍ରତ୍ୟାହାର କରିଥିଲେ।

## ୪ ଦଫା ଦାବି ନେଇ ଓଷ୍ଟା ଶିକ୍ଷକ ସଂଘର ବିକ୍ଷୋଭ

ନୂଆପଡ଼ା,୬/୦୮ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆଜି ଓଷ୍ଟା ଶିକ୍ଷକ ସଂଘ ପକ୍ଷରୁ ୪ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଖଡ଼ିଆଳ ବିଡିଓ ମିଳନ କୁମାର ଝଙ୍କାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଂଘର କହିବା ଅନୁଯାୟୀ, ରାଜ୍ୟର ୧୯୪ଟି ଓଷ୍ଟା ବିଦ୍ୟାଳୟରେ ଶିକ୍ଷକମାନେ ଦୀର୍ଘ ଦିନ ଧରି ନିୟମିତ ଭାବେ କାର୍ଯ୍ୟ କରୁଥିଲେ ମଧ୍ୟ ସେମାନେ ବିଭିନ୍ନ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ସେମାନଙ୍କର ମୁଖ୍ୟ ଦାବିଗୁଡ଼ିକ ହେଲା— "ସମାନ କାମକୁ ସମାନ ଦରମା" ପ୍ରଦାନ, ୧୯୪ଟି ଓଷ୍ଟା ବିଦ୍ୟାଳୟକୁ ସରକାରୀ ଅନୁଦାନ, ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ପାଇଁ ଅବସର ପରେ ପେନସନ ବ୍ୟବସ୍ଥା ଲାଗୁ କରିବା ଏବଂ ଅନ୍ୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପରି ଓଷ୍ଟା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମଧ୍ୟ ଛାତ୍ରବୃତ୍ତି ପ୍ରଦାନ କରିବା। ଏହି ଅବସରରେ ଶିକ୍ଷକମାନେ ଏକ ଶୋଭାଯାତ୍ରାରେ ଆସି ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ସରକାରଙ୍କ ପ୍ରତିନିଧି ଭାବେ ବିଡିଓଙ୍କୁ ନିଜ ଦାବି ସମ୍ପର୍କରେ ଅବଗତ କରାଇଥିଲେ।

# ସେଲ୍, ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଜୁଲାଇ ଏବଂ ଏପ୍ରିଲ-ଜୁଲାଇ ଅବଧିରେ ନୂତନ ଉତ୍ପାଦନ କୀର୍ତ୍ତିମାନ ସ୍ଥାପନ

ରାଉରକେଲା,୬/୦୮ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା ଏକାଧିକ ବିଭାଗରେ ଉତ୍ତମ ପ୍ରଦର୍ଶନ ସହିତ ଗତ ଜୁଲାଇ ମାସକୁ ସମାପ୍ତ କରିଛି, ଯେତେବେଳେ କି ଏପ୍ରିଲ-ଜୁଲାଇ ଅବଧି ମଧ୍ୟରେ କେତେକ ପ୍ରମୁଖ ଉତ୍ପାଦନ ୟୁନିଟ୍ ସେମାନଙ୍କର ସର୍ବଶ୍ରେଷ୍ଠ ଉତ୍ପାଦନ ହାସଲ କରିଛନ୍ତି। କାରଖାନାର ଏହି ସଫଳତା ସମଗ୍ର ମୂଲ୍ୟ ଶୃଙ୍ଖଳାରେ ମଜବୁତ କାର୍ଯ୍ୟକ୍ଷମତା ଏବଂ ନିରନ୍ତର ପ୍ରଦର୍ଶନକୁ ଦର୍ଶାଉଛି। ବିଗତ ଜୁଲାଇ ମାସରେ, ହଟ୍ ଷ୍ଟ୍ରିପ୍ ମିଲ୍-୨ ଏଚ୍.ଆର. କଏଲ୍‌ର ସର୍ବଶ୍ରେଷ୍ଠ ମାସିକ ରୋଲିଂ ରେକର୍ଡ କରିଥିବା ବେଳେ, ସିଟ୍ ସିଅରିଂ ଲାଇନ୍ ଏଚ୍.ଆର. ପ୍ଲେଟ୍‌ର ସର୍ବଶ୍ରେଷ୍ଠ ମାସିକ ଉତ୍ପାଦନ ହାସଲ କରିଛି। ଏପ୍ରିଲ-ଜୁଲାଇ ଅବଧିରେ, ସିଣ୍ଟର ପ୍ଲାଣ୍ଟ-୧ ୫,୧୧,୨୬୨ ଟନ୍ ସିଣ୍ଟର ଉତ୍ପାଦନ କରିଛି, ଯାହା ମୋଟ ସିଣ୍ଟର ଉତ୍ପାଦନକୁ ୨୪,୦୨,୪୫୩ ଟନ୍‌ରେ



ପହଞ୍ଚାଇ, ବର୍ତ୍ତମାନ ସୁଦ୍ଧା ସର୍ବଶ୍ରେଷ୍ଠ ଏପ୍ରିଲ-ଜୁଲାଇ ଉତ୍ପାଦନ ହାସଲ କରିଛି । ସେହିପରି, ଏପ୍ରିଲ-ଜୁଲାଇ ୨୦୨୬ ଅବଧି ମଧ୍ୟରେ ବ୍ଲାଷ୍ଟ ଫର୍ନେସ୍‌ରୁ ମୋଟ ୧୦,୬୮,୯୧୩ ଟନ୍ ହଟ୍ ମେଟାଲ୍ ଉତ୍ପାଦନ ହୋଇଛି, ଯାହା ଏଯାବତ ଉକ୍ତ ଅବଧି ମଧ୍ୟରେ ସର୍ବଶ୍ରେଷ୍ଠ ଉତ୍ପାଦନ ଅଟେ। ଫିନିସିଂ ମିଲ୍‌ଗୁଡ଼ିକ ମଧ୍ୟରେ, ପ୍ଲେଟ୍ ମିଲ୍ ୧,୮୧,୫୬୩ ଟନ୍ ପ୍ଲେଟ୍ ଉତ୍ପାଦନ କରି, ସର୍ବଶ୍ରେଷ୍ଠ ଏପ୍ରିଲ-ଜୁଲାଇ ଉତ୍ପାଦନ ରେକର୍ଡ କରିଛି । ଏଚ୍.ଆର. କଏଲ୍ ଟୋଟାଲ୍, ବିକ୍ରି ଯୋଗ୍ୟ ଏଚ୍.ଆର କୋଏଲ୍, ଏବଂ ଏଚ୍.ଏସ୍.ଏମ୍-୨ ରୁ ଏଚ୍.ଆର ପ୍ଲେଟ୍ ଉତ୍ପାଦନ ମଧ୍ୟ ଏହି ଅବଧି ପାଇଁ ସର୍ବକାଳୀନ ଶ୍ରେଷ୍ଠ ସ୍ତରରେ ପହଞ୍ଚିଛି। ବିଶେଷ ଭାବରେ, ମୋଟ ବିକ୍ରିଯୋଗ୍ୟ ଇସ୍ପାତ ଉତ୍ପାଦନ ଆଲୋଚ୍ୟ ଅବଧିରେ ୧୩,୯୨,୬୪୯ ଟନ୍‌ରେ ପହଞ୍ଚି ଏକ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି, ଯାହା ପୂର୍ବ ବର୍ଷର ସମାନ ଅବଧି ତୁଳନାରେ ୩.୬% ଅଭିବୃଦ୍ଧି ଅଟେ । ଏହି ମାଇଲଖୁଣ୍ଟ ସମନ୍ୱିତ ପ୍ରଦର୍ଶନ ମାଧ୍ୟମରେ ଶ୍ରେଷ୍ଠତା ପ୍ରଦାନ କରିବା ପାଇଁ ସମଗ୍ର ରାଉରକେଲା ଇସ୍ପାତ କାରଖାନାର ସାମୂହିକ ସଂକଳ୍ପକୁ ଦର୍ଶାଉଛି।

# କିଷାନ୍ ମୋର୍ଚ୍ଚା ଓ ଶ୍ରମିକ ସଂଗଠନମାନଙ୍କର ମିଳିତ ଆହ୍ୱାନରେ ଅଗଷ୍ଟ ୧୦ ତାରିଖରେ ଗଣବିକ୍ଷୋଭ

ବାଲେଶ୍ୱର,୬/୦୮ (ନି.ପ୍ର): କିଷାନ୍ ମୋର୍ଚ୍ଚା ଓ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ୍‌ର ମିଳିତ ମଞ୍ଚର ଆହ୍ୱାନକ୍ରମେ ଚଳିତ ଅଗଷ୍ଟମାସ ୧୦ ତାରିଖ ସୋମବାର ଦିନ ଦେଶବ୍ୟାପୀ ପ୍ରତିବାଦ ଅନୁଷ୍ଠିତ ହେବ। ୪ଟି କଳା ଶ୍ରମ କୋଡ୍ ବାତିଲ, ସ୍କିମ୍ ୱାର୍କରଙ୍କୁ କର୍ମଚାରୀ ମାନ୍ୟତା, ସରକାରୀ ସଂସ୍ଥାର ଘରୋଇକରଣ ବନ୍ଦ କରିବା, କୃଷିଜାତ ଦ୍ରବ୍ୟର ଉଚିତ୍ ମୂଲ୍ୟ ପ୍ରଦାନ କରିବା, ବନ୍ୟା କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ କ୍ଷତିପୂରଣ ଦାବିକରି ବାଲେଶ୍ୱର ଶ୍ରମିକ ଓ କୃଷକ ସଂଗଠନମାନଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ପାଇଁ ନିଷ୍ପତ୍ତି ନିଆଯାଇଛି। ଉକ୍ତ ଦିନ ୧୦ଟାରେ ବାଲେଶ୍ୱର ରେଳଷ୍ଟେସନରୁ ଏକ ଶୋଭାଯାତ୍ରା ବାହାରି ସହର



ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ ଫାଟକ ନିକଟରେ ପହଞ୍ଚିବ। ଆସନ୍ତା ଶନିବାର ଦିନ୧୧ଟାରେ ପରିବର୍ଦ୍ଧିତ ବୈଠକରେ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ୍ ସମେତ କୃଷକ ସଂଗଠନମାନଙ୍କ ନେତୃବୃନ୍ଦ ଯୋଗଦେବାକୁ ଆବାହକ ତଥା ଟିୟୁଏସିସିର ସାଧାରଣ ସଂପାଦକ ନିବେଦନ କରିଛନ୍ତି। ବୁଧବାରଦିନ ପୂର୍ବାହ୍ନରେ ବରିଷ୍ଠ କୃଷକନେତା ନିର୍ମଳ ନାୟକଙ୍କ ଅଧ୍ୟକ୍ଷତାରେ ଉଠାଜଳ ସେଚନ କର୍ମଚାରୀ ସଂଘଗୃହରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଗଣ ସଂଗଠନ ପକ୍ଷରୁ ଭାଗବତ ପ୍ରତିହାରୀ, ଶିଶିରହୁଇ, ସୀତାଂଶୁ ସେନାପତି, ଅରୁଣ ଜେନା, ଶ୍ୟାମସୁନ୍ଦର ଜେନା, ଶରତ ଚନ୍ଦ୍ର ଦଳାଇ, ରାଜକିଶୋର ଲେଙ୍କା, ପୂର୍ଣ୍ଣଚନ୍ଦ୍ର ପାତ୍ର, ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଆସନ୍ତା ଦଶ ତାରିଖ ଗଣବିକ୍ଷୋଭ ସଫଳ କରିବାକୁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଭରତ ଚନ୍ଦ୍ର ସେଠୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଚିରନିଦ୍ରାରେ ଅବସରପ୍ରାପ୍ତ ଶିକ୍ଷାବିତ ଦୟାନିଧି ଆଚାର୍ଯ୍ୟ

ବଲାଙ୍ଗିର,୬/୦୮ (ନି.ପ୍ର): ବଲାଙ୍ଗୀର ସହରର ରୁଗୁଡି ପଡା ବାସିନ୍ଦା ତଥା ଅବସରପ୍ରାପ୍ତ ଶିକ୍ଷକ ଦୟାନିଧି ଆଚାର୍ଯ୍ୟ ଆଉ ଆମ ଗହଣରେ ନାହାନ୍ତି। ଗତକଲି ମଧ୍ୟାହ୍ନ ସମୟରେ ଶ୍ରୀ ଆଚାର୍ଯ୍ୟ ଶେଷ ନିଶ୍ୱାସ ତ୍ୟାଗ କରି ଆର ପାରିକୁ ଚାଲି ଗଲେ। ସେ କିଛି ବର୍ଷ ହେବ ବାର୍ଦ୍ଧକ୍ୟ ରୋଗଗ୍ରସ୍ତ ରହିଥିବାର ପରିବାର ତରଫ ରୁ ଜଣାପଡିଛି। ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ରୁଗୁଡି ପଡା ସମେତ ବଲାଙ୍ଗୀର ସହରରେ ଶୋକର ଛାୟା ଖେଳାଇ ଦେଇଛି। ବଲାଙ୍ଗୀର ସହରର ବହୁ ବିଶିଷ୍ଟ ବ୍ୟକ୍ତି ଓ ବନ୍ଧୁବାନ୍ଧବ ତାଙ୍କ ରୁଗୁଡି ପଡା ସ୍ଥିତ୍ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ପିଲାଦିନରୁ ବିଭିନ୍ନ ଲେଖାଲେଖି ରେ ଆଗ୍ରହ ରହିବା ସହିତ କଥା ପ୍ରବନ୍ଧ, ଉପନ୍ୟାସ, ରହସ୍ୟ ରଚନା ଲେଖା ପାଇ ପାଠକ ଜଗତରେ ପରିଚିତ ଥିଲେ । ବଲାଙ୍ଗିର ସାହିତ୍ୟ ସଂଗଠକ ଓ ଲେଖକ ପରିଷଦ କୋଶଳୀ ଲେଖକ ପରିଷଦ ର ଜଣେ ସଂଗଠକ ଭାବରେ ସେ ପରିଚୟ ସୃଷ୍ଟି କରିଥିଲେ। ଶିକ୍ଷାବିତ ଶ୍ରୀ ଆଚାର୍ଯ୍ୟ ବିଭିନ୍ନ ପ୍ରକାର ପୁସ୍ତକ ପଠନ କରିବା ଓ ସମସ୍ତ ପ୍ରକାର ଖବରକାଗଜ ପଠନ କରିବା ତାଙ୍କ ରୁଚି ରହିଥିଲା। ବିଭିନ୍ନ ଖବରକାଗଜର ସେ ଜଣେ ନିୟମିତ ପାଠକ ରହିଥିଲେ। ଜିଲ୍ଲା ଲେଖକ ପରିଷଦ ଓ କୋଶଳୀ ଲେଖକ କବି ପରିବାର ତରଫ ରୁ ଏହି ମହାନ ଆତ୍ମାର ସଦଗତି ନିମନ୍ତେ ଭଗବାନଙ୍କ ଠାରେ ପାର୍ଥନା କରିବା ସହ ଶୋକାକୁଳ ପରିବାର ବର୍ଗଙ୍କୁ ଭଗବାନ ଆଗକୁ ବଢିବା ପାଇଁ ଅଜସ୍ର ଶକ୍ତି ପ୍ରଦାନ କରନ୍ତୁ ଏହା କାମନା କରାଯାଇଛି। ଗତ କାଲି ସନ୍ଧ୍ୟାରେ ଟିଟିଲାଗଡ ରୋଡ ସ୍ଥିତ ସ୍ୱର୍ଗ ଦ୍ୱାର ଠାରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଛି ।ତାଙ୍କର ଏକମାତ୍ର ପୁତ୍ର ଅନୁପମ ଆଚାର୍ଯ୍ୟ ମୁଖଗ୍ନି ଦେଇଥିଲେ। ତାଙ୍କର ବିଧବା ପତ୍ନୀ ସମେତ ଗୋଟିଏ ପୁଅ ଅନୁପମ ଓ ଝିଅ ଲିପି ସମେତ ଏକମାତ୍ର ଭାଇ ନାରାୟଣ ଆଚାର୍ଯ୍ୟ ଙ୍କ ପରିବାର ଙ୍କୁ ଛାଡି ଶ୍ରୀ ଆଚାର୍ଯ୍ୟ ଆରପାରିକୁ ଚାଲିଗଲେ।

## ଗରାପୁର ରାସ୍ତା ଶୋଚନୀୟ ଯାଇପାରୁନି ଆମ୍ବୁଲାନ୍ସ

କେନ୍ଦ୍ରାପଡ଼ା,୬/୦୮ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ କପାଳେଶ୍ୱର ପଂଚାୟତ ଅନ୍ତର୍ଗତ ଗରାପୁର ରାସ୍ତା ଅତି ଶୋଚନୀୟ ହୋଇପଡ଼ିଛି। ଏନେଇ ଶତାଧିକ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ ରାସ୍ତା ମରାମତି କରିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ପାପୁନିଛକ ଠାରୁ ଗ୍ରାମ ଭିତର ପର୍ଯ୍ୟନ୍ତ ରାସ୍ତାଟି ସମ୍ପୂର୍ଣ୍ଣ ନଷ୍ଟ ହେଉଥିବାରୁ ରାସ୍ତା ଉପରେ ଆଣ୍ଠୁଏ ଲେଖା କାଦୁଅ ସହିତ ବଡ଼ବଡ଼ ଖାଲଖମା ଭର୍ତ୍ତି ହୋଇଛି। ଯାହାଫଳରେ ଗ୍ରାମର ବରିଷ୍ଠ ବ୍ୟକ୍ତି ସ୍କୁଲ ଛାତ୍ର ଛାତ୍ରୀ ଅସୁବିଧାର ସମ୍ମୁଖୀନ ହେବାସହ ଗ୍ରାମ ଭିତରକୁ ସ୍କୁଲ୍ ଗାଡ଼ି, ଆମ୍ବୁଲାନ୍ସ, ଅଗ୍ନିଶମ ଗାଡ଼ି ଯାତାୟତ କରିପାରୁ ନାହିଁ। ରୋଗୀମାନଙ୍କୁ କାନ୍ଧରେ ନେଇ ଯିବାକୁ ପଡୁଛି।

# ବୌଦ୍ଧରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

ବୌଦ୍ଧ,୬/୦୮ (ନି.ପ୍ର): ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ ଆଜି ବୌଦ୍ଧ ଜିଲ୍ଲା ମୁଖ୍ୟାଳୟସ୍ଥିତ ଟ୍ରେନିଂ ହଲ୍‌ରେ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ସଫଳତାର ସହ ପାଳିତ ହୋଇଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ବୌଦ୍ଧଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ. ମହେନ୍ଦ୍ର କୁମାର ସାହୁ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଡିପିଏଚଓ) ଡ଼ଃ. ସନ୍ତୋଷ କୁମାର ତ୍ରିପାଠୀ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ. ଶାନ୍ତା ନିବେଦିତା, ଜିଲ୍ଲା ପ୍ରକଳ୍ପ ପ୍ରବନ୍ଧକ (ଏନ୍ଏଚ୍ଏମ୍) ଗିରିଜା ପ୍ରସାଦ ମିଶ୍ର, ଶିଶୁରୋଗ ବିଶେଷଜ୍ଞ ଡ଼ଃ. ବିଭୂତିଭୂଷଣ ଦଳେଇ, ଡ଼ଃ. ଭଞ୍ଜକିଶୋର ଦେଓ ହେମ୍ବ୍ରମ୍, ଅଧକ୍ଷ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ବରିଷ୍ଠ ଚିକିତ୍ସକମାନେ ଏବଂ ଅନ୍ୟାନ୍ୟ ଡାକ୍ତରମାନେ ଉପସ୍ଥିତ ଥିଲେ। ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ପ୍ରୋଗ୍ରାମ ଅଫିସର ରିନା ମହାନ୍ତି, ଗୀତାଞ୍ଜଳି ଦଲାଲ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ଆଶାକର୍ମୀ, ବିଭିନ୍ନ ଗଣ ମାଧ୍ୟମର ପ୍ରତିନିଧି ଓ ସ୍ଥାନୀୟ ଏ.ଏନ୍.ଏମ୍. ପ୍ରଶିକ୍ଷଣ ମହାବିଦ୍ୟାଳୟର ଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ପ୍ରାରମ୍ଭରେ ଡ଼ଃ. ସାହୁ ସମସ୍ତଙ୍କୁ ସ୍ୱାଗତ ଜଣାଇ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନର ଉଦ୍ଦେଶ୍ୟ ଓ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ନବଜାତ ଶିଶୁର ସୁସ୍ଥ ବିକାଶ ପାଇଁ ଜନ୍ମର ପ୍ରଥମ ଘଂଟା ମଧ୍ୟରେ ସ୍ତନ୍ୟପାନ ଆରମ୍ଭ କରିବା ଏବଂ ପ୍ରଥମ ଛଅ ମାସ କେବଳ ମା'ର କ୍ଷୀର ଦେବା ଅତ୍ୟନ୍ତ ଜରୁରୀ କ୍ଷ ଶିଶୁରୋଗ ବିଶେଷଜ୍ଞ ଡ଼ଃ. ବିଭୂତିଭୂଷଣ ଦଳେଇ ମା' ଓ ଶିଶୁର ସ୍ୱାସ୍ଥ୍ୟ ସୁରକ୍ଷା, ମା'ର କ୍ଷୀରର ପୋଷକଗୁଣ, ରୋଗ ପ୍ରତିରୋଧ କ୍ଷମତା ବୃଦ୍ଧିରେ ଏହାର ଭୂମିକା ଏବଂ ଜନ୍ମରୁ ପ୍ରଥମ ଛଅ ମାସ ପର୍ଯ୍ୟନ୍ତ କେବଳ ମା'ର କ୍ଷୀର ଦେବାର ଉପକାରିତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେ ଉପସ୍ଥିତ ପ୍ରସୂତି ମା'ମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ମଧ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବହୁ ପ୍ରସୂତି ମହିଳା ନିଜ ନବଜାତ ଶିଶୁଙ୍କ ସହ ଯୋଗଦେଇ ସ୍ତନ୍ୟପାନ, ଶିଶୁ ଯତ୍ନ ଓ ପୋଷଣ ସମ୍ପର୍କିତ ସଚେତନତା ହାସଲ କରିଥିଲେ।ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା କହିଲେ ଯେ, "ମା'ର କ୍ଷୀର କେବଳ ଶିଶୁର ଶରୀରକୁ ପୋଷଣ ଦିଏ ନୁହେଁ, ଏହା ସଂସ୍କାର, ସ୍ନେହ, ନିରାପତ୍ତା ଓ ଜୀବନର ପ୍ରଥମ ବିଶ୍ୱାସର ଭିତ୍ତି ମଧ୍ୟ ଗଢ଼ି ତୋଳେ। ମା'ର ହୃଦୟର ମମତା, ମା'ର କ୍ଷୀରର ଅମୃତ ଏବଂ ମା'ର ଆଶୀର୍ବାଦରେ ଶିଶୁର ସୁନ୍ଦର ଭବିଷ୍ୟତ ନିହିତ ରହିଛି।"ଶେଷରେ ଉପସ୍ଥିତ ସମସ୍ତଙ୍କୁ ମା'ର କ୍ଷୀରର ମହତ୍ତ୍ୱ ସମ୍ପର୍କରେ ସଚେତନ ହୋଇ ଏହି ବାର୍ତ୍ତାକୁ ସମାଜର ପ୍ରତ୍ୟେକ ସ୍ତରରେ ପହଂଚାଇବା ପାଇଁ ଆହ୍ୱାନ କରାଯାଇଥିଲା।

## ନରେନ୍ଦ୍ରପୁର ହାଇସ୍କୁଲ୍ ଶିକ୍ଷକ ଅଭାବ, ଛାତ୍ରଛାତ୍ରୀଙ୍କ ପାଠପଢା ଠପ୍

କେନ୍ଦ୍ରାପଡ଼ା,୬/୦୮ (ନି.ପ୍ର): ଜିଲ୍ଲାର ଅନ୍ୟତମ ପୁରୁଣା ହାଇସ୍କୁଲ ଭାବେ ପରିଚିତ ଆଳି ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ଠାରେ ଥିବା ନରେନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ନଥିବାରୁ ଛାତ୍ରଛାତ୍ରୀମାନଙ୍କର ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଏହି ହାଇସ୍କୁଲରେ ଶତାଧିକ ଛାତ୍ରଛାତ୍ରୀ ଥିବାବେଳେ ଜଣେ ମାତ୍ର ଶିକ୍ଷକ ଡେପୁଟେସନ୍‌ରେ ଅଛନ୍ତି। ଯାହାଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ଉଚିତ୍ ଶିକ୍ଷା ମିଳିପାରୁ ନାହିଁ। ଏ ନେଇ ଆଳିର ସମାଜସେବୀ ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବଜ୍ରସୁନ୍ଦର ଭୂୟାଁ ହାଇସ୍କୁଲରେ ଶିକ୍ଷକ ନିଯୁକ୍ତି କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ନରେନ୍ଦ୍ରପୁର ଅଂଚଳର ଗ୍ରାମବାସୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ।

# ଜିଲ୍ଲା ଖଣିଜ ପାଣ୍ଠିର ୨୪ତମ କାର୍ଯ୍ୟନିର୍ବାହୀ କମିଟି ବୈଠକ ଅନୁଷ୍ଠିତ

ଝାରସୁଗୁଡ଼ା,୬/୦୮ (ନି.ପ୍ର): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଖଣିଜ ପାଣ୍ଠିର ୨୪ତମ କାର୍ଯ୍ୟନିର୍ବାହୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପ୍ରାୟ ୪୮ କୋଟି ଟଙ୍କା ବ୍ୟୟବରାଦରେ ୧୭୭ଟି ବିଭିନ୍ନ ବିକାଶମୂଳକ ପ୍ରସ୍ତାବକୁ ଅନୁମୋଦନ ପ୍ରଦାନ କରାଯାଇଛି। ଏହି ବୈଠକରେ ଜିଲ୍ଲାର ବହୁବିଧ ବିକାଶ ପାଇଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗ, ଯେପରିକି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ବିଶେଷ କରି ଭିତ୍ତିଭୂମିର ବିକାଶ, ବିଦ୍ୟାଳୟଗୁଡ଼ିକର ରୂପାନ୍ତରଣ ଓ ନବୀକରଣ, ଆଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ୀକରଣ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ସ୍କୁଲ ବସ୍ ସେବା, ଦକ୍ଷତା ବିକାଶ ତାଲିମ ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମୋବାଇଲ ମେଡିକାଲ ୟୁନିଟର ପ୍ରସାର ଉପରେ ବିଶେଷ ପ୍ରାଥମିକତା ଦିଆଯାଇଛି। ବୈଠକରେ ସମୀକ୍ଷା କରି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ଯେ, ଏହି ସମସ୍ତ ପ୍ରକଳ୍ପ ଓ ଯୋଜନାର ସଫଳତା ଯେପରି ପ୍ରତ୍ୟକ୍ଷ ଭାବେ ଖଣି ପ୍ରଭାବିତ ଅଞ୍ଚଳର ପରିବାରଗୁଡ଼ିକ ପାଖରେ ପହଞ୍ଚିପାରିବ, ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ହେବ। ବିଶେଷ କରି ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଗ୍ରାମୀଣ ତଥା ଖଣି ଅଞ୍ଚଳର ଲୋକଙ୍କୁ ପ୍ରାଥମିକ ସେବା ଯୋଗାଇବା ଆମର ମୁଖ୍ୟ ଲକ୍ଷ୍ୟ ହେବା ଆବଶ୍ୟକ ବୋଲି କହିଛନ୍ତି। ଏହି ବୈଠକରେ ଝାରସୁଗୁଡ଼ା ବି.ଡି.ଓ ଶ୍ରୀ ଅନିଲ କୁମାର ଆଚାର୍ଯ୍ୟ, ସମ୍ବଲପୁର ଖଣି ମଣ୍ଡଳର ଉପ-ନିର୍ଦ୍ଦେଶକ (ଖଣି), ଏସ୍.ଡି.ଆଇ.ପି ଆର୍ ଓ. କୃଷ୍ଣକେଶୀ ବଳିୟାରସିଂହ, ନିର୍ବାହୀ ଯନ୍ତ୍ରୀ ଆର୍ ଡବ୍ଲୁ ଏସ ଏସ ଭାରପ୍ରାପ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ସମେତ ଅନ୍ୟାନ୍ୟ ପ୍ରମୁଖ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଓ ଜିଲ୍ଲା ଖଣିଜ ପାଣ୍ଠିର କର୍ମଚାରୀ ଉପସ୍ଥିତ ଥିଲେ।

# ଜିଲ୍ଲା ଭାଜପା କାର୍ଯ୍ୟାଳୟରେ ମଣ୍ଡଳ ସ୍ତରୀୟ ବୈଠକ

ମାଲକାନଗିରି ,୬/୦୮ (ନି.ପ୍ର): ମାଲକାନଗିରି ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟ ଠାରେ ଜିଲ୍ଲା ବିଜେପିର ମଣ୍ଡଳ ବୈଠକ ଆୟୋଜିତ ହୋଇଯାଇଛି ।ଏହି ବୈଠକରେ ମାଲକାନଗିରି ଓ ଗୌଡଗୁଡ଼ା ମଣ୍ଡଳର ସଭାପତି ଦିଲ୍ଲୀପ ଦଣ୍ଡପାଟି ଓ ଜୟଦେବ ମଣ୍ଡଳ ମଂଚାସିନ ହୋଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଭାପତି ଅଶୋକ ପରିଡ଼ା, ମୁଖ୍ୟ ଅତିଥି ଭାବେ ଜିଲ୍ଲା ପ୍ରଭାରି ତଥା ରାଜ୍ୟ ଉପ ସଭାପତି ରମେଶ ସାହୁ ଯୋଗ ଦେଇ ଦଳକୁ ତୃଣମୂଳ ସ୍ତରରୁ କିଭଳି ରାଜନୈତିକ ରଣନୀତିକୁ ପରିଚାଳନା କରାଯିବ ଏହା ଏକ ମାଧ୍ୟମ ରହିଥିବା ବେଳେ ଦଳ ପାଇଁ ଏହା ଏକ ପ୍ରମୁଖ ସାଂଗଠନିକ ବ୍ୟବସ୍ଥା ସୃଷ୍ଟି କରିଥାଏ । ବିଜେପିର ସାଂଗଠନିକ ବୈଠକ କର୍ମକର୍ତ୍ତାଙ୍କ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାଏ । ଏହି ମାସିକ ବୈଠକର ମୂଳ ଉଦ୍ଦେଶ୍ୟ ହେଉଛି ଦଳର ଶୀର୍ଷ ନେତୃତ୍ୱଙ୍କ ନିର୍ଦ୍ଦେଶ କ୍ରମେ ତୃମୂଳସ୍ତରରେ କେନ୍ଦ୍ରୀୟ ଦଳର ନିର୍ଦ୍ଦେଶାବଳୀ ମାଧ୍ୟମରେ ମାସିକ ବୈଠକରେ ଶକ୍ତି କେନ୍ଦ୍ର,ବୁଥ କମିଟି, ବିଏଲ ଏ-୨, ଏସ ଆଇ ଆର୍ କୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବା ବାବଦରେ ଆଲୋଚନା କରିଥିଲେ ।

# ଜିଲ୍ଲା ସଡ଼କ ସୁରକ୍ଷା ଟାସ୍କ ଫୋର୍ସ ଏବଂ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ

କେନ୍ଦ୍ରାପଡ଼ା,୬/୦୮ (ନି.ପ୍ର): ଜିଲ୍ଲା ସଡ଼କ ସୁରକ୍ଷା ଟାସ୍କ ଫୋର୍ସ ଏବଂ ଜିଲ୍ଲା ସଡ଼କ ସୁରକ୍ଷା କମିଟିର ବୈଠକ ଆଜି ଜିଲ୍ଲାପାଳ ଶ୍ରୀ ରଘୁରାମ ଆର୍. ଆୟରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାରେ ସଡ଼କ ଦୁର୍ଘଟଣା ହ୍ରାସ, ଯାତାୟାତ ନିୟମର କଡ଼ାକଡ଼ି ପାଳନ ଏବଂ ସଡ଼କ ସୁରକ୍ଷା ଭିତ୍ତିଭୂମିର ସୁଦୃଢ଼ୀକରଣ ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ବୈଠକରେ ପଟ୍ଟାମୁଣ୍ଡାଇ ପଟୁ ଆସୁଥିବା ବସ୍‌ଗୁଡ଼ିକ ତିନିମୁହାଣୀ ଛକ, ଅର୍ଥାତ୍ ଟ୍ରାଫିକ୍ ଛକ ପୂର୍ବରୁ ଥିବା ନିର୍ଦ୍ଧାରିତ ବସ୍‌ଷ୍ଟପ୍‌ରେ ରହି ଯାତ୍ରୀ ଉଠାଇବେ ଓ ଓହ୍ଲାଇବେ ବୋଲି ଜିଲ୍ଲାପାଳ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଟ୍ରାଫିକ୍ ଛକ ପରେ କୌଣସି ବସ୍ ଯାତ୍ରୀ ଉଠାଇବା କିମ୍ବା ଓହ୍ଲାଇବା ପାଇଁ ରହିବ ନାହିଁ। ଏହାଦ୍ୱାରା ଟ୍ରାଫିକ୍ ଜାମ୍ ଓ ଦୁର୍ଘଟଣାର ସମ୍ଭାବନା ହ୍ରାସ ସହ ଯାତାୟାତ ବ୍ୟବସ୍ଥାକୁ ସୁଗମ କରାଯିବ। ଜୁନ୍ ଓ ଜୁଲାଇ ୨୦୨୬ ମାସରେ ଜିଲ୍ଲାରେ ଯାତାୟାତ ନିୟମ ଉଲ୍ଲଂଘନ ବିରୋଧରେ ଏନ୍‌ଫୋର୍ସମେଂଟକୁ ଜୋରଦାର କରାଯାଇ ମୋଟ ୨,୪୭୩ଟି ମାମଲାରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏଥିମଧ୍ୟରେ ଅତ୍ୟଧିକ ବେଗରେ ଗାଡ଼ି ଚାଳନା ପାଇଁ ୧,୫୯୮ଟି, ଗାଡ଼ି ଚଳାଇବା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର ପାଇଁ ୯୬ଟି, ହେଲମେଟ ନପିନ୍ଧି ଗାଡ଼ି ଚଳାଇବା ପାଇଁ ୬୦୩ଟି, ସିଟ୍‌ବେଲ୍ଟ ବ୍ୟବହାର ନକରିବା ପାଇଁ ୧୦ଟି, ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ ପାଇଁ ୫୫ଟି, ଓଭରଲୋଡିଂ ପାଇଁ ୪୪ଟି, ଅନଧିକୃତ ପାର୍କିଂ ପାଇଁ ୪୦ଟି ଏବଂ ମଦ୍ୟପାନ କରି ଗାଡ଼ି ଚଳାଇବା ପାଇଁ ୨୭ଟି ମାମଲା ରହିଛି। ବୈଠକରେ ଜିଲ୍ଲାର ଚାନ୍ଦୋଳ, ଜନ୍ତିଲୋ ଛକ, ଦୁହୁରିଆ, ଚୁନଡିହ(ପଟ୍ଟାମୁଣ୍ଡାଇ), ଗଗୁଆ(ପଟ୍ଟାମୁଣ୍ଡାଇ), ସଂସାରଫଳ(ପଟ୍ଟାମୁଣ୍ଡାଇ), ଗୋପ ଛକ, ମାର୍ଶାଘାଇ ଓ ହଳଦିଆଗଡ଼ା ଆଦି ଚିହ୍ନଟ ହୋଇଥିବା ବ୍ଲାକ୍ ସ୍ପଟ୍‌ଗୁଡ଼ିକରେ ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ସ୍ଥାନଗୁଡ଼ିକରେ ଆବଶ୍ୟକ ସାଇନ୍‌ବୋର୍ଡ, ସିଗ୍ନାଲ୍, ରୋଡ୍ ମାର୍କିଂ, ଆଲୋକୀକରଣ ଓ ଅନ୍ୟାନ୍ୟ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରି ଆବଶ୍ୟକ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗକୁ କୁହାଯାଇଛି। ସେହିପରି ହାଟଦିନ ଗୋପ ଅଂଚଳରେ ସୃଷ୍ଟି ହେଉଥିବା ଟ୍ରାଫିକ୍ ସମସ୍ୟା ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଛି।

# ମୟୂରଭଞ୍ଜରେ ବନ୍ୟା ପରିଚାଳନାର ସମୀକ୍ଷା

## ଯୋଗାଯୋଗ ବ୍ୟବସ୍ଥାର ତ୍ୱରିତ ପୁନଃସ୍ଥାପନ ଓ କ୍ଷୟକ୍ଷତି ଆକଳନ ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶ



ବାରିପଦା, ୬/୮ (ନି.ପ୍ର): ନିକଟରେ ହୋଇଥିବା ଲଗାଣ ବର୍ଷା ଯୋଗୁଁ ମୟୂରଭଞ୍ଜ ଜିଲ୍ଲାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି, କ୍ଷୟକ୍ଷତି, ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି ସମୀକ୍ଷା ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ମାନ୍ୟବର ମନ୍ତ୍ରୀ ରବିନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ମନ୍ତ୍ରୀ ଇଂ ଗଣେଶରାମ ସିଂ ଖୁଣ୍ଟିଆ, ଉଦଳା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାସ୍କର ମଢେଇ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବଡ଼ସାହି ବିଧାୟକ ସନାତନ ବିଜୁଳି, ସାରସକଣା ବିଧାୟକ ଭାଦବ ହାଁସଦା, ବାଙ୍ଗିରିପୋଷି ବିଧାୟିକା ସଞ୍ଜଲୀ ମୁର୍ମୁ, ରାଇରଙ୍ଗପୁର ବିଧାୟକ ଜାଲେନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ସମୀକ୍ଷା ବୈଠକରେ ବିଶେଷକରି ବଡ଼ସାହି ଓ ଉଦଳା ବ୍ଲକ ସମେତ ଲଗାଣ ବର୍ଷା ଯୋଗୁଁ ପ୍ରଭାବିତ ହୋଇଥିବା ଜିଲ୍ଲାର ବିଭିନ୍ନ ଅଞ୍ଚଳର ସ୍ଥିତି, କ୍ଷୟକ୍ଷତି, ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟର ସବିଶେଷ ସମୀକ୍ଷା କରାଯାଇଥିଲା । ମନ୍ତ୍ରୀ ଶ୍ରୀ ନାଏକ ପ୍ରାଥମିକତା ଭିତ୍ତିରେ ବିଚ୍ଛିନ୍ନ ସଡ଼କ ଓ ଯୋଗାଯୋଗ ବ୍ୟବସ୍ଥାକୁ ଅବିଳମ୍ବେ ସ୍ୱାଭାବିକ କରିବା, ପାନୀୟ ଜଳ, ବିଦ୍ୟୁତ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସେବାର ପୁନଃସ୍ଥାପନ ତଥା ସ୍ୱାଭାବିକ କରିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ । ସେ ପ୍ରଭାବିତ ଅଞ୍ଚଳର କ୍ଷୟକ୍ଷତିର ଆକଳନ କାର୍ଯ୍ୟ ଶୀଘ୍ର ସମ୍ପନ୍ନ କରି ରିପୋର୍ଟ ଦାଖଲ କରିବା ଏବଂ ସରକାରଙ୍କ ପ୍ରଚଳିତ ନିୟମାବଳୀ ଅନୁଯାୟୀ ପ୍ରଭାବିତ ପରିବାରମାନଙ୍କୁ କ୍ଷତିପୂରଣ ଓ ସହାୟତା ପ୍ରଦାନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ଭବିଷ୍ୟତରେ ବନ୍ୟା ସମୟରେ ଯାତାୟାତ ବ୍ୟାହତ ନ ହେବା ଉଦ୍ଦେଶ୍ୟରେ ଜିଲ୍ଲାର ସମସ୍ତ କଜୱେର ସର୍ଭେ କରି ପର୍ଯ୍ୟାୟକ୍ରମେ ସେଗୁଡ଼ିକୁ ଉଚ୍ଚସ୍ତରୀୟ ସେତୁରେ ପରିଣତ କରିବା ପାଇଁ ପ୍ରସ୍ତାବ ପ୍ରସ୍ତୁତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ସେହିପରି ବନ୍ୟା ପ୍ରଭାବିତ ଅଞ୍ଚଳରେ ଥିବା କଚ୍ଚା (ମାଟି) ଘରଗୁଡ଼ିକର ସର୍ଭେ କରି ପ୍ରାଥମିକତା ଭିତ୍ତିରେ ସେଗୁଡ଼ିକୁ ପକ୍କା ଘରରେ ପରିଣତ କରିବା ପାଇଁ ଆବଶ୍ୟକ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ସେ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ଭବିଷ୍ୟତରେ ନିର୍ମାଣ ହେବାକୁ ଥିବା ଘରଗୁଡ଼ିକର ନକ୍ସାକୁ ବନ୍ୟା ସମେତ ପ୍ରାକୃତିକ ବିପର୍ଯ୍ୟୟକୁ ସହନଶୀଳ ଭାବେ ପ୍ରସ୍ତୁତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ହେମକାନ୍ତ ସୟ୍ ଜିଲ୍ଲାର ବନ୍ୟା ପରିସ୍ଥିତି, ଉଦ୍ଧାର, ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରସ୍ତୁତ ହୋଇଥିବା ପିପିଟି ମାଧ୍ୟମରେ ଉପସ୍ଥାପନା କରିଥିଲେ । ବୈଠକରେ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, କ୍ଷେତ୍ର ନିର୍ଦ୍ଦେଶକ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଡ଼ ପ୍ରକାଶ ଗୋଗିନାନୀ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଜିଲ୍ଲା ପରିଷଦ ଅତିରିକ୍ତ ଉନ୍ନୟନ ଅଧିକାରୀ ଶାନ୍ତନୁ କୁମାର ନାୟକ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ତାପସ କୁମାର ମହାନ୍ତ, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ସମେତ ସମସ୍ତ ଜିଲ୍ଲାସ୍ତରୀୟ ମୁଖ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଜଳକା ନଦୀ ବନ୍ୟା ସ୍ରୋତରେ ଭାସି ଗଲା ଶିଶୁ ପୁତ୍ର

ବସ୍ତା, ୬/୮ (ନି.ପ୍ର): ପୁଣି ଜଳକାରେ ବଢି ପାଣି ଆସି କୂଳ ଲଂଘନ କରୁଛି ।ଆଜି ନଦୀର ବସ୍ତା ବ୍ଲକ ମଥାନୀ ଠାରେ ଜଳ ସତର୍କ ସଙ୍କେତ ସ୍ତର ୬:୦୫ ରେ ପ୍ରବାହିତ ହେଉଛି । ଆଜି ଦ୍ୱି ପ୍ରହର ବେଳେ ଏହି ବ୍ଲକର ପତ୍ରଝଡ଼ା ପଞ୍ଚାୟତର ପାଇକପଡ଼ା (ନାଭ) ଗାଁର ତପୁ ବାସ୍କେଙ୍କ ପୁଅ ବିଜୟ(୬ ବର୍ଷ) ବନ୍ୟା ସ୍ରୋତରେ ଭାସି ଯାଇଥିଲା ।ନଦୀ କଡ଼ରେ ବାସ୍କେଙ୍କ ଘର ।ତେବେ ଅଗ୍ନିଶମ ଦଳ ଖବର ପାଇ ପାଣିରେ ବହୁତ ଖୋଜାଖୋଜି କରିଥିଲେ । ଶେଷରେ ଅପରାହ୍ନରେ ଶିଶୁ ପୁତ୍ରକୁ ନଦୀର କିଛି ଦୂର ଏକ ବୁଦାରେ ମୃତ ଅବସ୍ଥାରେ ଠାବ କରାଯାଇଥିଲା । ବସ୍ତା ଥାନା ପୁଲିସ ସବ୍ ଇନିସପେକ୍ଟର ଲୋ ପାମୁଦ୍ରା ପଣ୍ଡା ମୃତ ଶରୀରକୁ ବ୍ୟବଚ୍ଛେଦ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ



ବାସୁଦେବପୁର, ୬/୮ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଚୁଡ଼ାମଣି ନଗେନ୍ଦ୍ରନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଅମୀୟ କୁମାର ମହାଳିକ ଓ ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ କମଳାକାନ୍ତ ପାଇକରାୟଙ୍କ କାର୍ଯ୍ୟକାଳ ଶେଷ ହୋଇ ଥିବାରୁ ଏହି ଅବସରରେ ଦୁଇ ଶିକ୍ଷକ ବନ୍ଧୁଙ୍କ ପାଇଁ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ ବସନ୍ତ କୁମାର ପାଣି ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ବି ସି ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ନାରାୟଣ ମାହୁନ୍ତ, ଶିକ୍ଷାବିତ୍ ପ୍ରମୋଦ କୁମାର ପାଢ଼ୀ,ଶିକ୍ଷାବିତ୍ ନକୁଳ ଚରଣ ବାରିକ୍, ସି ଆର ସି ସି ରାମକୃଷ୍ଣ ବାରିକ୍, ଅମିୟ କୁମାର ପାଣିଗ୍ରାହୀ, ସ୍କୁଲ ପରିଚାଳନା କମିଟି ସଭାପତି ପ୍ରଦୀପ ବେରା ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଉତ୍ସବରେ ବିଦାୟୀ ଶିକ୍ଷକ ବନ୍ଧୁ ମାନଙ୍କୁ ମାନପତ୍ର ଓ ଉପଢ୍ୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ଉପହାର ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ଶିକ୍ଷକ ରମାକାନ୍ତ ରଣା, ବାଦଲ ନାୟକ, ଶିକ୍ଷୟିତ୍ରୀ ମଞ୍ଜୁଲତା ତ୍ରିପାଠୀ,ପ୍ରତିଭା ବେହେରା ପ୍ରମୁଖ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ । ଶେଷରେ ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ ବସନ୍ତ କୁମାର ପାଣି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ତାର ବାଢ କାଟି ଘର ଅଗଣାରୁ ଲକ୍ଷାଧିକ ଟଙ୍କାର ଇଲେକ୍ଟ୍ରି ସରଞ୍ଜାମ ଚୋରି କଲେ ଦୁର୍ବୃତ୍ତ

ବସ୍ତା, ୬/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ଗୁହାଳିପଦା ଗାଁରେ ବିଳମ୍ବିତ ରାତିରେ ଦୁର୍ବର୍ତ୍ତ୍ ତାଲା ଭାଙ୍ଗି ୩ ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କା ର ଇଲେକ୍ଟ୍ରିକ ସାମଗ୍ରୀ ଲୁଟି ନେଇଛନ୍ତି । ଗୁହାଳିପଦା ଗ୍ରାମର ଭଜହରି ପରିଡା ଇଲେକ୍ଟ୍ରିକ ଠିକାଦାର ଭାବେ କାର୍ଯ୍ୟ କରୁଥିବା ବେଳେ ଗତକାଲି ବିଳମ୍ବିତ ରାତି ରେ ୫ ଜଣ ଦୁର୍ବୃର୍ତ୍ତ ଏକ ଗାଡି ରେ ଆସି ଘର ବାହାରେ ଥିବା ବହୁ ମୂଲ୍ୟବାନ ସାମଗ୍ରୀ ଚୋରି କରି ଫେରାର ହୋଇ ଯାଇଛନ୍ତି ।ସକାଳେ ସମସ୍ତ ସାମଗ୍ରୀ ଚୋରି ହେଇଥିବା ଦେଖି ସିଂଲା ଥାନା ରେ ଲିଖିତ କରିବା ପରେ ସିଂଲା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ତେବେ ଚୋରି ସମୟର ସମସ୍ତ ଦୃଶ୍ୟ ସିସିଟିଭି ରେ କଏଦ ହୋଇଥିବା ବେଳେ ସିସିଟିଭି ଫୁଟେଜ ଆଧାର ରେ ତଦନ୍ତ କରୁଛି ପୁଲିସ ।ଅନ୍ୟ ପଟେ ସିଂଲା ଥାନା ଅଞ୍ଚଳରେ ବାରମ୍ବାର ଚୋରି ହେଉଥିବାରୁ ପୁଲିସ ପକ୍ଷରୁ ପେଟ୍ରୋଲିଂ କୁ କଡାକଡି କରିବା ପାଇଁ ସାଧାରଣରେ ଦାବି ହୋଇଛି ।

## ଗୋଚର ଜମିରେ ବେଆଇନ ରାସ୍ତା ନିର୍ମାଣକୁ ନେଇ ଉତ୍ତେଜନା: ହରବାବାଜୀ ମେଳା ପଡ଼ିଆ ପାଲଟିଲା ରଣକ୍ଷେତ୍ର



ଜଳେଶ୍ୱର, ୬/୮ (ନି.ପ୍ର): ସରକାର ନିୟମ ଗଢୁଛନ୍ତି,ଆଉ ନିଜେ ସରକାରୀ ବିଭାଗ ନିୟମ ଭାଙ୍ଗୁଛି ।ଏଭଳି ଏକ ଅଭିଯୋଗକୁ ନେଇ ଜଳେଶ୍ୱର ବ୍ଲକ ବାଇଗଣବାଡ଼ିଆ ପଞ୍ଚାୟତରେ ପ୍ରଚଣ୍ଡ ଉତ୍ତେଜନା ପ୍ରକାଶ ପାଇଛି । ସ୍ଥାନୀୟ କାଳିକାପୁର ଗ୍ରାମରେ ଥିବା ପ୍ରସିଦ୍ଧ ହରବାବାଜୀ ମେଳା ପଡ଼ିଆର ଗୋଚର ଜମିରେ ବ୍ଲକ କର୍ତ୍ତୃପକ୍ଷ ବେଆଇନ ଭାବେ ରାସ୍ତା ନିର୍ମାଣ କରୁଥିବା ଅଭିଯୋଗ କରି ସରପଞ୍ଚ ଓ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି । ସୂଚନାନୁସାରେ, ବିକଶିତ ଗାଁ, ବିକଶିତ ଓଡ଼ିଶା’ଯୋଜନାରେ ୪.୫ ଲକ୍ଷ ଟଙ୍କାର ସରକାରୀ ଅନୁଦାନରେ ଗତ ଦୁଇଦିନ ହେବ ବ୍ଲକ ପ୍ରଶାସନ ପକ୍ଷରୁ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିଲା । ତେବେ ଗୋଚର, ଜଙ୍ଗଲ କିମ୍ବା ବ୍ୟକ୍ତିଗତ ଜମିରେ ସରକାରୀ ଅର୍ଥ ବିନିଯୋଗ କରି ରାସ୍ତା ନିର୍ମାଣ କରିବା ନିୟମବିରୋଧୀ ହୋଇଥିବା ବେଳେ, ପଡ଼ିଆ ମଝିରେ ରାସ୍ତା ହେବା ଦ୍ୱାରା ଐତିହାସିକ ମେଳା ପଡ଼ିଆଟି ସଂକୁଚିତ ହୋଇଯାଉଛି । ଏହାକୁ ବିରୋଧ କରି ଆଜି ସ୍ଥାନୀୟ ସରପଞ୍ଚଙ୍କ ସମେତ ବହୁ ସଂଖ୍ୟାରେ ଗ୍ରାମବାସୀ ନିର୍ମାଣ ସ୍ଥଳରେ ପହଞ୍ଚି କାର୍ଯ୍ୟ ବନ୍ଦ କରିବାକୁ ଦାବି କରିଥିଲେ । ମାତ୍ର କାର୍ଯ୍ୟସ୍ଥଳରେ କୌଣସି ସରକାରୀ ଅଧିକାରୀ ଉପସ୍ଥିତ ନ ଥିବା ବେଳେ ଠିକାଦାର ଓ କିଛି ବ୍ୟକ୍ତି ଗ୍ରାମବାସୀଙ୍କୁ ବିରୋଧ କରିବାରୁ ପରିସ୍ଥିତି ଅନିୟନ୍ତ୍ରିତ ହୋଇପଡ଼ିଥିଲା । ଉଭୟ ଗୋଷ୍ଠୀ ମଧ୍ୟରେ ଠେଲାପେଲା ଓ ଉତ୍ତେଜନା ସୃଷ୍ଟି ହୋଇ ଶେଷରେ ମେଳା ପଡ଼ିଆଟି କିଛି ସମୟ ପାଇଁ ରଣକ୍ଷେତ୍ରରେ ପରିଣତ ହୋଇଥିଲା । ବେଆଇନ ନିର୍ମାଣକୁ ତୁରନ୍ତ ବନ୍ଦ ନକଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବା ସହ ଆଇନ ଶୃଙ୍ଖଳା ପରିସ୍ଥିତି ଅସମ୍ଭାଳ ହେବ ବୋଲି ସ୍ଥାନୀୟ ବାସିନ୍ଦା ଏବଂ ପ୍ରତିନିଧିମାନେ ଚେତାବନୀ ଦେଇଛନ୍ତି । ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।


# OFFICE OF THE BARIPADA MUNICIPALITY

BARIPADA, MAYURBHANJ- 757001
Tel : 06792-252703
Website : www.baripadamunicipality.in, e-mail :Baripadam.hud@od.gov.in

No- 3178/PW/Date: 06.08.26

## REQUEST FOR PROPOSAL (RFP)

1. Name of the work :- **"Procurement & Installation of essential machinery, equipment, and furniture required for the smooth operationalization of the New AAHAAR Centre at PRM Medical College Campus"**
2. Date of sale of RFP document : From 10.00 AM dtd.07.08.2026 up to 1.00 PM of dt.17.08.2026
3. Last date & time of receipt of RFP documents: Up to 1.00 P.M. of dt.19.08.2026
4. Date and time of opening of the RFP : At 4.00 PM of dt.19.08.2026
5. Mode of deposit towards cost of RFP document & EMD : As per the detailed notice inviting RFP
6. Name and address of the Officer : Executive Officer, Baripada Municipality Inviting RFP

Further details can be had from the web site www.baripadamunicipality.in and http://www.mayurbhanj.odisha.gov.in from 10.00 AM of dt.07.08.2026 to 1.00 PM of Dt 17.08.2026 or from the office of the undersigned during office hours on all working days.

**Executive Officer**
**Baripada Municipality**

**OIPR:13001/13078/1/26-27/0006**


## ଯୁକ୍ତ ଦୁଇ ଫେଜ୍ ୧ ନାମଲେଖାର ସ୍ପଟ୍ ମେଧା ତାଲିକା ପ୍ରକାଶିତ

ଭୁବନେଶ୍ୱର, ୬/୮ (ନି.ପ୍ର): ୨୦୨୬-୨୭ ଶିକ୍ଷାବର୍ଷ ଯୁକ୍ତ ଦୁଇ ଫେଜ୍ ୧ ନାମଲେଖାର ସ୍ପଟ୍ ମେଧା ତାଲିକାରେ ମୋଟ ୨୫,୩୩୨ ଜଣ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଛି । ଚୟନ ପ୍ରକ୍ରିୟା ସମୟରେ ୮୭,୫୪୯ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ମୋଟ ୪୬,୫୭୦ ଜଣଙ୍କୁ ଚୟନ କରାଯାଇଛି । ମନୋନୀତ ଛାତ୍ରଛାତ୍ରୀଙ୍କ ମଧ୍ୟରେ କଳାରେ ସର୍ବାଧିକ ୧୪,୧୮୦ ଜଣ ନାମ ଲେଖାଇଛନ୍ତି, ଏହାପରେ ବିଜ୍ଞାନରେ ୭୨୨୬ ଜଣ, ବାଣିଜ୍ୟରେ ୨୬୦୧ ଜଣ, ଧନ୍ଦାମୂଳକରେ ୧୦୬୮ ଜଣ ଏବଂ ସଂସ୍କୃତରେ ୨୫୭ ଜଣ ଅଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଜୈନ୍ ଜି ଦେଶବିରୋଧୀ...

ଆମେ ଉଭୟ ରାଷ୍ଟ୍ର ସହ କଥାବାର୍ତ୍ତା ଜାରି ରଖିବା ଉଚିତ । ସ୍ଥାୟୀ ଘୃଣା କୌଣସି ସମାଧାନ ନୁହେଁ । ମାନବିକତାକୁ ସର୍ବଦା ପ୍ରାଥମିକତା ଦେବା ଉଚିତ ବୋଲି ସେ କହିଛନ୍ତି । ଏନଏମଏସିସି ( ନୀତା ମୁକେଶ ଅମ୍ବାନୀ ସାଂସ୍କୃତିକ କେନ୍ଦ୍ର)ରେ ଆୟୋଜିତ ଆଇଆଇଏମୟୁଏନ୍‌ର ବାର୍ଷିକ ଚାମ୍ପିଅନସିନ୍ ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇ ଭାଗବତ ଏହି ଟିପ୍ପଣୀ ଦେଇଛନ୍ତି ।

### ଓ୍ୱାଇ ବି ଖୁରାନିଆଙ୍କ ...

ରାଜ୍ୟ ସରକାର ବରିଷ୍ଠତା ଓ ଅଭିଜ୍ଞତା ଦୃଷ୍ଟିରୁ ପାଖାପାଖି ୧୧ ଆଇପିଏସ୍‌ଙ୍କ ନାଁ କେନ୍ଦ୍ର ସରକାରଙ୍କୁ ପଠାଇଥିଲେ । ଆଉ ଏମାନଙ୍କ ମଧ୍ୟରୁ ତିନିଟି ସର୍ଟଲିଷ୍ଟ କରି ରାଜ୍ୟ ସରକାରଙ୍କ ପାଖକୁ ପଠାଇବ ୟୁପିଏସ୍‌ସି । ଡିଜିପି ଚୟନ ନେଇ ଆସନ୍ତାକାଲି ବସିବାକୁ ଯାଉଛି ୟୁପିଏସ୍‌ସିର ଗୁରୁତ୍ୱପୂର୍ଣ୍ଣ ବୈଠକ । ଯେଉଁଥିରେ ଯୋଗଦେବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ନଜର ପକାନ୍ତୁ କାହା ନାଁକୁ ନେଇ ଅଧିକ ଚର୍ଚ୍ଚା ହେଉଛି । ଯିଏ ପୁଲିସ ମୁଖିଆ ହେଲେ ବି ତାଙ୍କ ଆଗରେ ରହିଛି ଅନେକ ଚ୍ୟାଲେଞ୍ଜ । ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ ନୂଆ ଡିଜିପିଙ୍କ ପାଇଁ ବଡ଼ ପରୀକ୍ଷା ହେବ । ଏହା ସହ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି, ଭିଡ଼ ହିଂସା, ନିଶା କାରବାର ଓ ଅପରାଧ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ପଡ଼ିବ । ଅନେକ ସମୟରେ ପୁଲିସ ଅଧିକାରୀଙ୍କ ଭୂମିକାକୁ ନେଇ ବି ପ୍ରଶ୍ନ ଉଠିଛି । ତେଣୁ ଏସବୁକୁ ନିୟନ୍ତ୍ରଣ କରିବା ସହ ସରକାରଙ୍କ ଭାବମୂର୍ତ୍ତି ରକ୍ଷା କରିବା ନୂଆ ଡିଜିପିଙ୍କ ପାଇଁ ଆହ୍ୱାନ ହେବ ।

### ଓଡ଼ିଶାର ଆଇନଶୃଙ୍ଖଳାକୁ ...

ଓଡ଼ିଶାରେ ଗତ କିଛି ବର୍ଷ ମଧ୍ୟରେ ବିଜେପି ନେତା ଓ କର୍ମୀଙ୍କୁ ହତ୍ୟା କରାଯିବାର ଅନେକ ଘଟଣା ସାମ୍ନାକୁ ଆସିଛି, ଯାହା ଆଇନଶୃଙ୍ଖଳା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ୨୦୨୬ ଜୁନ୍ ମାସରେ କେନ୍ଦ୍ରାପଡ଼ା ଜମ୍ମୁ ମେରାଇନ ଥାନା ରାମନଗରରେ ବିଜେପି ବୁଥ୍ ସଭାପତି ତପନ ଦାସଙ୍କୁ ପିଟିପିଟି ହତ୍ୟା କରାଯାଇଥିଲା । ସେହିପରି ୨୦୨୫ ଅକ୍ଟୋବରରେ ବ୍ରହ୍ମପୁରରେ ବରିଷ୍ଠ ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡାଙ୍କୁ ଗୁଳି କରି ହତ୍ୟା କରାଯାଇଥିବା ବେଳେ ୨୦୨୫ ଜାନୁଆରିରେ ସମ୍ବଲପୁରରେ ଦୁଇ ବିଜେପି ନେତା ଦେବେନ୍ଦ୍ର ନାୟକ ଏବଂ ମୁରଲୀଧର ଛୁରିଆଙ୍କୁ ଗାଡ଼ି ମଡ଼ାଇ ହତ୍ୟା କରାଯାଇଥିଲା । ଏହା ପୂର୍ବରୁ ୨୦୧୯ ନିର୍ବାଚନ ସମୟରେ ଖୋର୍ଦ୍ଧା ଜୋନ୍ ବିଜେପି ମଣ୍ଡଳ ସଭାପତି ମଙ୍ଗୁଳି ଜେନାଙ୍କୁ ମଧ୍ୟ ଗୁଳି କରି ହତ୍ୟା କରାଯାଇଥିଲା । ଏହି ସବୁ ଘଟଣା ରାଜ୍ୟରେ ରାଜନୈତିକ ବ୍ୟକ୍ତିବିଶେଷଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ାଇ ଦେଇଛି । ସ୍ଥାନୀୟ ଲୋକେ ଏହି ହତ୍ୟାକାଣ୍ଡର ତୁରନ୍ତ ପର୍ଦ୍ଦାଫାସ କରିବା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ।

### ଅଗଷ୍ଟ ୧୯ ଯାଏଁ ସ୍ୱତନ୍ତ୍ର ....

ଭୋଟର ତାଲିକାରୁ ଗୋଟିଏ ସ୍ଥାନରେ ନାମ ରଖି ଅନ୍ୟ ସ୍ଥାନରେ ନାମ ହଟାଇବା ପାଇଁ ଫର୍ମ-୭ରେ ୩୭,୨୬୫ଟି ଆବେଦନ ଦାଖଲ ହୋଇଛି । ଭୋଟର ଙ୍କ ନାମ, ଠିକଣା କିମ୍ବା ଅନ୍ୟାନ୍ୟ ସଂଶୋଧନ ଓ ପରିବାରର ସଦସ୍ୟ ଙ୍କ ନାମ ଏକତ୍ର ଗୋଟିଏ ସ୍ଥାନରେ ରଖିବା ପାଇଁ ଫର୍ମ-୮ରେ ୧,୬୩,୪୨୪ ଜଣ ଭୋଟର ଆବେଦନ କରିଛନ୍ତି । ସେହିପରି, ରାଜ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାର ପାଟକୁରା ନିର୍ବାଚନମଣ୍ଡଳୀ ଓ ଅନୁଗୋଳ ଜିଲ୍ଲାର ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ଶତପ୍ରତିଶତ ନୋଟିସ ପ୍ରଦାନ କରି ତାହାର ଶତପ୍ରତିଶତ ଶୁଣାଣି ଶେଷକରି ସର୍ବାଗ୍ରେ ରହିଛନ୍ତି । ସୂଚନାଯୋଗ୍ୟ, ସମସ୍ତ ଯୋଗ୍ୟ ନାଗରିକ ମାନଙ୍କୁ ଅଗଷ୍ଟ ୧୯ ମଧ୍ୟରେ ନିଜର ଦାବି କିମ୍ବା ଆପତି ଆବେଦନ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଆର ଏସ ଗୋପାଳନ ନିବେଦନ କରିଛନ୍ତି ।

## ଆତ୍ମଲୋକରେ ମୁନି ରାସବିହାରୀ ସିଟ୍

ବାରିପଦା, ୬/୮ (ନି.ପ୍ର): ଜଣେ ଭଦ୍ର, ନିରୀହ, ନିଷ୍କପଟ, ସଚ୍ଚୋଟ, ମିଷ୍ଟଭାଷୀ, ସ୍ନେହବତ୍ସଳ, କର୍ମବୀର ତଥା ଧର୍ମପ୍ରାଣ ବ୍ୟକ୍ତିତ୍ୱ ହିସାବରେ ପ୍ରାୟ ଓଡ଼ିଶା, ବିହାର ଏବଂ ପଶ୍ଚିମବଙ୍ଗର ସୀମାବର୍ତ୍ତୀ ଅଞ୍ଚଳରେ ବେଶ୍ ଜଣାଶୁଣା ଥିବା ରାସବିହାରୀ ଶିଟ ଗତ ୨୭/୦୭/୨୦୨୬ ରାତ୍ର ପ୍ରାୟ ଘ୦୨.୧୫ ମିନିଟ୍ ସମୟରେ ଭୁବନେଶ୍ୱର ସ୍ଥିତ କେୟାର ହସ୍ପିଟାଲ୍ ଠାରେ ଚିକିତ୍ସିତ ଅବସ୍ଥାରେ ସାଂସାରିକ ମାୟା ବନ୍ଧନରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ମାତ୍ରେ ବାରିପଦା, କଟକ, ଭୁବନେଶ୍ୱର, ରାଉରକେଲା ବ୍ୟତୀତ ବିହାର ଓ ପଶ୍ଚିମବଙ୍ଗରେ ଥିବା ତାଙ୍କର ସମସ୍ତ ଆତ୍ମୀୟସ୍ୱଜନ ଚଳଚଞ୍ଚଳ ହୋଇ ଉଠିଥିଲେ । ଜୀବନ ସଂଗ୍ରାମରେ ତାଙ୍କ ଭଳି ଜଣେ ତ୍ୟାଗୀ, କର୍ତ୍ତବ୍ୟନିଷ୍ଠ ,ଲଢୁଆ ପୁରୁଷ ମିଳିବା ନିହାତି ବିରଳ । ପିତା ଦୁର୍ଯ୍ୟୋଧନ ମାତା ସରସ୍ୱତୀ ଶିଟଙ୍କ ଜ୍ୟେଷ୍ଠପୁତ୍ର ହିସାବରେ ସେ ତା୦୧/୦୫/୧୯୪୨ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ସେ ୧୯୫୮ ମସିହାରେ ମେଟ୍ରିକ ଏବଂ ୧୯୬୨ ମସିହାରେ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟ, ବାରିପଦାରୁ ବି.ଏ. ପାସ କରିଥିଲେ । ଅଳ୍ପ କିଛି ଦିନ ପାଇଁ ସେ ବଡ଼ସାହି ହାଇସ୍କୁଲରେ ଶିକ୍ଷକତା କରିଥିଲେ ଏବଂ ୦୬/୦୫/୧୯୬୩ ମସିହାରେ ପ୍ରଥମେ ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗରେ ବି.ଏଲ.ଇ.ଓ. ହିସାବରେ ସରକାରି ଚାକିରିରେ ନିଯୁକ୍ତି ପାଇ କେନ୍ଦୁଝର, ବାଲେଶ୍ୱର ଓ ମୟୂରଭଞ୍ଜର ବିଭିନ୍ନ ବ୍ଲକରେ ଦକ୍ଷତାର ସହିତ ନିଜର କର୍ତ୍ତବ୍ୟ ନିର୍ବାହ କରି ନିଜକୁ ଏକ ସଚ୍ଚୋଟ ପଦାଧିକାରୀ ଭାବେ ପ୍ରତିଷ୍ଠା କରି ପାରିଥିଲେ । ସେ ୨୦/୦୨/୧୯୯୯ ମସିହାରେ ପ୍ରଥମ ଶ୍ରେଣୀ (କନିଷ୍ଠ) ଓ.ଆଇ.ଏସ ସ୍ତରକୁ ପଦୋନ୍ନତି ପାଇ ବାରିପଦା ତଖତପୁର ଠାରେ ମ୍ୟାନେଜର (ଏସ.ଏସ) ଡି.ଆଇ.ସି, ଭାବେ ଅବସର ଗ୍ରହଣ କରିଥିଲେ । ଜଣେ ଆଧ୍ୟାତ୍ମବାଦୀ ହିସାବରେ ସେ ଭାଗବତ ଗୀତା ପ୍ରତ୍ୟହ ପାଠ କରୁଥିଲେ ଏବଂ ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜର ଜଣେ ସଦସ୍ୟ ହୋଇ ଯୋଗ ସାଧନରେ ଏବଂ ମୁନି ସମାଜର ପ୍ରଚାର, ପ୍ରସାର କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଥିଲେ । ଶେଷକୁ ମୁନି କଲ୍ୟାଣ ପରିଷଦର ଜଣେ ପ୍ରତିଷ୍ଠାତା ସଦସ୍ୟ ହିସାବରେ ଆତ୍ମ ଚିନ୍ତନ ଏବଂ ଆତ୍ମ ଜ୍ଞାନ ସମ୍ବଳିତ ଉପଦେଶମାନ ଖୁବ୍ ସରଳ ଓ ସାବଲିଳ ଭାଷାରେ ବ୍ୟାଖ୍ୟା କରି ପାରୁଥିଲେ । ସେ ଛାଡି ଯାଇ ଥିବା ପରିବାରରେ ପତ୍ନୀ ସୁମତୀ ଦେବୀ, ପାଞ୍ଚ ଜଣ ଉଚ୍ଚ ଶିକ୍ଷିତା ପୁତ୍ରୀ ଯଥାକ୍ରମେ ଜୟଶ୍ରୀ, ହିରଣ୍ମୟୀ, ଲୀନା, କଳ୍ପନା ଓ ଭାସ୍ୱତୀ ଏବଂ ଏକମାତ୍ର ପୁତ୍ର ମୁନି ସଚ୍ଚିଦାନନ୍ଦଜୀ ମହାରାଜ (ପୁପୁନ) । ତାଙ୍କର ସବୁଠାରୁ ବଡ ଅବଦାନ ଥିଲା ପିତା ଛାଡି ଯାଇଥିବା ପାଞ୍ଚ ଜଣ ସାନ ଭାଇ ପୁଲିନ, ନିକୁଞ୍ଜ, ବିନୋଦ, କ୍ଷୀରୋଦ ଓ ବିଜନ , ଦୁଇ ଜଣ ସାନ ଭଉଣୀ ସୁଷମା ଓ ସବିତା ଏବଂ ମାତା ସରସ୍ୱତୀ ଦେବୀଙ୍କ ଦାୟିତ୍ୱ ତୁଲାଇବା; ଯେଉଁଥିରେ ସେ କୌଣସି ଅବହେଳା କରି ନାହାନ୍ତି ।

## ସବୁଜ ପରିବେଶ ପାଇଁ ସମର୍ପିତ ସୁମନ୍ତ




ବାଲେଶ୍ୱର, ୬/୮ (ନି.ପ୍ର): ସମାଜକୁ ବଦଳ ଇବା ପାଇଁ ବଡ଼ ପଦପଦବି କିମ୍ବା ଅର୍ଥ ଆବଶ୍ୟକ ନୁହେଁ;ଏକ ଭଲ ମନ, ସଚ୍ଚଟ ଚିନ୍ତାଧାରା ଦୃଢ଼ ଇଚ୍ଛାଶକ୍ତି ଜରୁରୀ । ଏହାସହ ନିରନ୍ତର ସେବା ମନୋଭାବ ରହିଥିବା ଆବଶ୍ୟକ । ଫଳରେ ଚୋଟ ପ୍ରୟାସ ଏବଂ ଭଲ କାମ ଦ୍ୱାରା ମଣିଷ ସମାଜରେ ବଡ଼ ପରିବର୍ତ୍ତନ ଆଣିପାରିବ । ଯାହା ଦୀର୍ଘ ୧୧ବର୍ଷ ଧରି କରି ଦେଖାଇଛନ୍ତି ବାଲେଶ୍ୱର ସୁମନ୍ତ ଜେନା । ପରିବେଶ ସଂରକ୍ଷଣ , ସମାଜସେବା କ୍ଷେତ୍ରରେ ନିଜକୁ ସମର୍ପିତ କରିବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି । ଆଗାମୀ ପିଢ଼ି ପାଇଁ ଏକ ସବୁଜ, ସୁନ୍ଦର, ସ୍ୱଚ୍ଛ ପୃଥିବୀ ଗଢିବାର ଦୃଢ଼ ସଂକଳ୍ପ ନେଇଛନ୍ତି । ବସ୍ତା ବ୍ଲକ୍ କୁଡିଆ ପଞ୍ଚାୟତ ପେଗରପଡ ଗ୍ରାମରେ ସୁମନ୍ତଙ୍କ ଘର । ସ୍ୱର୍ଗତ ସୁରେନ୍ଦ୍ର ନାଥ ଜେନା ଓ ବାସନ୍ତୀ ଦେବୀଙ୍କ ସୁପୁତ୍ର ସୁମନ୍ତ ପିଲାଟି ଦିନରୁ ଗଛ ଲଗାଇବା ସହିତ ଜୀବଜନ୍ତୁ, ପକ୍ଷୀଙ୍କୁ ପାଣି ଦେଉଥିଲେ । ବଡ଼ ହେବା ପରେ ଜଣେ ସଫଳ ବ୍ୟବସାୟୀ ଭାବେ ନିଜକୁ ପ୍ରତିଷ୍ଠିତ କରିଥିଲେ ହେଁ ସମାଜସେବା, ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି । ବାପାଙ୍କ ଦେହାନ୍ତ ପରେ ସୁମନ୍ତ ୨୦୧୬ ମସିହାରେ ବାପାଙ୍କ ନାମରେ ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟି ଗଠନ କରିଥିଲେ ଏହି ସଙ୍ଗଠନ ମାଧ୍ୟମରେ ବହୁ ସ୍ୱେଚ୍ଛାସେବୀ, ପରିବେଶ ସଂଗଠନଙ୍କୁ ସାମିଲ କରିବା ସହ ବାଲେଶ୍ୱର, ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ଯାଇ ସ୍ଥାନୀୟ ଲୋକ ତଥା ଛାତ୍ରଛାତ୍ରୀଙ୍କୁ ଗଛ ଲଗାଇବା ସହିତ ସେଗୁଡିକର ଯତ୍ନ ନେବା ପାଇଁ ପ୍ରେରିତ କରାଥାନ୍ତି । ସୁମନ୍ତଙ୍କ ମତରେ ଗଛଟିଏ କେବଳ ଅମ୍ଳଜାନ ଦିଏନି ; ବରଂ ଫଳ, ଛାୟା ଦେବା ସହିତ ପ୍ରକୃତିର ପ୍ରକୃତ ବନ୍ଧୁ ସାଜି ଆଗାମୀ ପିଢ଼ି ପାଇଁ ଜୀବନର ଆଶା ଭବିଷ୍ୟତକୁ ସୁରକ୍ଷିତ କରେ । ନିଜ ଉଦ୍ୟମରେ ସୁମନ୍ତ ପାଖାପାଖି ୨୧ ହଜାରରୁ ଉର୍ଦ୍ଧ୍ୱ ଗଛ ଲଗାଇ ପରିବେଶ ସୁରକ୍ଷାର ବାର୍ତ୍ତା ଦେବା ସହିତ ଅନେକଙ୍କ ପ୍ରେରଣାର ଉତ୍ସ ପାଲଟିଛନ୍ତି । ଏହି ଉତ୍ସର୍ଗିକୃତ କାମ ପାଇଁ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ପ୍ରକୃତି ବନ୍ଧୁ ପୁରସ୍କାରରେ ପୁରସ୍କୃତ ହୋଇଛନ୍ତି । ସୁମନ୍ତ ପରିବେଶ ସୁରକ୍ଷା , ରକ୍ତଦାନ ଓ ସମାଜ ସେବା କ୍ଷେତ୍ରରେ ଗାଁରୁ ସହର ପର୍ଯ୍ୟନ୍ତ ନିଜର ସ୍ୱତନ୍ତ୍ର ପରିଚୟ ହାସଲ କରିଛନ୍ତି । ଏହା ସହିତ ସମାଜର ଅବହେଳିତ, ଦୁସ୍ଥ ନିରାଶ୍ରୟ, ଅଭାବୀ ମଣିଷଙ୍କୁ ନିଜର ସକ୍ଷମ ଅନୁସାରେ ସାହାଯ୍ୟ ସହଜଗରେ ହାତ ବଢ଼େଇବା, ସ୍ୱଚ୍ଛତା କାର୍ଯ୍ୟକ୍ରମ ସହିତ ବିଭିନ୍ନ ଗ୍ରାମକୁ ଯାଇ ଘରକୁ ଘର ବୁଲି ପଲିଥିନ, ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ଗଠନ କରିବାକୁ ଆହ୍ୱାନରେ ବ୍ରତୀ ହୋଇଛନ୍ତି । ଶ୍ରୀ ଜେନାଙ୍କର ଏହି ଉଲ୍ଲେଖନୀୟ କୃତିତ୍ୱ ପାଇଁ ସୁମନ୍ତଙ୍କୁ ଓ୍ୱାର୍ଲଡ ଓଡ଼ିଶା ସୋସାଇଟି ପକ୍ଷରୁ ରତ୍ନଶ୍ରୀ ପୁରସ୍କାର ୨୦୨୫, ଅଟଳ ପ୍ରକୃତି ମିତ୍ର ରତ୍ନ ସମ୍ମାନ- ୨୦୨୫ ସହିତ ଜିଲ୍ଲା ତଥା ଜିଲା ବାହାରୁ ମଧ୍ୟ ଅନେକ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି ।

# ଜିଲ୍ଲାସ୍ତରୀୟ ଯୌତୁକ ନିଷେଧ ଆଇନ -୧୯୬୧ର ତାଲିମ ଶିବିର

ବାଲେଶ୍ୱର, ୬/୮ (ନି.ପ୍ର): ସମାଜରେ ଯୌତୁକ ନିର୍ଯାତନାରୁ ମହିଳାମାନଙ୍କ ସୁରକ୍ଷା ନିମନ୍ତେ ଥିବା ଆଇନ୍ ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ଏକ ଦିବସୀୟ ତାଲିମ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଦ୍ୱାରା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନାରୀମାନଙ୍କ ସୁରକ୍ଷା ଓ ନିରାପଦ ଜୀବନଯାପନ ପାଇଁ ସରକାରଙ୍କ ପଦକ୍ଷେପ ବିଷୟରେ ତାଲିମ୍ ଦିଆଯାଇଛି । ଉକ୍ତ ତାଲିମ୍ କାର୍ଯ୍ୟକ୍ରମରେ ମାନ୍ୟବର ଜିଲ୍ଲାପରିଷଦ ସଭାପତି, ବାଲେଶ୍ୱର ଶ୍ରୀଯୁକ୍ତ ନାରାୟଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀଯୁକ୍ତ ତପନ କୁମାର ଖୁଣ୍ଟିଆ ଅଧ୍ୟକ୍ଷତା କରି ନାରୀ ସଶକ୍ତିକରଣ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଉଥିବା ପଦକ୍ଷେପ ମଧ୍ୟରେ 'ଯୌତୁକ ନିଷେଧ ଅଧିନିୟମ-୧୯୬୧' ସମ୍ପର୍କରେ ଆଲୋକପାତ କରିଥିଲେ । ଉପ-ଆରକ୍ଷୀ ଅଧିକ୍ଷକ ନିର୍ମଳା ଗଛାୟତ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଓକିଲ ଶ୍ରୀଯୁକ୍ତ ଗଣେଶ୍ୱର ରାଉତ ସଂଶୋଧନ ବିଶେଷଜ୍ଞ ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ଜିଲ୍ଲା ପ୍ରୋଗ୍ରାମ ସଂଯୋଜକ (ମମତା) ଶ୍ରୀଯୁକ୍ତ ବାମଦେବ ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଅନ୍ୟ ମଞ୍ଚାସୀନ ଅତିଥି ମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଦାୟିତ୍ୱରେ ଶ୍ରୀଯୁକ୍ତ ପ୍ରବୋଧ କୁମାର ମଲ୍ଲିକ, ପ୍ରୋଟେକ୍ସନ ଅଧିକାରୀ ଶ୍ରୀମତୀ ଯୁଥିକାରାଣୀ ରାୟ, ପ୍ରୋଗ୍ରାମ ଅଧିକାରୀ ଗିରିବାଳା ମହନ୍ତ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଖୁସିରାମ ଗାହିର,ସମସ୍ତ ଶିଶୁ ବିକାଶ ପ୍ରକଳ୍ପର ଅଧିକାରୀ, ମହିଳା ସଶକ୍ତିକରଣ କାର୍ଯ୍ୟାଳୟର କର୍ମଚାରୀଗଣ, ଘଏଡଂସ୍ଥ, ଡ.ଫ.ଉର କର୍ମଚାରୀ , ଶକ୍ତି ସଦନ କର୍ମଚାରୀ, ଧର୍ମଗୁରୁ, ସ୍କୁଲ ଛାତ୍ରୀଙ୍କ ସମେତ ଅନ୍ୟାନ୍ୟ ବିଭାଗର କର୍ମକର୍ତ୍ତା ଉପସ୍ଥିତ ଥିଲେ । ପରିଶେଷରେ , ଜିଲ୍ଲା ମହିଳା ସଶକ୍ତିକରଣ କାର୍ଯ୍ୟଳୟର ଜିଲ୍ଲା ସଂଯୋଜକ ପ୍ରଦୀପ କୁମାର ପାଳ ଧନ୍ୟବାଦ ଅର୍ପଣ କରି ତାଲିମ୍ ଶିବିରକୁ ଉଦଯାପିତ କରିଥିଲେ ।

# ଉଦଳାରେ ଉପଖଣ୍ଡ ସ୍ତରୀୟ ୮୦ତମ ସ୍ୱାଧିନତା ଦିବସ ପ୍ରସ୍ତୁତି ବୈଠକ

## 'ଶିଳଘାଟି ବନ୍ଧ' ଓ 'ବାଘାଯତିନ ପୀଠ' ଆମ ଅଂଚଳର ସ୍ୱାଧିନତା ଆନ୍ଦୋଳନର ସ୍ମୃତି ସ୍ମାରକି : ପ୍ରମିଳା ପଣ୍ଡା




ଉଦଳା , ୬/୮ (ନି.ପ୍ର): ପ୍ରତିବର୍ଷ ପରି ଉଦଳା ଠାରେ କପ୍ତିପଦା ଉପଖଣ୍ଡ ସ୍ତରୀୟ ସ୍ୱାଧିନତା ଦିବସ ପାଳନ ପାଇଁ ଚଳିତ ଅଗଷ୍ଟ ୫ ତାରିଖ ବୁଧବାର ଦିନ ସ୍ଥାନୀୟ ସନ୍ଧାନଗୃହ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଏହି ବୈଠକ ଆୟୋଜନର ସବୁପ୍ରକାର ବ୍ୟବସ୍ଥା କରାଯାଇଥିଲା । କପ୍ତିପଦା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ବୈଠକରେ ଅଧ୍ୟକ୍ଷତା କରି ଉପଖଣ୍ଡ ସ୍ତରୀୟ ୮୦ତମ ସ୍ୱାଧିନତା ଦିବସ ପାଳନ ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ସମସ୍ତେ ନିଜ ନିଜର ମତ ଉପସ୍ଥାପନ କରିବାକୁ ଆହ୍ୱାନ ଦେଇଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ଆମ ଅଂଚଳର ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ 'ଶିଳଘାଟି ବନ୍ଧ' ଓ କପ୍ତିପଦା ବ୍ଲକ ଅନ୍ତର୍ଗତ 'ବାଘାଯତିନ ପୀଠ' ସ୍ୱାଧିନତା ଆନ୍ଦୋଳନର ସ୍ମୃତି ସ୍ମାରକି ଅଟେ । ଏ ଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ବର୍ତମାନ ଜରୁରୀ ହୋଇ ପଡ଼ିଛି ବୋଲି ବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ, ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା, ଉଦଳା ପଂଚାୟତ ସମିତିର ଅଧ୍ୟକ୍ଷା ମଂଜୁଲତା ବିଶ୍ୱାଳ, ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ଆଶିଷ ମହାପାତ୍ର ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ନିଜ ନିଜର ମତ ଉପସ୍ଥାପନ କରିଥିଲେ । ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମୁରଲିଧର ଚାନ୍ଦ ବିଗତ ବର୍ଷ ସ୍ୱାଧିନତା ଦିବସ ପାଳନର ରୂପରେଖ କିପରି ଥିଲା ଅବଗତ କରାଇବା ସହ ଚଳିତ ବର୍ଷ କାର୍ଯ୍ୟକ୍ରମର ଏଜେଣ୍ଡା ପ୍ରସ୍ତୁତ କରିଥିଲେ । ବୈଠକରେ ବିଭିନ୍ନ ବ୍ଲକ ଓ ଉପଖଣ୍ଡ ସ୍ତରୀୟ ଅଧିକାରୀ ମାନଙ୍କ ସହ ଗଣମାଧ୍ୟମର ପ୍ରତିନିଧି, ବରିଷ୍ଠ ନାଗରିକ, ସ୍ୱେଚ୍ଛାସେବି ସଂଗଠନର କର୍ମକର୍ତା ଓ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ, ଶିକ୍ଷୟିତ୍ରି ବୃନ୍ଦ ଉପସ୍ଥିତ ଥିଲେ । ସହକାରୀ ଜିଲ୍ଲାପାଳ ପ୍ରତୀକ ପଣ୍ଡା ଚଳିତ ବର୍ଷ ପତାକା ଉତୋଳନ ପୂର୍ବରୁ 'ବନ୍ଦେ ମାତରମ୍' ଓ ଉତୋଳନ ପରେ 'ଜନଗଣମନ...' ପରିବେଷିତ ହେବ । ଏଥିପାଇଁ ଦାୟିତ୍ୱରେ ଥିବା ଗୁରୁଜୀ ଗୁରୁମା ମାନେ ପିଲାଙ୍କୁ ୨ଟି ଯାକ ଜାତୀୟ ସଂଗୀତ ପ୍ରସ୍ତୁତ କରାଇବେ ବୋଲି ସୂଚନା ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ । ଆଜିର ଏହି ପ୍ରସ୍ତୁତି ବୈଠକକୁ ସଫଳ କରିବାରେ ଅଜିତ ମହାପାତ୍ର, କରୁଣାକର ମହାନ୍ତ, ସୀତାକାନ୍ତ ମହାପାତ୍ର, ସୁବ୍ରତ ମହାନ୍ତି, ଆଶିଷ ମଲିକ, ସବିତା ଶଙ୍ଖୁଆ, ନମିତା ରାଉତ, ଅଜୟ ବେହେରା, ଦୁଳମଣି ପୁହାଣ, ପ୍ରଭାତ ପରିଡ଼ା, ସନ୍ତୋଷ ବାଛିନି ପ୍ରମୁଖ ସହଯୋଗ କରିଥିଲେ ।

# ନୀଳଗିରି ମହାବିଦ୍ୟାଳୟରେ ଶକ୍ତିଶ୍ରୀର ଶକ୍ତି ପ୍ରଦର୍ଶନ




ନୀଳଗିରି, ୬/୮ (ନି.ପ୍ର): ମଙ୍ଗଳବାର ଦିନ ନୀଳଗିରି ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶକ୍ତିଶ୍ରୀ ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ରାଉଳ ସଭାପତିତ୍ୱ କରିଥିଲେ । ମୁଖ୍ୟବକ୍ତା ଭାବେ ସ୍ଥାନୀୟ ଆଡଭୋକେଟ୍ ଚିରଞ୍ଜୀବୀ ପାଣିଗ୍ରାହୀ ଯୋଗଦେଇ ଭାରତୀୟ ନାଟ୍ୟସଂହିତା ଆଧାରିତ ନାରୀସୁରକ୍ଷା ସମ୍ବନ୍ଧିତ ଆଇ. ପି. ସି, ପୋଷ୍, ପୋକ୍ସୋ, ଆଣ୍ଟି-ରାଗିଙ୍ଗ୍, ଆଇନ ବିଷୟ ସମ୍ମିଳିତ ଛାତ୍ରୀଙ୍କୁ ଅବଗତ କରାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ତଥା ବରିଷ୍ଠ ଅଧ୍ୟାପକ ଡକ୍ଟର ଶଙ୍କର୍ଷଣ ନାୟକ ଏବଂ ଅନ୍ୟତମ ସମ୍ମାନିତ ଅତିଥି ତଥା ବରିଷ୍ଠ ଅର୍ଥନୀତି ଅଧ୍ୟାପିକା ଶ୍ରୀମତୀ ମଧୁସ୍ମିତା ପଣ୍ଡା ନାରୀସଶକ୍ତିକରଣ ଉପରେ ସୁନ୍ଦର ଅଭିଭାଷଣ ରଖିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଶକ୍ତିଶ୍ରୀ ସଂଯୋଜିକା ତଥା ଇତିହାସ ବିଭାଗ ଅଧ୍ୟାପିକା ଶ୍ରୀମତୀ ସ୍ମିତା ମହାରଣା ଶକ୍ତିଶ୍ରୀର ସଂଗଠନ ଓ କାର୍ଯ୍ୟପନ୍ଥା ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରିଥିଲେ । ସହ ସଂଯୋଜିକା ଶକ୍ତିଶ୍ରୀ ସ୍କ୍ରିନିଙ୍ଗ୍ କମିଟି ସଦସ୍ୟା ତଥା ବାଣିଜ୍ୟବିଭାଗ ଅଧ୍ୟାପିକା ସୁଦେଷ୍ଣା ଚିରସ୍ରୋତା ନାରୀ ସୁରକ୍ଷାର ବିଭିନ୍ନ ଉପାୟ ବତାଇଥିଲେ । ଏହି କାର୍ଯ୍ୟକ୍ରମରେ ଶକ୍ତିଶ୍ରୀ' ସଶକ୍ତିକରଣ ସେଲ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ । ଶକ୍ତିଶ୍ରୀ ସଦସ୍ୟ ତଥା ସଂସ୍କୃତ ବିଭାଗର ବରିଷ୍ଠ ଅଧ୍ୟାପକ ଯୋଶବନ୍ତ ଆଚାର୍ଯ୍ୟ ଧନ୍ୟବାଦ୍ ଅର୍ପଣ କରିଥିଲେ । ମହାବିଦ୍ୟାଳୟ ର ସମସ୍ତ ଅଧ୍ୟାପିକା/ ଅଧ୍ୟାପକ ତଥା ଅଣଶିକ୍ଷକ କର୍ମଚାରୀ ଏହି କାର୍ଯ୍ୟକ୍ରମକୁ ସଫଳ୍ୟ ମଣ୍ଡିତ କରିବାରେ ସହଯୋଗ କରିଥିଲେ ।

## ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ଫକୀରମୋହନ ବିଶ୍ୱବିଦ୍ୟାଳୟର ସିନେଟ୍ ସଦସ୍ୟ ମନୋନୀତ

ନୀଳଗିରି, ୬/୮ (ନି.ପ୍ର): ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୨୦୨୪ ଧାରା ୯(୧)(କ୍ୟୁ) ଅନୁଯାୟୀ ବାଲେଶ୍ୱର ଲୋକସଭା କ୍ଷେତ୍ରର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଫକୀରମୋହନ ବିଶ୍ୱବିଦ୍ୟାଳୟର ସିନେଟ୍ ସଦସ୍ୟ ଭାବେ ମନୋନୀତ କରାଯାଇଛି । ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତିଙ୍କ ଆଦେଶକ୍ରମେ ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶପାଇଛି । ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଶ୍ରୀ ଷଡ଼ଙ୍ଗୀଙ୍କ ଏହି ମନୋନୟନ ତାଙ୍କ ସାଂସଦ ପଦର କାର୍ଯ୍ୟକାଳ ସମାପ୍ତ ହେବା ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ଆଦେଶ ଜାରିହେବା ପର୍ଯ୍ୟନ୍ତ ବଳବତ୍ତର ରହିବ । ଫକୀରମୋହନ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ନୀତି ନିର୍ଦ୍ଧାରକ ଓ ପରାମର୍ଶଦାତା ସଂସ୍ଥା ଭାବେ ପରିଚିତ ସିନେଟ୍‌ରେ ଶ୍ରୀ ଷଡ଼ଙ୍ଗୀଙ୍କ ମନୋନୟନକୁ ବାଲେଶ୍ୱର ଓ ଉତ୍ତର ଓଡ଼ିଶାର ଉଚ୍ଚଶିକ୍ଷା କ୍ଷେତ୍ରପାଇଁ ଏକ ସକାରାତ୍ମକ ପଦକ୍ଷେପ ଭାବେ ଦେଖାଯାଉଛି । ତାଙ୍କର ଅଭିଜ୍ଞତା ଓ ଦୀର୍ଘଦିନର ସାର୍ବଜନିକ ସେବା ବିଶ୍ୱବିଦ୍ୟାଳୟର ଶିକ୍ଷାଗତ ଓ ପ୍ରଶାସନିକ ବିକାଶରେ ସହାୟକ ହେବବୋଲି ଆଶା କରାଯାଉଛି ।

# ପିଏମ୍ ଶ୍ରୀ ଜେଏନ୍‌ଭି ଗୁରୁଜଙ୍ଗରେ ଆଞ୍ଚଳିକ ସ୍ତରୀୟ ବକ୍ସିଂ ଚୟନ ପ୍ରତିଯୋଗିତା ଉଦ୍‌ଘାଟିତ



ଖୋର୍ଦ୍ଧା, ୬/୮ (ନି.ପ୍ର): ନବୋଦୟ ବିଦ୍ୟାଳୟ ସମିତି, ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ତତ୍ତ୍ୱାବଧାନରେ ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ, ଗୁରୁଜଙ୍ଗ, ଖୋର୍ଦ୍ଧାଠାରେ ଆଜି ଆଞ୍ଚଳିକ ସ୍ତରୀୟ ବକ୍ସିଂ ଚୟନ ପ୍ରତିଯୋଗିତା ଔପଚାରିକ ଭାବେ ଉଦ୍‌ଘାଟିତ ହୋଇଛି । ଏହି ପ୍ରତିଯୋଗିତା ୫ ଓ ୬ ଅଗଷ୍ଟ ୨୦୨୬ ଦୁଇଦିନ ଧରି ଅନୁଷ୍ଠିତ ହେବ । ଓଡ଼ିଶା ଓ ଛତିଶଗଡ଼ ରାଜ୍ୟର ୧୬ଟି ଜବାହର ନବୋଦୟ ବିଦ୍ୟାଳୟରୁ ପ୍ରାୟ ୧୫୦ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗୀ ଏବଂ ୨୦ ଜଣ ଏସ୍କର୍ଟ ଶିକ୍ଷକ ଏହି ବକ୍ସିଂ ମିଟ୍‌ରେ ଯୋଗଦେଇଛନ୍ତି । ବାଳକ ଓ ବାଳିକା ବିଭାଗର ବିଭିନ୍ନ ଓଜନ ଶ୍ରେଣୀରେ ପ୍ରତିଯୋଗିତା ଆୟୋଜିତ ହେଉଥିବାବେଳେ ଖେଳାଳିମାନେ ଉଚ୍ଚମାନର କ୍ରୀଡ଼ାନୈପୁଣ୍ୟ, ଶୃଙ୍ଖଳା ଓ କ୍ରୀଡ଼ାସୁଲଭ ମନୋଭାବର ପରିଚୟ ଦେଇଛନ୍ତି । ପ୍ରତିଯୋଗିତାଟି ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ, ଗୁରୁଜଙ୍ଗର ଭାରପ୍ରାପ୍ତ ଅଧ୍ୟକ୍ଷ ଶ୍ରୀ ନୃସିଂହ ଚରଣ ଚକ୍ରଙ୍କ ଉପସ୍ଥିତିରେ ଆୟୋଜିତ ହୋଇଛି । ଉଦ୍‌ଘାଟନୀ ଅବସରରେ ସେ କହିଥିଲେ ଯେ, ନବୋଦୟ ବିଦ୍ୟାଳୟ ସମିତି ସର୍ବଦା ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବିକାଶକୁ ପ୍ରାଧାନ୍ୟ ଦେଇଆସୁଛି ଏବଂ କ୍ରୀଡ଼ା କ୍ଷେତ୍ରରେ ଏପରି ଆଞ୍ଚଳିକ ପ୍ରତିଯୋଗିତାମାନେ ଜାତୀୟ ସ୍ତରର ପ୍ରତିଭା ସୃଷ୍ଟିରେ ସହାୟକ ହେବ । ପ୍ରତିଯୋଗିତାରେ ଅଂଶଗ୍ରହଣକାରୀ ଖେଳାଳିମାନେ ରିଙ୍ଗ୍‌ରେ ନିଜର କୌଶଳ, ଶାରୀରିକ ସାମର୍ଥ୍ୟ ଓ ମାନସିକ ଦୃଢ଼ତାର ଉତ୍କୃଷ୍ଟ ପ୍ରଦର୍ଶନ କରିଥିଲେ । ଆୟୋଜନର ସୁଚାରୁ ପରିଚାଳନା ପାଇଁ ବିଦ୍ୟାଳୟର କ୍ରୀଡ଼ା ବିଭାଗ, ଶିକ୍ଷକମଣ୍ଡଳୀ ଓ କର୍ମଚାରୀମାନେ ସମନ୍ୱିତ ଭାବେ କାର୍ଯ୍ୟ କରୁଛନ୍ତି । ଏହି ଆଞ୍ଚଳିକ ସ୍ତରୀୟ ଚୟନ ପ୍ରତିଯୋଗିତାରୁ ଚୟନିତ ଖେଳାଳିମାନେ ଆଗାମୀ ଜାତୀୟ ସ୍ତରୀୟ ବକ୍ସିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ଏହା ନବୋଦୟ ବିଦ୍ୟାଳୟମାନଙ୍କ ମଧ୍ୟରେ କ୍ରୀଡ଼ା ସଂସ୍କୃତିର ପ୍ରସାର ସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜାତୀୟ ଏକତା ଓ ପାରସ୍ପରିକ ସହଯୋଗର ଭାବନାକୁ ଆହୁରି ସୁଦୃଢ଼ କରିବ ବୋଲି କ୍ରୀଡ଼ାମହଲରେ ମତ ପ୍ରକାଶ ପାଇଛି ।

# ସନ୍ଥ ଶିରୋମଣି ରବିଦାସଙ୍କ ୬୫୦ତମ ଜନ୍ମବାର୍ଷିକୀ, 'ହର ଘର ତ୍ରିରଙ୍ଗା' ଅଭିଯାନ ଓ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳନ ପାଇଁ ବିଜେପି ବାଲେଶ୍ୱର ଜିଲ୍ଲାର ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୬/୮ (ନି.ପ୍ର): ଭାରତୀୟ ଜନତା ପାର୍ଟି ବାଲେଶ୍ୱର ଜିଲ୍ଲା ପକ୍ଷରୁ ସନ୍ଥ ଶିରୋମଣି ରବିଦାସଙ୍କ ୬୫୦ତମ ଜନ୍ମବାର୍ଷିକୀ ପାଳନ, 'ହର ଘର ତ୍ରିରଙ୍ଗା' ଅଭିଯାନ ଏବଂ ୧୪ ଅଗଷ୍ଟରେ ପାଳନ କରାଯାଉଥିବା ବିଭାଜନ ବିଭୀଷିକା ସ୍ମୃତି ଦିବସ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଆଜି ସିଦ୍ଧି କଲ୍ୟାଣ ମଣ୍ଡପରେ ଜିଲ୍ଲା ସଭାପତି ଶ୍ରୀ ଈଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉଭୟ କାର୍ଯ୍ୟକ୍ରମର ସଂଯୋଜକ ଭାବେ ପର୍ଶୁରାମ ପରିଡ଼ା ଓ ବିଜୟ ସାହୁ କାର୍ଯ୍ୟକ୍ରମର ରୂପରେଖ ବାବଦରେ ଅବଗତ କରାଇଥିଲେ । ଏହି ବୈଠକରେ ଜିଲ୍ଲା ପ୍ରଭାରୀ ଶ୍ରୀ ଗୌତମ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଗାମୀ କାର୍ଯ୍ୟକ୍ରମଗୁଡ଼ିକର ସଫଳ ଆୟୋଜନ ପାଇଁ ବିସ୍ତୃତ ରୂପରେଖା ଉପସ୍ଥାପନ କରିଥିଲେ । ସେ ସମସ୍ତ ମଣ୍ଡଳ ଓ ଶକ୍ତିକେନ୍ଦ୍ର ସ୍ତରରେ ଜନସମ୍ପର୍କ ବୃଦ୍ଧି ସହ ବ୍ୟାପକ ଜନଭାଗିଦାରୀରେ କାର୍ଯ୍ୟକ୍ରମ ପାଳନ କରିବାକୁ ଆହ୍ୱାନ ଦେଇଥିଲେ । ?ମଞ୍ଚରେ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ ଉପସଭାପତି ଶିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୁଷମା ରାଣୀ ବିଶ୍ୱାଳ ଓ ମମତା ମହାପାତ୍ର, ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ଓ ଜିଲ୍ଲା ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ନନ୍ଦ ମଞ୍ଚାସିନ ଥିଲେ । ?ବକ୍ତାମାନେ କହିଥିଲେ ଯେ ସନ୍ଥ ଶିରୋମଣି ରବିଦାସ ଜଣେ ମହାନ ସନ୍ଥ, ସମାଜ ସଂସ୍କାରକ ଓ ସମତା, ଭ୍ରାତୃତ୍ୱ ଏବଂ ମାନବତାର ବାର୍ତ୍ତାବାହକ ଥିଲେ । ତାଙ୍କ ଜୀବନ ଓ ଆଦର୍ଶ ସାମାଜିକ ସମରସତା, ଜାତିଭେଦ ମୁକ୍ତ ସମାଜ ଗଠନ ଏବଂ ମାନବ ସେବା ପାଇଁ ସର୍ବଦା ପ୍ରେରଣା ଯୋଗାଇ ଆସୁଛି । ତାଙ୍କ ୬୫୦ତମ ଜନ୍ମବାର୍ଷିକୀ ଅବସରରେ ସମାଜରେ ଏକତା, ସଦ୍ଭାବ ଓ ସମାନତାର ବାର୍ତ୍ତା ପହଞ୍ଚାଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ । 'ହର ଘର ତ୍ରିରଙ୍ଗା' ଅଭିଯାନ ସମ୍ପର୍କରେ ବକ୍ତାମାନେ କହିଥିଲେ ଯେ ଜାତୀୟ ପତାକା କେବଳ ଦେଶର ପ୍ରତୀକ ନୁହେଁ, ଏହା ଆମର ଗୌରବ, ଐକ୍ୟ, ଆତ୍ମସମ୍ମାନ ଓ ଦେଶପ୍ରେମର ପ୍ରତୀକ । ପ୍ରତ୍ୟେକ ଘରେ ତ୍ରିରଙ୍ଗା ଉତ୍ତୋଳନ ମାଧ୍ୟମରେ ଦେଶପ୍ରେମର ଭାବନାକୁ ଆହୁରି ସୁଦୃଢ଼ କରିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ । ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଏହି ଅଭିଯାନକୁ ସଫଳ କରିବା ପାଇଁ ଘରେ ଘରେ ପହଞ୍ଚି ଜନସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଦିଆଯାଇଥିଲା । ୧୪ ଅଗଷ୍ଟରେ ପାଳନ କରାଯାଉଥିବା ବିଭାଜନ ବିଭୀଷିକା ସ୍ମୃତି ଦିବସ ସମ୍ପର୍କରେ ବକ୍ତାମାନେ କହିଥିଲେ ଯେ ଦେଶ ବିଭାଜନ ସମୟରେ ଲକ୍ଷ ଲକ୍ଷ ଲୋକ ପ୍ରାଣ ହରାଇଥିଲେ, ଘରଦ୍ୱାର ଛାଡ଼ିବାକୁ ବାଧ୍ୟ ହୋଇଥିଲେ ଏବଂ ଅକଳ୍ପନୀୟ ଦୁଃଖ ଓ ଯନ୍ତ୍ରଣାର ସମ୍ମୁଖୀନ ହୋଇଥିଲେ । ଏହି ଦିବସ ସେହି ପୀଡ଼ିତମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଜାତୀୟ ଏକତା, ସାମାଜିକ ସଦ୍ଭାବ ଏବଂ ଅଖଣ୍ଡ ଭାରତର ଚେତନାକୁ ସୁଦୃଢ଼ କରିବାର ଏକ ସୁଯୋଗ ବୋଲି ମତ ପ୍ରକାଶ ପାଇଥିଲା । ବୈଠକରେ ଜିଲ୍ଲାର ସମସ୍ତ ପଦାଧିକାରୀ, ମୋର୍ଚ୍ଚା ସଭାପତି, ମଣ୍ଡଳ ସଭାପତି ଓ ବହୁ ସଂଖ୍ୟକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଆଗାମୀ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସଂକଳ୍ପ ବ୍ୟକ୍ତ କରିଥିଲେ । ଶେଷରେ ଜିଲ୍ଲା ଉପସଭାପତି କରୁଣାକର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଭଦ୍ରକ ଜିଲ୍ଲାର ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କଲେ ଗ୍ରାମ୍ୟ ଉନ୍ନୟନ ବିଭାଗର କମିଶନର ତଥା ସଚିବ ଯାମିନୀ ଷଡଙ୍ଗୀ



ଭଦ୍ରକ, ୬/୮ (ନି.ପ୍ର): ଉନ୍ନୟନ ବିଭାଗର କମିଶନର ତଥା ସଚିବ ଯାମିନୀ ଷଡ଼ଙ୍ଗୀ, ଆଜି ଭଦ୍ରକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇ ବିଭିନ୍ନ ବିକାଶମୂଳକ ଯୋଜନାର ଅଗ୍ରଗତିର ସମୀକ୍ଷା କରିଥିଲେ । ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଶୁଭେନ୍ଦ୍ର ସାମଲଙ୍କ ସମେତ ନିଯୁକ୍ତି ବିଭାଗ , କୃଷି ଉଦ୍ୟାନ , ପ୍ରାଣୀ ସମ୍ପଦ ବିଭାଗ , ପୂର୍ତ୍ତ ବିଭାଗ , କୃଷି, ମୃତ୍ତିକା ସଂରକ୍ଷଣ, ସମବାୟ, ଶିକ୍ଷା, ଶ୍ରମ ବିଭାଗ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ , ଜିଲ୍ଲା ସମାଜ ମଙ୍ଗଳ ବିଭକ୍ୱାଗା , ଗ୍ରାମ୍ୟ ଉନ୍ନୟନ ବିଭାଗ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜ ବିଭାଗର କାର୍ଯ୍ୟ ପ୍ରଗତି ଉପସ୍ଥାପନ କରିଥିଲେ । କମିଶନର ତଥା ସଚିବ ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ, ଜିଲ୍ଲାର ସାମଗ୍ରିକ ବିକାଶ, ଭିତ୍ତିଭୂମି ସୁଦୃଢ଼ୀକରଣ, କୃଷି ଓ ଜୀବିକା ବିକାଶ, ଶିକ୍ଷା, ସାମାଜିକ ସୁରକ୍ଷା ଏବଂ ନଗର ଉନ୍ନୟନ ଆଦି ବିଷୟରେ ବିସ୍ତୃତ ସମୀକ୍ଷା କରିଥିଲେ । କାର୍ଯ୍ୟାନ୍ୱୟନରେ ଥିବା ସମସ୍ୟା ଓ ଚ୍ୟାଲେଞ୍ଜର ସମାଧାନ ପାଇଁ ସେ ଆବଶ୍ୟକ ପରାମର୍ଶ ଓ ଦିଗନିର୍ଦ୍ଦେଶ ପ୍ରଦାନ କରିବା ସହ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନା ଗୁଡ଼ିକର ଗୁଣାତ୍ମକ ଓ ସମୟବଦ୍ଧ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିଥିଲେ ।ଗସ୍ତ ସମୟରେ ସେ ଧାମନଗର ବ୍ଲକ ଅନ୍ତର୍ଗତ ଅର୍ଣ୍ଣପାଳ–ରାଜ ମୁକୁନ୍ଦପୁର ରାସ୍ତାର ୩.୮ କି.ମି. ସ୍ଥିତ ବ୍ରିଜ୍ ସ୍ଥାନ ପରିଦର୍ଶନ କରି ବନ୍ୟା କ୍ଷୟକ୍ଷତି ଏବଂ ମରାମତି କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ । ପରେ ଅସୁରାଳୀ ଅଙ୍ଗନୱାଡି କେନ୍ଦ୍ର ଏବଂ ଦେଶବନ୍ଧୁ ନୋଡାଲ ୟୁ.ପି. ସ୍କୁଲ ପରିଦର୍ଶନ କରି ସେଠାରେ ପ୍ରଦାନ କରାଯାଉଥିବା ସେବା ଓ ଭିତ୍ତିଭୂମି ସୁବିଧା ସମ୍ପର୍କରେ ସମୀକ୍ଷା କରିଥିଲେ ।ଏହାପରେ ସେ ଧାମନଗର ବ୍ଲକର ଶ୍ରୀରାମପୁରରୁ ପାତ୍ରିସାହି ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ଅଗ୍ରଗତି ଯାଞ୍ଚ କରିବା ସହ ପାଲାସାହି ଗ୍ରାମପଞ୍ଚାୟତର ତୋଟା ସାହିଠାରେ ଶ୍ରୀଜଗନ୍ନାଥ ସ୍ୱୟଂ ସହାୟକ ଗୋଷ୍ଠୀ ପରିଚାଳିତ ଧାନନଡ଼ା ଛତୁ ଉତ୍ପାଦନ ୟୁନିଟ୍ ପରିଦର୍ଶନ କରି ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ । ଭଦ୍ରକ ବ୍ଲକର ଇଚ୍ଛାପୁରଠାରେ ଆରତୀ ପାଲଙ୍କ ମତ୍ସ୍ୟଚାଷ ପ୍ରକଳ୍ପ ପରିଦର୍ଶନ କରିବା ସହ କେଦାରପୁର ଗ୍ରାମପଞ୍ଚାୟତର ଜିତନଗର ଓ କେଦାରପୁର ଗ୍ରାମର ବ୍ୟକ୍ତିଗତ ହିତାଧିକାରୀଙ୍କ କୃଷି ପ୍ରକଳ୍ପ ପରିଦର୍ଶନ କରିଥିଲେ । ଇଚ୍ଛାପୁର, ବ୍ରହ୍ମପୁର ଗ୍ରାମପଞ୍ଚାୟତରେ ନ୍ୟାୟମୂଲ୍ୟ ଦୋକାନ ଓ ଗ୍ରାମୀଣ ଆବାସ ଯୋଜନାର ହିତାଧିକାରୀଙ୍କ ସହ ମଧ୍ୟ ସେ ଆଲୋଚନା କରିଥିଲେ ।

## ପଲିଥିନ ତଳେ ଦିନ ବିତାଉଛନ୍ତି ବିଧବା ମା' 'କୁନି'

ଉଦଳା , ୬/୮ (ନି.ପ୍ର): ଉଦଳା ବ୍ଲକର ଭୀମତାଳି ପଂଚାୟତ ଅନ୍ତର୍ଗତ ଅଠଣଗାଁ ଗ୍ରାମରେ ବସ ବାସ କରୁଥିବା ବିଧମା ମା' କୁନି ମହାକୁଡ଼ ଦିର୍ଘବର୍ଷ ଧରି ପଲିଥିନ ତଳେ ଦିନ ବିତାଇବାକୁ ବାଧ ହୋଇଛନ୍ତି । ଆର୍ଥିକ ଅବସ୍ଥା ସ୍ୱଛଳ ନଥିବା ବେଳେ ସେ ସମ୍ପୂର୍ଣ୍ଣ ଭୂମିହୀନ ହୋଇଥିବାରୁ ଆବାସ ଯୋଜନାରେ ଘରଟିଏ ପାଇପାରିନଥିବାର ଜଣାଇଛନ୍ତି । ସେହିପରି ପାଇଖାନା ଓ ପାଣିପାଇଁ ତାଙ୍କୁ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଥିବାର କଥା କହିଛନ୍ତି । ବିଭାଗୀୟ କତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।




❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida